

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୬ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 16 SEPTEMBER 2021

Vol.No. 32 ■ No. 238 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଇଟିଆରରୁ ଗୁପ୍ତ ତଥ୍ୟ ଚୋରୀ ମାମଲା

# ବିଚାର ବିଭାଗ ହାଜତ ଗଲେ ଚାରି ଅଭିଯୁକ୍ତ

### କ୍ରାଇମ ବ୍ରାଞ୍ଚକୁ ମାମଲା ହସ୍ତାନ୍ତର, ବିଦେଶୀ ମହିଳାଙ୍କ ହନିଟ୍ରାପରେ ଫସି କରୁଥିଲେ ଦେଶ ବିରୋଧୀ କାର୍ଯ୍ୟ

ବାଲେଶ୍ୱର,୧୫/୦୯ (ନି.ପ୍ର): ଚାନ୍ଦିପୁର ପ୍ରତିରକ୍ଷା ବିଭାଗର ଏକୀକୃତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ ବିଦେଶୀ ରାଷ୍ଟ୍ରକୁ ଗୁପ୍ତ ତଥ୍ୟ ପ୍ରଦାନ ମାମଲାରେ ଜାମିନ ନାମଞ୍ଜୁର ହେବାରୁ ଗିରଫ ୪ ଠିକା କର୍ମଚାରୀଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି । ଅନ୍ୟପକ୍ଷରେ ପୁଲିସ ପକ୍ଷରୁ ଚାନ୍ଦିପୁର ଥାନାରେ ରୁଜୁ ହୋଇଥିବା ୭୬/୨୦୨୧ ନଂ ର ମାମଲାର ତଦନ୍ତ ଭାର ଓଡିଶା କ୍ରାଇମ ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି । କ୍ରାଇମବ୍ରାଞ୍ଚଆଡିସନାଲ ଏସପି ପ୍ରଶାନ୍ତ କୁମାର ବିଶୋଇ ଏହାର ତଦନ୍ତ ଭାର ନେବେ ବୋଲି ପୋଲିସ ମହାନିର୍ଦ୍ଦେଶକ ଟୁଇଟ୍ ମାଧମରେ ଜଣାଇଛନ୍ତି । ଶ୍ରୀ ବିଶୋଇଙ୍କ ନେତୃତ୍ୱରେ ଚାରି ଜଣିଆ ଟିମ୍ ବାଲେଶ୍ୱର ଆସି ଏହି



ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବେ ବୋଲି ବାଲେଶ୍ୱର ଏସପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି । ଏହି ମାମଲାରେ ଗିରଫ ୪ ଅଭିଯୁକ୍ତ ଚାନ୍ଦିପୁର ଥାନା ଅନ୍ତର୍ଗତ ଝାମ୍ପୁରାହାଟ ଓ ନୂଆନଈ ଘାଟ ଅଞ୍ଚଳର ବସନ୍ତ ବେହେରା, ହେମନ୍ତ କୁମାର ମିସ୍ତ୍ରୀ, ତାପସ ରଞ୍ଜନ ନାୟକ ଓ ସେଖ ଫୁସାଫିରଙ୍କୁ କ୍ରାଇମବ୍ରାଞ୍ଚ ଖୁବଶୀଘ୍ର ରିମାଣ୍ଡରେ ନେବ ବୋଲି ଜଣାପଡ଼ିଛି । ତେବେ ଅଭିଯୁକ୍ତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଇବା ପରେ ପୁଲିସ ବାଲେଶ୍ୱର ଏସଡିଜିଏମଙ୍କ ଅଦାଲତରେ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ସରକାରୀ ଓକିଲ ଗାୟତ୍ରୀ ଦାସ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ତିନି ଜଣ ଆଇଟିଆରରେ ଓ ଜଣେ ପ୍ରୁଫ ଏଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିସମେଣ୍ଟ (ପିଏକ୍ସଇ)ରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ଅଭିଯୁକ୍ତମାନଙ୍କ ନିକଟକୁ ଆଇଏସଡି କଲ୍ ଆସୁଥିବା ଏବଂ ସେମାନେ ମଧ ଦେଶ ବାହାରକୁ କଲ୍ କରୁଥିବା କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା (ଆଇବି)ର ଟ୍ରାକରୁ ଜଣାପଡ଼ିଥିଲା । ପାକିସ୍ତାନକୁ ଲାଗି ରାଜସ୍ଥାନ ସୀମାରୁ ଆସୁଥିବା ଏହି କଲକୁ ନେଇ ଗୋଇନ୍ଦା ବିଭାଗର ସନ୍ଦେହ ବଢ଼ିଥିଲ । ଅଭିଯୁକ୍ତମାନେ ଫେସବୁକ ଓ ହ୍ୱାଟ୍ସଆପ୍‌ରେ ଭଏସ ଓ ଭିଡିଓ କଲ୍ ମାଧ୍ୟମରେ ବିଦେଶୀ ମହିଳା ଏଜେଣ୍ଟମାନଙ୍କ ସହ ଯୋଗାଯୋଗରେ ରହୁଥିବା ଜଣାପଡିଛି । ଏହି କଲ୍ ମାଧ୍ୟମରେ ଅଭିଯୁକ୍ତମାନେ ପଡ଼ୋଶୀ ପାକିସ୍ତାନ ଏଜେଣ୍ଟଙ୍କୁ

▶▶ପୃଷ୍ଠା ୭

## କୋଟିପତି ଅଙ୍ଗନବାଡ଼ି ଦିଦି ଗିରଫ



ଭୁବନେଶ୍ୱର,୧୫/୦୯(ନି.ପ୍ର): ଗିରଫ ହେଲେ ଅଙ୍ଗନବାଡ଼ି ଦିଦି । କୋଟିପତି ଅଙ୍ଗନବାଡ଼ି ଦିଦିଙ୍କୁ ଗିରଫ କଲା ଭିଜିଲାନ୍ସ ସେଲ୍ । ଗତକାଲି ରେଡ୍ ବେଳେ ଠାବ ହୋଇଥିଲା ୪ କୋଟି ଟଙ୍କାରୁ ଅଧିକ ସମ୍ପତ୍ତି । ଭିଜିଲାନ୍ସ ଜାଲରେ କୋଟିପତି ଅଙ୍ଗନବାଡ଼ି ଦିଦି । ୪ କୋଟି ଟଙ୍କାର ମାଲିକାଣୀ ଅଙ୍ଗନବାଡ଼ି ଦିଦି କବିତା ମଥାନଙ୍କ ହାତରେ ହାତକଡି ପିନ୍ଧାଇଛି ଭିଜିଲାନ୍ସ ସେଲ୍ । ତେବେ ଏହି ଅଙ୍ଗନବାଡ଼ି ଦିଦିଙ୍କର ଭୁବନେଶ୍ୱରରେ ରହିଛି ୩ଟି କୋଠା ଓ ୧୦ଟି ଜମି । ୬ଟି ଭିଜିଲାନ୍ସ ଟିମ୍ ୬ଟି ସ୍ଥାନରେ ଚଢାଉ କରି ଏହି ତାଜୁବ କଲା ଭଳି ସମ୍ପତ୍ତିର ତାଲିକା ଗତକାଲି ସାମ୍ନାକୁ ଆଣିଥିଲା । ଭୁବନେଶ୍ୱର କୋରଡକଣ୍ଟା ଅଙ୍ଗନବାଡ଼ି ଦିଦି କବିତା ମଥାନଙ୍କ ରାଜଧାନୀ ଭୁବନେଶ୍ୱରରେ ରହିଛି ଗୋଟିଏ ୪ମହଲା କୋଠା, ଗୋଟିଏ ୩ ମହଲା କୋଠା ଓ ଦୁଇଟି ଦୁଇ ମହଲା କୋଠା । ସେହିପରି କବିତାଙ୍କ ନାମରେ ୧୪ଟି ଜମି ବିଭିନ୍ନ ସ୍ଥାନରେ ରହିଛି । ଯେଉଁଥିରେ କେବଳ ଭୁବନେଶ୍ୱରରେ ରହିଛି ୧୦ଟି ଜାଗା, ଜଗତସିଂହପୁରରେ ତିନୋଟି ଏବଂ ବାଲିଅନ୍ତାରେ ଗୋଟିଏ ଜମି ରହିଛି । ଦିଦିଙ୍କ ନାଁରେ ଗୋଟିଏ ୪ଚକିଆ ଗାଡି ଥିବା ବେଳେ ୩ଟି ଦୁଇ ଚକିଆ ଗାଡି ରହିଛି । ଏହାସହ ୬ଲକ୍ଷ ୩୬ହଜାର ଟଙ୍କାର ସୁନାଗହଣା ମଧ ରହିଛି । ଭୁବନେଶ୍ୱର କୋରଡକଣ୍ଟା ଅଙ୍ଗନବାଡ଼ି ଦିଦି କବିତା ମଥାନଙ୍କ ଘରେ ଗତକାଲି ଅଚାନକ ଭିଜିଲାନ୍ସ ଚଢାଉ କରିଥିଲା । ଲଗାତାର ଭାବେ ଅଙ୍ଗନବାଡ଼ି ଦିଦିଙ୍କ ବିରୋଧରେ ଆସୁଥିଲା ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ । ଅନେକ ଦିନ ଧରି ଭିଜିଲାନ୍ସ ସ୍କାନରରେ ଥିଲେ ଅଙ୍ଗନବାଡ଼ି ଦିଦି । ଅସାଧୁ ଉପାୟରେ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ରେଡ୍ କରିଥିଲା ଭିଜିଲାନ୍ସ । ବ୍ୟାଙ୍କ ଆକାଉଣ୍ଟରୁ ଆରମ୍ଭ କରି ଅଙ୍ଗନବାଡ଼ି କେନ୍ଦ୍ରରେ ଅଣ୍ଡା, ଛତୁଆ ଯୋଗାଣରେ ବ୍ୟାପକ ହେରଫେର ହୋଇଥିବା ପ୍ରମାଣ ପାଇ ରେଡ କରିଥିଲା ଭିଜିଲାନ୍ସ । ଆଉ ଆଜି ତାଙ୍କୁ ଗିରଫ କରାଯାଇଛି ।

## ବିଜେଡିରେ ଯୋଗଦେଲେ ଚନ୍ଦ୍ରଶେଖର ମାଝି

ଭୁବନେଶ୍ୱର,୧୫/୦୯ (ନି.ପ୍ର): କଂଗ୍ରେସର ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି ବିଜେଡିରେ ଯୋଗଦେଇଛନ୍ତି । ଗତକାଲି ସେ କଂଗ୍ରେସରୁ ଇସ୍ତଫା ଦେଇଥିଲେ । କୋଟପାଡର ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି ବୁଧବାର ଦିନ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ପଦ୍ମିନୀ ଦିଆନ, ସାଂସଦ ରମେଶ ମାଝି, ସୁବାସ ସିଂହ, ବିଜେଡି ବିଧାୟକ ପ୍ରତାପ ଦେବ ପ୍ରମୁଖଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି । ଚନ୍ଦ୍ରଶେଖରଙ୍କ ସହ ଶହ ଶହ କର୍ମୀ ଓ ସମର୍ଥକ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି । ୨୦୧୪ରେ କୋରପୁଟ କୋଟପାଡ଼ରୁ ବିଧାୟକ ଥିଲେ ଚନ୍ଦ୍ରଶେଖର । ୨୦୧୯ରେ କୋଟପାଡ଼ କଂଗ୍ରେସ ଦଳର ବିଧାୟକ ପାର୍ଥୀ ଥିଲେ । ବିଜେଡିରେ ଯୋଗ ଦେବା ପରେ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ, ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହେଲେ ।

## ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୧୫/୦୯(ନି.ପ୍ର): ମଙ୍ଗଳବାର ଛତିଶଗଡରେ ପ୍ରବଳ ବର୍ଷା । ଯୋଗୁଁ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶ ବୃଦ୍ଧି ପାଇଛି । ଜଳସ୍ତର ବୃଦ୍ଧି ପାଇବା ପରେ ଜଳଭଣ୍ଡାରୁ ୧୮ଟି ଗେଟ ଦେଇ ଜଳ ନିଷ୍କାସନ କରାଯାଉଛି । ତେବେ ଜଳଭଣ୍ଡାରରେ ୬୨୮ ଫୁଟରେ ଜଳସ୍ତରକୁ ରଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି ସରକାର । ତଳମୁଣ୍ଡରେ ବର୍ଷା କମିଥିଲେ ବି ହୀରାକୁଦ ଜଳଭଣ୍ଡାରୁ ବନ୍ୟା ଜଳ ଆସୁଥିବାରୁ ମହାନଦୀ ଫୁଲିବାରେ ଲାଗିଛି । ନରାଜ ନିକଟରେ ମହାନଦୀର ଜଳସ୍ତର ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି । ଉପର ମୁଣ୍ଡରୁ ପାଣି ଆସୁଥିବାରୁ

▶▶ପୃଷ୍ଠା ୭

## ଦୁନିଆର ୧୦୦ ପ୍ରଭାବଶାଳୀ ବ୍ୟକ୍ତି ତାଲିକାରେ ପୁଣି ମୋଦୀ



ନୂଆଦିଲ୍ଲୀ,୧୫/୦୯: ଆମେରିକାର ପ୍ରସିଦ୍ଧ ଟାଇମ୍ ମାଗାଜିନ ଚଳିତ ବର୍ଷର ୧୦୦ ଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶ କରିଛି । ଯାହା ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ସିରମ ଇନଷ୍ଟିଚ୍ୟୁଟର ସିଇଓ ଅଦାର ପୁନାବାଲା ରହିଛନ୍ତି । ତାଙ୍କ ସହିତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ ଚଳିତ ବର୍ଷ ଟାଇମ୍ ମାଗାଜିନରେ ସ୍ଥାନ ପାଇଥିବା ସୂଚନା ମିଳିଛି । ଟାଇମ୍ ମାଗାଜିନର ଏହି ଲିଷ୍ଟକୁ ମୋଟ ୬ ଭାଗରେ ବିଭକ୍ତ କରାଯାଇଛି । ଯେଉଁଥିରେ କଳାକାର, ଲିଡର, ଆଇକନ ଭଳି ଅନେକ ବିଭାଗ ରହିଛି । ତା ସହିତ ସାରା ଦୁନିଆର ଅନେକ ଚର୍ଚ୍ଚିତ ଚେହେରାଙ୍କୁ ଏହି ଲିଷ୍ଟରେ ସାମିଲ କରାଯାଇଛି । ଗତ ବର୍ଷ ମଧ ଟାଇମ୍ ମାଗାଜିନର ପ୍ରଭାବଶାଳୀ ବ୍ୟକ୍ତି ତାଲିକାରେ ସ୍ଥାନ ପାଇଥିଲେ ପ୍ରଧାନମନ୍ତ୍ର ମୋଦୀ । ଗତ ବର୍ଷ ଏହି ତାଲିକାରେ ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା , ଗୁଗୁଲ ସିଇଓ ସୁନ୍ଦର ପିଚାଇ, ଏଚଆଇଭି ଉପରେ ରିସର୍ଚ୍ଚ କରୁଥିବା ରବିନ୍ଦର ଗୁପ୍ତା ଏବଂ ଶାହିନ ବାଗ ଧାରଣାରେ ସାମିଲ ଥିବା ବିଲ୍‌କିସ୍ଙ୍କ ନାମ ସାମିଲ ଥିଲା । ଭାରତର ଏହି ନାଁ ମାନଙ୍କ ସହିତ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍, ଉପ ରାଷ୍ଟ୍ରପତି କମଳା ହାରିସ, ଚୀର ରାଷ୍ଟ୍ରପତି ସି ଜିନପିଙ୍ଗ୍, ପ୍ରିନ୍ସ ହ୍ୟାରୀ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ନାଁ ମଧ ସାମିଲ ଅଛି । ଖାଲି ସେତିକି ନୁହେଁ, ଆଫଗାନିସ୍ତାନକୁ କବଜା କରି ତାଲିବାନୀ ସରକାର ଗଠନ କରିଥିବା ମୁଲ୍ଲା ବରାଦର ମଧ ଏହି ଲିଷ୍ଟରେ ରହିଛନ୍ତି ।

## ପ୍ରକାଶ ପାଇଲା ଜେଇଇ ମେନ୍ ରେଜଲ୍ଟ



ଭୁବନେଶ୍ୱର,୧୫/୦୯(ନି.ପ୍ର): ପ୍ରକାଶ ପାଇଛି ଜେଇଇ ମେନ୍ ରେଜଲ୍ଟ । ଏହି ଇଂଜିନିୟରିଂ ପ୍ରବେଶିକା ପରୀକ୍ଷାରେ ୪୪ ପରୀକ୍ଷାର୍ଥୀ ୧୦୦ ପ୍ରତିଶତ ସ୍କୋର କରିଥିବା ବେଳେ ୧୮ ଜଣ ଶୀର୍ଷ ରାଙ୍କ ମଧ୍ୟରେ ରହିଛନ୍ତି । ମଧ୍ୟରାତ୍ରୀରେ ଶିକ୍ଷା ମନ୍ତ୍ରାଳୟ ରେଜଲ୍ଟ ପ୍ରକାଶ ପାଇଥିବା ନେଇ ସୂଚନା ଦେଇଛି । କର୍ଣ୍ଣାଟକର ଗୌରବ ଦାସ ପ୍ରଥମ ସ୍ଥାନ ଅଧିକାର ରହିଥିବା ବେଳେ ଦ୍ୱିତୀୟରେ ବିହାରର ବୈଭବ ବିଶାଳ, ତୃତୀୟରେ ଆନ୍ଧ୍ରପ୍ରଦେଶର ଡୁଗିନେନି ଭେଙ୍କଟା ପନେଶ ରହିଛନ୍ତି । ଚଳିତ ବର୍ଷ ଜେଇଇ-ମେନ ପ୍ରବେଶିକା ପରୀକ୍ଷା ଚାରି ଥର ହୋଇଥିଲା । ନ୍ୟାସନାଲ ଟେଷ୍ଟି ଏଜେନ୍ସି ଅଧୀନରେ ହୋଇଥିବା ଏହି ପରୀକ୍ଷା ଅଗଷ୍ଟ ୨୬ରୁ ସେପ୍ଟେମ୍ବର ୨ ମଧ୍ୟରେ ହୋଇଥିଲା । ଇଂରାଜୀ, ହିନ୍ଦୀ, ଓଡିଆ ସମେତ ମୋଟ୍ ୧୩ଟି ଭାଷାରେ ଏହି ପ୍ରବେଶିକା ପରୀକ୍ଷା ହୋଇଥିଲା ।

## ଫିକି ଇଣ୍ଡିଆର 'ଲିଡ୍ସ ୨୦୨୧'ରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୫/୦୯(ନି.ପ୍ର): ଭାରତର ଡିଜିଟାଲ ପରିବର୍ତ୍ତନ ଆଫ୍ରିକୀୟ ଦେଶ ପାଇଁ ଏକ ମଡେଲ ଭାବରେ ଉଭା ହେବ । ଅତ୍ୟାଧୁନିକ ଜ୍ଞାନ କୌଶଳ ସହ ଭାରତ ସରକାର ଏବଂ ଶିକ୍ଷାୟନ ଗୁଡିକ ଆଫ୍ରିକୀୟ ପ୍ରତିପକ୍ଷଙ୍କ ସହ ମିଳିତ ଭାବରେ ଡିଜିଟାଲ ଭିତିଭୂମି, ପ୍ରଯୁକ୍ତିବିଦ୍ୟା ଟ୍ରାନ୍ସମିସନ, ପ୍ରଶିକ୍ଷଣ ଏବଂ ଦକ୍ଷତା ବୃଦ୍ଧି ; ଆଫ୍ରିକାକୁ ଏକ ଡିଜିଟାଲ ପରିସଂସ୍ଥାନରେ ପରିଣତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବୁଧବାର ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚେମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ଇଣ୍ଡିଆର ଲିଡ୍ସ ୨୦୨୧ର "ଫ୍ୟୁଚର ଅଫ୍ ଡ଼ିଜିଟାଲାଇଜେସନ୍ ଇନ୍ ଇଣ୍ଡିଆ ଆଫ୍ରିକା ପାର୍ଟନରସିପ୍" ଶୀର୍ଷକ ଆଲୋଚନା ଚକ୍ରରେ ଭିଡିଓ କନଫରେନ୍ସିଂରେ ସାମିଲ ହୋଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଡ଼ିଜିଟାଲ ପାର୍ଥକ୍ୟକୁ ଦୂର କରିବାରେ ସାହାଯ୍ୟ କରିବା ପାଇଁ ଆଇସିଟି ସହଯୋଗରେ ଆଫ୍ରିକୀୟ ଦେଶ ମାନଙ୍କ ପାଇଁ ଭାରତ ଏକ ସ୍ୱାଭାବିକ ଭାଗୀଦାର । ଉଭୟ ଭାରତ ଏବଂ ଆଫ୍ରିକା ଅନୁରୂପ ବିକାଶର ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ବିଗତ ୭ ବର୍ଷ ମଧ୍ୟରେ ଭାରତ ଡ଼ିଜିଟାଲ ଇଣ୍ଡିଆ, ପହଲ୍, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ଭାରତ ନେଟ୍, ରୁପେ ଏବଂ ଇଣ୍ଡିଆ ଷ୍ଟାକ୍ ଭଳି ଅନେକ ଅଭିନବ ଡ଼ିଜିଟାଲ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଦକ୍ଷତା ବିକାଶ

▶▶ପୃଷ୍ଠା ୭

## ପିପିଲି ଉପନିର୍ବାଚନ : ବିଜେଡିର ୨୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା

ଭୁବନେଶ୍ୱର,୧୫/୦୯ (ନି.ପ୍ର): ପିପିଲି ଉପନିର୍ବାଚନ ପାଇଁ ବିଜେଡିର ୨୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପିପିଲି ପ୍ରଚାର ମୈଦାନକୁ ଓହ୍ଲାଇବ ବିଜେଡି । ନବୀନଙ୍କ ସମେତ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମହେଶ୍ୱର ମହାନ୍ତି, ଦେବୀ ପ୍ରସାଦ ମିଶ୍ର, ପିନାକୀ ମିଶ୍ର, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ପ୍ରମିଳା ମଲ୍ଲିକ, ସଞ୍ଜୟ ଦାସବର୍ମା, ସମୀର ରଞ୍ଜନ ଦାଶ, ସୁଶାନ୍ତ ସିଂ, ସ୍ନେହାଙ୍ଗିନୀ ଛୁରିଆ, ପ୍ରୀତିରଞ୍ଜନ ଘଡାଇ, ଉମାକାନ୍ତ ସାମନ୍ତରାୟ, ପ୍ରଣବ ବଳବନ୍ତରାୟ, ବେମ୍ୟୋକେଶ ରାୟ, ବିଭୂତି ବଳବନ୍ତରାୟ, ତୁଷାରକାନ୍ତି ବେହେରା, ଦେବୀ ରଞ୍ଜନ ତ୍ରିପାଠୀ ଓ ସୁଧୀର ସାମଲଙ୍କୁ ଷ୍ଟାର ପ୍ରଚାରକ ତାଲିକାରେ ସାମିଲ କରାଯାଇଛି । ଏହି ତାଲିକାରେ କୌଣସି ସିନେ ଅଭିନେତାଙ୍କୁ ସ୍ଥାନ ମିଳିନାହିଁ । ଆସନ୍ତା ୩୦ ତାରିଖରେ ପିପିଲି ଉପ-ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ ଏବଂ ସେପ୍ଟେମ୍ବର ୨୦ରୁ ପ୍ରଚାର ଆରମ୍ଭ ହେବ ।

## ଋଷର ସ୍ପୁଟନିକ୍ ଲାଇଟ୍‌ର ଟ୍ରାଏଲକୁ ଭାରତର ମଂଜୁରୀ



ନୂଆଦିଲ୍ଲୀ,୧୫/୦୯: ଭାରତକୁ ଖୁବ୍ ଶିଘ୍ର ମିଳିବ ଆଉ ଏକ କୋଭିଡ ଭ୍ୟାକ୍ସିନ୍ । କରୋନାକୁ ମାତ ଦେବାକୁ ଆସୁଛି ଋଷର ସ୍ପୁଟନିକ୍ ଲାଇଟ୍ ଭ୍ୟାକ୍ସିନ୍ । ଯାହାର ଗୋଟିଏ ମାତ୍ର ଡୋଜ୍ ଶରୀରକୁ କରୋନା ଠାରୁ ସୁରକ୍ଷା ଦେବାକୁ ଯଥେଷ୍ଟ ବୋଲି କୁହାଯାଉଛି । ଏହାର ପରୀକ୍ଷଣ ପାଇଁ ଭାରତୀୟ ଡ୍ରଗ୍ସ କଣ୍ଟ୍ରୋଲ ଅନୁମତି ଦେଇସାରିଛନ୍ତି । ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ( ଡିସିଜିଆଇ) ଭାରତରେ ଏହାର ଫେଜ୍ -୩ ଟ୍ରାଏଲ ପାଇଁ ମଂଜୁରୀ ଦେଇଛନ୍ତି । ସବଜେକ୍ଟ ଏକ୍ସପର୍ଟ କମିଟି( ଏସଇସି)ଏହାର ଟ୍ରାଏଲକୁ ମଂଜୁରୀ ଦେବାକୁ ଡିସିଜିଆଇକୁ ସୁପାରିଶ କରିଥିଲା । ସୂଚନା ମୁତାବକ, ଏହା ପୂର୍ବରୁ ମଧ ଜୁଲାଇରେ ଋଷର ସିଙ୍ଗଲ ଡୋଜ୍ ଭ୍ୟାକ୍ସିନ ସ୍ପୁଟନିକ୍ –ଭି ର ଜରୁରୀକାଳୀନ ବ୍ୟବହାର ପାଇଁ ଏସଇସି ସୁପାରିଶ କରିଥିଲା । ହେଲେ ଭାରତରେ ଏହାର ପରୀକ୍ଷଣ ହୋଇନପାରିବାରୁ କେନ୍ଦ୍ରୀୟ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ୍(ସିଡିଏସସିଓ)ଏହାକୁ ଖାରଜ କରିଥିଲେ । ଗତବର୍ଷ ଋଷର ସ୍ପୁଟନିକ୍ –ଭି ଭ୍ୟାକ୍ସିନ୍ ର ପରୀକ୍ଷଣ ପାଇଁ ହାଇଦ୍ରାବାଦ୍ ସ୍ଥିତ ଡକ୍ଟର ରେଡ୍ଡି

▶▶ପୃଷ୍ଠା ୭

## ୨୭ ତାରିଖରେ ଭାରତ ବନ୍ଦ ଆନ୍ଦୋଳନ: ସମର୍ଥନ କରିବ ରାଜ୍ୟ କଂଗ୍ରେସ

ନୂଆଦିଲ୍ଲୀ,୧୫/୦୯: ଆସନ୍ତା ୨୭ ତାରିଖରେ ଭାରତ ବନ୍ଦ ଆନ୍ଦୋଳନକୁ ପୂରା ସମର୍ଥନ କରିବ ରାଜ୍ୟ କଂଗ୍ରେସ । ଭାରତ ବନ୍ଦକୁ ନେଇ ଆଜି କଂଗ୍ରେସ ଭବନରେ ବସିଥିବା ବୈଠକରେ ଏହି ନିଷ୍ପତି ନିଆଯାଇଛି । ବୈଠକ ପରେ ପିସିସି ସଭାପତି ନିରଞ୍ଜନ କହିଛନ୍ତି ଭାରତ ବନ୍ଦ ଡାକରାକୁ କଂଗ୍ରେସ ପୂରା ସମର୍ଥନ କରିବ । ଏଥିସହିତ ରାଜ୍ୟ ବଢିଥିବା ବିଦ୍ୟୁତ୍ ବିଲ ଏବଂ ବନ୍ୟା ପରିସ୍ଥିତିଙ୍କୁ ଆସନ୍ତା ୨୩ ତାରିଖରେ କଂଗ୍ରେସ ମାଷ୍ଟରକ୍ୟାଂଟିନ୍ ଛକରେ ବିକ୍ଷୋଭ ପଦର୍ଶନ କରିବ । ଭାରତ ବନ୍ଦ ନିଷ୍ପତି ନେଇ ଆଜି ସିପିଏମ, ସିପିଆଇ, ଆରଜେଡି, ଆଇଏନସି, ସମାଜବାଦି ପାର୍ଟି ଓ ଏନସିପିର ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ ନିରଞ୍ଜନ । ଆସନ୍ତା ୨୭ ତାରିଖରେ ସମ୍ମୁକ୍ତ କିଷାନ ମୋର୍ଚ୍ଚା ଭାରତ ବନ୍ଦ ଡକାରା ଦେଇଥିବା ବେଳେ ଓଡ଼ିଶା, ତେଲେଙ୍ଗାନା ସମେତ ବହୁ ରାଜ୍ୟ ଏହି ବନ୍ଦକୁ ସମର୍ଥନ ଜଣାଇଛି ।

## ଏବର୍ଷ ଦୀପାବଳିରେ ବି ଫୁଟିବନି ବାଣ : ଦିଲ୍ଲୀ ସରକାର

ନୂଆଦିଲ୍ଲୀ,୧୫/୦୯: ଦେଶର ରାଜଧାନୀ ଦିଲ୍ଲୀରେ ଏବର୍ଷ ଦୀପାବଳିରେ ଫୁଟିବନି ବାଣ । ଦିଲ୍ଲୀରେ ଯେଉଁଭଳି ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି ତାହାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନେଇଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ । ବାଣ ତିଆରି, ବିକ୍ରି ଓ ଫୁଟାଇବା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ଦିଲ୍ଲୀ ସରକାର । ଏନେଇ ଟ୍ୱିଟ୍ କରି ସୂଚନା ଦେଇଛନ୍ତି କେଜ୍ରିଓ୍ୱାଲ । ଚଳିତବର୍ଷ ନଭେମ୍ବର ୪ରେ ଦୀପାବଳି ପଡୁଛି । କିନ୍ତୁ ଏହାପୂର୍ବରୁ ଟ୍ୱିଟ୍ କରି କେଜ୍ରିଓ୍ୱାଲ କହିଛନ୍ତି, ଏବର୍ଷ ଦୀପାବଳିରେ ମଧ୍ୟ ବାଣ ଫୁଟାଇବା ଉପରେ ସମ୍ପୂର୍ଣ୍ଣ ରୂପେ ପ୍ରତିବନ୍ଧକ ଲଗାଯିବ । ଯାହାଦ୍ୱାରା ପ୍ରଦୂଷଣ ବଢିବନି ଓ ଅନେକ ଲୋକଙ୍କ ଜୀବନ ମଧ୍ୟ ବଞ୍ଚିଯିବ । ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଟ୍ୱିଟ୍ କରି କହିଛନ୍ତି, ଗତ ୩ ବର୍ଷ ହେବ ଦୀପାବଳି ସମୟରେ ଦିଲ୍ଲୀରେ ପ୍ରଦୂଷଣ ମାତ୍ରା ବହୁତ ଅଧିକ ରହୁଛି । ଯାହାକୁ ଦୃଷ୍ଟିରେ ରଖି ଗତ ବର୍ଷ ମଧ୍ୟ ବାଣ ବିକ୍ରି ଓ ଫୁଟାଇବା ଉପରେ ରୋକ ଲଗାଯାଇଥିଲା । ସେହିଭଳି ଚଳିତଥର ମଧ୍ୟ ବାଣ ବିକ୍ରି ଓ ଫୁଟାଇବା ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି । ଯାହାଦ୍ୱାରା ହଜାର ହଜାର ଜୀବନ ବଞ୍ଚିଯିବ । ଗତବର୍ଷ ବାଣ ବିକ୍ରି ବନ୍ଦ ହେବାରୁ ବାଣ ବ୍ୟବସାୟୀଙ୍କର ବିପୁଳ କ୍ଷତି ହୋଇଥିଲା । ତେଣୁ ଏଥର କୌଣସି ବାଣ ତିଆରି ନ କରିବାକୁ ବ୍ୟବସାୟୀଙ୍କୁ ଅପିଲ କରିଛନ୍ତି କେଜ୍ରିଓ୍ୱାଲ । ଯଦି ଏବେଠୁ ଘୋଷଣା ନ କରାଯାଏ ତେବେ ଦୀପାବଳିକୁ ଦୃଷ୍ଟିରେ ରଖି ବାଣ ନିର୍ମାଣ ଆରମ୍ଭ ସହ ଏହାର ବିକ୍ରି ମଧ୍ୟ ହେବ । ତେଣୁ ବାଣ ତିଆରି ପୂର୍ବରୁ ଏଭଳି ନିଷ୍ପତ୍ତି ନେଇଛନ୍ତି କେଜ୍ରିଓ୍ୱାଲ ସରକାର । ଏହାପୂର୍ବରୁ ବାଣ ବ୍ୟାନକୁ ନେଇ ସୁପ୍ରିମକୋର୍ଟରେ ଏକ ପିଟିସନ ଦାୟର କରାଯାଇଥିଲା । କିନ୍ତୁ ଏନଜିଟି ପକ୍ଷରୁ ଯେଉଁ ନିର୍ଦ୍ଦେଶ ଦିଆଯାଇଛି ସେଥିରେ ଦଖଲ ନଦେବାକୁ ସୁପ୍ରିମକୋର୍ଟ

▶▶ପୃଷ୍ଠା ୭

# ମୃତ ଖବରକାଗଜ ବିତରକଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ,୧୫/୯ (ନି.ପ୍ର): ଗତକାଲି ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯୁବ ଖବରକାଗଜ ବିତରକ ସନାତନ ଚିନ୍ନରାଙ୍କୁ ନିଉଜ ଏଜେନ୍ସି ନଲେଜ ସେଣ୍ଟର ପରିବାର ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ମଙ୍ଗଳବାର ସକାଳେ ନଲେଜ ସେଣ୍ଟର ପରିସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ବରିଷ୍ଠ ବିତରକ ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱ ଓ ରାଜେନ୍ଦ୍ର କୁମାର ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମେ ଉପସ୍ଥିତ ୪୦ରୁ ଉର୍ଦ୍ଧ୍ୱ ବିତରକ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାଙ୍କ ସଦଗତି କାମନା କରିବା ସହ ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ। ପରେ ନଲେଜ ସେଣ୍ଟର ପରିବାରର ମୁଖ୍ୟ ଏମଡି ଆସିଫ ଅଲ୍ଲୀଙ୍କ ସମେତ ବହୁ ବିତରକ ୰ ଚିନ୍ନାରାଙ୍କ କର୍ତ୍ତବ୍ୟନିଷ୍ଠା ଓ ସମୟାନୁବର୍ତ୍ତୀତା ଉପରେ ଆଲୋକପାତ କରିଥିଲେ। ନିଜର ନିଷ୍ଠା ପାଇଁ ଦୀର୍ଘ ୧୬ ବର୍ଷ ମଧ୍ୟରେ ସେ ସମସ୍ତଙ୍କୁ ନିଜର କରି ପାରିଥିଲେ। ତାଙ୍କ ବିୟୋଗରେ ଯେଉଁ କ୍ଷତି ହୋଇଛି, ତାହା କେବେ ପୂରଣ ହୋଇ ପାରିବ ନାହିଁ ବୋଲି ସେମାନେ କହିଥିଲେ। ଏହି ଅବସରରେ ୰ ଚିନ୍ନାରାଙ୍କ ପରିବାରକୁ ଦୁର୍ଘଟଣାଜନୀତ ସହାୟତା ରାଶୀ ସମେତ ଜିଲ୍ଲା ରେଡକ୍ରସରୁ କିପରି ସହାୟତା ମିଳି ପାରିବ ସେଥି ନେଇ ଏକ ବିତରକଙ୍କ ପ୍ରତିନିଧି ଦଳ ଜିଲ୍ଲା ସାମ୍ବାଦିକଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ବିତରକମାନେ ମଧ୍ୟ ଯଥାସମ୍ଭବ ଆର୍ଥୀକ ସହାୟତା ୰ ଚିନ୍ନରାଙ୍କ ପରିବାରକୁ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାବ୍ୟତୀତ ୰ ଚିନ୍ନାରା ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ, ତାଙ୍କ ପରିବାର ବହୁ ଅସୁବିଧାରେ ଅଛନ୍ତି। ତେଣୁ ତାଙ୍କ ବିଧବା ପତ୍ନୀଙ୍କୁ କୌଣସି ସରକାରୀ ବା ବେସରକାରୀ ସଂସ୍ଥାରେ ଚାକିରି ଦେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଥିଲା। କୋଭିଡ ସମୟରେ ନିଜ ଜୀବନକୁ ବିପଦାପନ୍ନ କରି ଖବରକାଗଜ ବିତରଣ କରି ଆସୁଥିବା ବିତରକମାନଙ୍କ ସାମାଜିକ ସୁରକ୍ଷା ବିଷୟରେ ମଧ୍ୟ ବହୁ ବିତରକ ଦାବିପତ୍ର ଦେବାକୁ ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆସନ୍ତା ୩/୪ ଦିନ ମଧ୍ୟରେ ଅଣ ସଂଗଠିତ କ୍ଷେତ୍ରରେ ବହୁ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରି ଆସୁଥିବା ବିତରକମାନେ ନିଜର ସମସ୍ୟାକୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଉପସ୍ଥାପିତ କରିବେ ବୋଲି ବରିଷ୍ଠ ବିତରକ ତଥା ନଲେଜ ସେଣ୍ଟର ପରିବାରର ସଦସ୍ୟ ଶ୍ରୀ ପାଣୀ ସୂଚନା ଦେଇଛନ୍ତି।

# ରୂପାନ୍ତରିତ ହୋଇଥିବା ବିଦ୍ୟାଳୟ ଗୁଡିକର ଯତ୍ନ ପ୍ରଧାନ ଶିକ୍ଷକମାନେ ନିଅନ୍ତୁ: ଜିଲ୍ଲାପାଳ

ଗଞ୍ଜାମ,୧୫/୯ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଦ୍ୱିତୀୟ ପର୍ଯ୍ୟାୟରେ ୧୬୭ ଗୋଟି ଉଚ୍ଚ ବିଦ୍ୟାଳୟ ଗୁଡିକର ୫-ଟି ଅନ୍ତର୍ଗତ ରୂପାନ୍ତର କାର୍ଯ୍ୟ ଚାଲୁଅଛି । ଓଡିଶା ଆଦର୍ଶ ବିଦ୍ୟାଳୟ ଏବଂ ସମସ୍ତ ବିଦ୍ୟାଳୟ ଗୁଡିକର ରୂପାନ୍ତର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ମଙ୍ଗଳବାର ଅନୁଷ୍ଠିତ ଆଭାସୀ ବୈଠକରେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ସମସ୍ତ ଅଧିକାରୀ ମାନଙ୍କୁ ଅବଗତ କରାଇଛନ୍ତି । ରୂପାନ୍ତରିକରଣ ହେଉଥିବା ସମସ୍ତ ଉଚ୍ଚ ବିଦ୍ୟାଳୟ ଗୁଡିକ ନିମନ୍ତେ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟ କରିବା ନେଇ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ବ୍ୟବହୃତ ହେଉଥିବା ସାମଗ୍ରୀ ଗୁଡିକର ଗୁଣବତ୍ତା ବା କ୍ୱାଲିଟି ଦିଗରେ କୌଣସି ସଲାସୁତୁରା ନ କରିବାକୁ କୁହାଯାଇଛି । ବ୍ୟବହାର ହେଉଥିବା ସାମଗ୍ରୀ ଉତମ ମାନର ହେବା ଦ୍ୱାରା ଭିତିଭୂମି ଦୀର୍ଘସ୍ଥାୟୀ ହୋଇ ରହିବ ।

ସେହିପରି ସ୍ମାର୍ଟ ଶ୍ରେଣୀ ଗୃହ, ଇ-ପାଠାଗାର, ବିଜ୍ଞାନ ଲ୍ୟାବ୍, ପରିଶ୍ରାଗାର, ଖେଳ ପଡିଆ, ବୃକ୍ଷରୋପଣ, ଛାତ୍ରାବାସ ରୂପାନ୍ତର ଦିଗରେ ଆକର୍ଷଣୀୟ, ମନଲୋଭା ଓ ସୌନ୍ଦର୍ଯ୍ୟକରଣ ଉପରେ ଦୃଷ୍ଟି ଦେବାକୁ କୁହାଯାଇଛି । ଗଠିତ ହୋଇଥିବା ଭିତିଭୂମିର ଯତ୍ନ ନେବା ଦିଗରେ ପ୍ରଧାନ ଶିକ୍ଷକ ଗଣ ଗୁରୁତ୍ୱ ନେବା ଦିଗରେ ତତ୍ପରତା ପ୍ରକାଶ କରିବା ପାଇଁ କୁହାଯାଇଛି । ବିଜ୍ଞାନ ଲ୍ୟାବ କିମ୍ବା କମ୍ପ୍ୟୁଟର ଗୁଡିକ ବ୍ୟବହାର କରାଯାଉ, ବ୍ୟବହାର ଉପଯୋଗୀ ହୋଇ ଖରାପ ହେଲେ ସେଗୁଡିକର ମରାମତି ହୋଇପାରିବ । ବ୍ୟବହାର ବିନା ସାମଗ୍ରୀ ଗୁଡିକ ପଡି ରହି ଖରାପ ହେଲେ ତାହାକୁ ପ୍ରଶୟ ଦିଆଯିବ ନାହିଁ ବୋଲି ଜିଲ୍ଲାପାଳ ସମସ୍ତ ଶିକ୍ଷକ ମାନଙ୍କୁ ଜଣାଇଛନ୍ତି । ସମସ୍ତ ୧୬୭ ଟି ଉଚ୍ଚ ବିଦ୍ୟାଳୟର କାର୍ଯ୍ୟ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦଶେ ଦେଇଛନ୍ତି । ସମସ୍ତ ବିଦ୍ୟାଳୟ ଗୁଡିକର ବର୍ତମାନ ସ୍ଥିତି କଣ ରହିଛି ଏବଂ କେଉଁ ସବୁ ପରିବର୍ତନର ଆବଶ୍ୟକତା ରହିଛି ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ପାଇଁ ଜଣାଇଛନ୍ତି । ଦୂର ଦୂରାନ୍ତ ଅଂଚଳରେ ରହିଥିବା ଉଚ୍ଚ ବିଦ୍ୟାଳୟ ଗୁଡିକର ପରିପାର୍ଶ୍ୱରେ ଯଥେଷ୍ଟ ସ୍ଥାନ ରହିଛି । ସେଗୁଡିକର ବିକାଶ ଦିଗରେ କୌଣସି ଅସୁବିଧା ନାହିଁ ।

# ମିଥ୍ୟା ବିଦ୍ୟୁତ ବିଲ୍ ଦେଇ ଠକୁଥିବା ଯୁବକ ଗିରଫ

ମାଲକାନଗିରି,୧୫/୯ (ନି.ପ୍ର): ୟୁ-ଟ୍ୟୁବରୁ ଶିଖି ମିଥ୍ୟା ଇଲେକ୍ଟ୍ରିବିଲ୍ ପ୍ରସ୍ତୁତ କରି ଦୀର୍ଘ ଦିନ ହେଲା ବିଦ୍ୟୁତ ଗ୍ରାହକମାନଙ୍କୁ ଠକି ଆସୁଥିବା ନବ କିଶୋର ବିଶ୍ୱାସ ନାମକ ଯୁବକଙ୍କୁ ଓର୍କେଲ ପୋଲିସ ଗିରଫ କରିବାରେ ସଫଳ ହୋଇଛି । ଘଟଣାରୁ ପ୍ରକାଶ ଯେ, ଓର୍କେଲ ଥାନା ଅଧିନସ୍ଥ କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଏମଭି-୩୦ ଗ୍ରାମର ନବ କିଶୋର ବିଶ୍ୱାସ ନାମକ ଯୁବକ, ଟାଟା କମ୍ପାନୀ ବିଲ୍ ନିମନ୍ତେ ହସ୍ତାନ୍ତର କରିଥିବା ସାଇ କମ୍ପ୍ୟୁଟର ନାମକ କମ୍ପାନୀ ଅଧୀନରେ ବିଦ୍ୟୁତ ବିଲ୍ ଆଦାୟ କର୍ମଚାରୀ ଭାବେ କାମ କରି ଆସୁଥିଲେ । କିନ୍ତୁ, କିଛି ମାସ ପୂର୍ବେ ସେ ନିଜର ବୁଦ୍ଧି ପ୍ରୟୋଗ କରି ୟୁ ଟ୍ୟୁବରୁ କିପରି ମିଥ୍ୟା ବିଦ୍ୟୁତ୍ ବିଲ୍ ପ୍ରସ୍ତୁତ କରାଯାଏ ଉକ୍ତ କୌଶଳ ଶିଖି ପାରିଥିଲେ । ସେହି କୌଶଳ ପ୍ରୟୋଗ କରି ମିଥ୍ୟା ବିଦ୍ୟୁତ୍ ବିଲ୍ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଥିଲେ । ତେବେ ନବ କିଶୋର ବିଶ୍ୱାସଙ୍କ ଡ୍ୟୁଟି କୋରୁକୋଣ୍ଡା ବ୍ଲକର ସୋମନାଥପୁର ପଚାଂୟତ ଏବଂ ଚିତାପାରି-୩ ପଚାଂୟତର କିଛି ଗ୍ରାମରେ ରହିଥିବା ବେଳେ ସେ ଆଜକୁ ଦୀର୍ଘ ୩ ମାସ ଧରି ଏପରି ମିଥ୍ୟାବିଲ୍ ଦେଇ ଗ୍ରାହକଙ୍କ ଠାରୁ ଅର୍ଥ ଲୁଟୁଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଗ୍ରାହକମାନଙ୍କ ବିଦ୍ୟୁତ୍ ବିଲ୍ କାର୍ଯ୍ୟାଳୟରେ ପୈଠ ନ ହେବାରୁ ଟାଟା କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ନିକଟକୁ ବିଦ୍ୟୁତ୍ ବିଲ୍ ବକେୟା ରହିଥିବା ନେଇ ନୋଟିସ୍ ଜାରି ହୋଇଥିଲା । ପରେ ଏନେଇ କିଛି ଗ୍ରାମବାସୀ ସାଇ କମ୍ପ୍ୟୁଟର କମ୍ପାନୀର ସୁପରଭାଇଜର ପ୍ରଭାତ ସେଠୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ପରେ କିଛି ଉପାୟ ନ ପାଇ ସୁପରଭାଇଜର ଶ୍ରୀ ସେଠି ଓର୍କେଲ ଥାନାରେ ନବ କିଶୋରଙ୍କ ନାମରେ ଏତଲା ଦେଇଥିଲେ। ଥାନାରେ ଏତଲା ଦେବା ପରେ ଚିତ୍ରକୋଣ୍ଡା ଏସଡିପିଓ ଅଂଶୁମାନ ଧ୍ୱିବେଦୀଙ୍କ ନେତୃତ୍ୱରେ ଓର୍କେଲ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ନବ କିଶୋର ବିଶ୍ୱାସକୁ ଗିରଫ କରିବାରେ ସଫଳ ହୋଇଥିଲା । ଗିରଫ ନବ କିଶୋର ଠାରୁ ଓର୍କେଲ ପୋଲିସ ଏକ ବିଲ୍ ମେସିନ, ୨ ଗୋଟି ମୋବାଇଲ ଏବଂ ୪୦ ହଜାର ନଗଦ ଟଙ୍କା ଜବତ କରିଥିବା ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଚିତ୍ରକୋଣ୍ଡା ଏସଡିପିଓ ଅଂଶୁମାନ ଧ୍ୱିବେଦୀ ଏବଂ ଥାନାଧିକାରୀ ଜହ୍ଲ କୁଜୁର ସୂଚନା ଦେଇଛନ୍ତି।

# ଜାତୀୟ ପୋଷଣ ସୁରକ୍ଷା ଦିବସ ପାଳିତ

ଜୟପୁର ,୧୫/୯ (ନି.ପ୍ର): ଜୟପୁର ସ୍ଥିତ ଏମଏସ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ତରଫରୁ ଜାତୀୟ ପୋଷଣ ସୁରକ୍ଷା ଦିବସ ପାଳିତ ହୋଇଛି । ଆସନା ପଂଚାୟତର ଉଦଲଗୁଡା ଗ୍ରାମ ଅଙ୍ଗନବାଡି କେନ୍ଦ୍ର ଠାରେ ଗନ୍ଧିଗୁଡା, ବାମୁଣିପଦର, ଓ ଉଦଲଗୁଡା ଗ୍ରାମର ଗର୍ଭବତି ମହିଳା, ପ୍ରସୁତି ମହିଳା ଓ କିଶୋରି ବାଳିକା ମାନଙ୍କୁ ନେଇ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ଜୟପୁର ତରଫରୁ ପ୍ରତ୍ୟେକ ଗ୍ରାମ ଜୈବିକ ଗ୍ରାମ୍ୟ ପ୍ରକଳ୍ପ ଅନ୍ତର୍ଗତ ପୋଷଣ ଦିବଳ ପାଳନ ହୋଇଛି । ଉକ୍ତ କାଯ୍ୟକ୍ରମରେ ଅଙ୍ଗନବାଡୀ କର୍ମି ନର୍ମଦା ମାଝୀ, ଆଶାକର୍ମି ନବୀନା ମୁଦୁଲି ଉପସ୍ଥିତ ରହି ପ୍ରତିଭାଗୀ ମାନଙ୍କୁ ସନ୍ତୁଳିତ ଆହାରର ଆବଶ୍ୟକତା ବିଷୟରେ ବୁଝାଇଥିଲେ । ଏହା ଛଡା ଅନୁଷ୍ଠାନର କାଯ୍ୟକର୍ତ୍ତା ଅଜିତ କୁମାର ସାହୁ, ଖାଦ୍ୟରେ ପାଉଥିବା ବିଭିନ୍ନ ପ୍ରକାର ଖାଦ୍ୟସାର ଓ ଏହାର ଅଭାବରେ ହେଉଥିବା ରୋଗ ବିଷୟରେ ବୁଝାଇଥିଲେ । ରଂଜୀତ କୁମାର ଦଳେଇ ଓ ରୀନା ପାଙ୍ଗୀ କାଯ୍ୟକ୍ରମର ପରିଚାଳନା କରିଥିଲେ ।

# ଚଉଁରା ସାଲେପଡାରେ ନୂଆଁଖାଇ ଭେଟଘାଟ

ନୂଆପଡ଼ା,୧୫/୯ (ନି.ପ୍ର): ପଶ୍ଚିମ ଓଡ଼ିଶାର ଗଣ ପର୍ବ ନୂଆଁଖାଇ ଉପଲକ୍ଷେ ସିନାପାଲି ବ୍ଲକ ମଖାପଦର ଗ୍ରାମପଂଚାୟତ ଅନ୍ତର୍ଗତ ଚଉଁରା ସାଲେପଡାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ବକ୍ତା ଭାବେ ସ୍ଥାନୀୟ ସମାଜସେବୀ ଭୁବନେଶ୍ୱର ଭୋଇ ,ସମ୍ମାନିତ ଅତିଥିଭାବେ ଭଗତରାମ ସୁନାନୀ, ନୂଆଁଖାଇ ଭେଟଘାଟ କମିଟିର ସଭାପତି ଶ୍ରୀ ଅମୃତ ବନ୍ଦିଛୋଁ,ସମ୍ପାଦକ ଶ୍ରୀ ପୁରୁନ୍ ଭୋଇ ମଂଚାସୀନ ଥିଲେ। ଖଗେନ୍ଦ୍ର ଭୋଇ ସ୍ୱାଗତ ସଂଗୀତ ଗାନ କରିଥିଲେ।ଏହି ଅବସରରେ ଏକ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀ ନୀଳେନ୍ଦ୍ରି ନ୍ଦିଛୋର, ଦମୟନ୍ତୀ ନ୍ଦିଛୋର ଓ ମୋନାଲିସା ଭୋଇଙ୍କୁ ପୁରସ୍କୃତ କରାଯାଇଥିଲା। ନୂଆଁଖାଇ ଭେଟ କମିଟିର ସଭ୍ୟ ସୁରେନ୍ଦ୍ର ମଙ୍ଗରାଜ , ଖଗେନ୍ଦ୍ର ଭୋଇ , ଶଙ୍କର ଭୋଇ, ମୁରଲୀ ସୁନାନୀ, ମିଶ୍ର ବନ୍ଦିଛୋର , ଚୌବନ୍ ଭୋଇ , ଭକ୍ତ ଭୋଇ , କୁମର ଦୀପ, ଚୁଳମଣି ଭୋଇ, ତୀର୍ଥ ବନ୍ଦିଛୋର ପ୍ରମୁଖ ସଂପୂର୍ଣ୍ଣ ସହଯୋଗ କରିଥିଲେ।

## କେନ୍ଦ୍ରାପଡା ଏସ୍‌ପିଙ୍କ ଜଳମଗ୍ନ ଗ୍ରାମଗୁଡିକ ପରିଦର୍ଶନ

କେନ୍ଦ୍ରାପଡ଼ା,୧୫/୯ (ନି.ପ୍ର): ଲଗାଣ ବର୍ଷାରେ କେନ୍ଦ୍ରାପଡା ସହରର ଅଧିକାଂଶ ସ୍ଥାନ ବର୍ଷାଜଳ ରେ ବୁଡି ରହିଛି । ଦୁହୁରିଆ ଠାରୁ ଇଛାପୁର ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ ଗ୍ରାମ ଗୁଡିକରେ ୨-୩ ଫୁଟ ଉଚ୍ଚର ପାଣି ଲହଡି ମାରୁଛି । ଜଳ ନିଷ୍କାସନର ବାଟ ନଥିବାରୁ ହଜାର ହଜାର ଗ୍ରାମାବସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ପୈାରାଂଚଳର ରଣପଡା, ମୀରପାଟଣା, କାକଟ, ନସଡିପୁର, ମନକରପୁର, କଜଳ. ବଉଳ ବିହାର ଆଦି ଅଂଚଳ ପରିଦର୍ଶନ କରି ଜଳ ନିଷ୍କାସନ କରିବା ପାଇଁ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛନ୍ତି ।

# ଅନଲାଇନ ପାଠପଢ଼ାରେ ମୋବାଇଲ ନେଟୱାର୍କ ବାଧକ

ସମ୍ବଲପୁର,୧୫/୯ (ନି.ପ୍ର): ବୈଷୟିକ କ୍ଷେତ୍ରରେ ଦେଶକୁ ସଶକ୍ତ କରିବା ଲକ୍ଷ୍ୟରେ ଭାରତ ସରକାରଙ୍କ ପକ୍ଷରୁ ୨୦୧୫ରେ ଆରମ୍ଭ ହୋଇଥିଲା 'ଡିଜିଟାଲ୍ ଇଣ୍ଡିଆ' ଅଭିଯାନ । ସହରାଚଂଳ ଠାରୁ ଆରମ୍ଭ କରି ଗ୍ରାମାଚଂଳ ପର୍ଯ୍ୟନ୍ତ ସମସ୍ତ ଦେଶବାସୀଙ୍କୁ ଇଣ୍ଟରନେଟ୍ ସେବା ଯୋଗାଇ ଦେବା 'ଡିଜିଟାଲ୍ ଇଣ୍ଡିଆ'ର ମୁଖ୍ୟ ଉଦ୍ଦେଶ୍ୟ । ଏହି ଯୋଜନାର ସଫଳ ରୂପାୟନ ପାଇଁ ବେଶ୍ ମୋଟା ଅଙ୍କର ଅର୍ଥ ମଧ୍ୟ ବ୍ୟୟ କରୁଛନ୍ତି ସରକାର । ହେଲେ ଏହାର ସୁଫଳ କେତେ ମାତ୍ରାରେ ଲୋକଙ୍କୁ ମିଳୁଛି ତାର ଏକ ବାସ୍ତବ ଚିତ୍ର ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲାର ନାକଟିଦେଉଳ ବ୍ଲକ ଅନ୍ତର୍ଗତ ପାଣିମୁରା ପଚାଂୟତରେ । ଦେଶରେ 'ଡିଜିଟାଲ ଇଣ୍ଡିଆ' ଅଭିଯାନ କାର୍ଯ୍ୟକାରୀ ହୋଇସାରିଥିଲେ ମଧ୍ୟ ମୋବାଇଲ ନେଟୱାର୍କ ସେବା ବର୍ତମାନ ମଧ୍ୟ ଅପହଂଚ ହୋଇରହିଛି ଏହି ଗ୍ରାମ ପଚାଂୟତବାସୀଙ୍କ ପାଇଁ । ଏଠାରେ ଛାତ୍ରଛାତ୍ରୀଙ୍କ ପାଇଁ ଅନଲାଇନ କ୍ଲାସ ସାତସପନ । ଯାହା 'ଡିଜିଟାଲ ଇଣ୍ଡିଆ' ଅଭିଯାନର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୂଚକ କରିଛି । ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ବିତିଯାଇଥିଲେ ସାରିଥିଲେ ମଧ୍ୟ ବର୍ତମାନ ପର୍ଯ୍ୟନ୍ତ ମୋବାଇଲ ନେଟୱାର୍କ ସୁବିଧା ପାଇବାରୁ ବଂଚିତ ପାଣିମୁରା ପଚାଂୟତ ବାସିନ୍ଦା । ଏଠାରେ ମୋବାଇଲ ନେଟୱାର୍କ ସେବା ଉପଲବ୍ଧ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଅନେକ ଥର ନିବେଦନ କରିସାରିଛନ୍ତି ପଚାଂୟତବାସୀ । ମାତ୍ର କୌଣସି ପ୍ରକାର ସୁଫଳ ମିଳିନାହିଁ । ବର୍ତମାନ ସମଗ୍ର ଦେଶ ତଥା ଦୁନିଆ ଏକବିଂଶ ଶତାବ୍ଦୀର ଆଧୁନିକ ବିଜ୍ଞାନ ଯୁଗରେ ମୋବାଇଲ ନେଟୱାର୍କ ସେବା ଲୋକଙ୍କ ପାଇଁ ଅନିବାର୍ଯ୍ୟ । ମୋବାଇଲ ନେଟୱାର୍କ ବିନା ସମ୍ପୃକ୍ତ ଅଂଚଳର ଶତାଧିକ ଛାତ୍ରଛାତ୍ରୀଙ୍କ ଅନଲାଇନ ପାଠ ପଢ଼ାରେ ବାଧକ ସୃଷ୍ଟି ହୋଇଛି । ସମୟ ସମୟରେ ଗାଁ ଠାରୁ ଦୂରରେ ଯେଉଁଠାରେ ଇଣ୍ଟରନେଟ୍ ଟାୱାର ଉପଲବ୍ଧ ହେଉଛି ତାହା ନିକଟସ୍ଥ ଖୋଲା ପଡ଼ିଆ ବା ପଥର ଉପରେ ବସି ପାଠ ପଢ଼ିବାକୁ ବାଧ ହେଉଛନ୍ତି । ଯାହାକି ଛାତ୍ରଛାତ୍ରୀଙ୍କ ପକ୍ଷେ ସର୍ବଦା ସମ୍ଭବ ନୁହେଁ । ତେଣୁ ଅନଲାଇନରେ ପାଠପଢ଼ି ନପାରି ଛାତ୍ରଛାତ୍ରୀ ଏବେ ନିଜ ଭାଗ୍ୟକୁ ଆଦରି ଦିନ କାଟୁଛନ୍ତି । ସେହିପରି ସ୍ୱାସ୍ଥ୍ୟସେବା ଜନିତ ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ଆଦିକୁ ଯୋଗାଯୋଗରେ ମଧ୍ୟ ବ୍ୟାଘାତ ସୃଷ୍ଟି ହୋଇ ଲୋକେ ହଇରାଣ ହେଉଛନ୍ତି । ଏନେଇ ଉକ୍ତ ପଚାଂୟତ ବାସିନ୍ଦା ବହୁବାର ଉପଜିଲ୍ଲାପାଳଙ୍କୁ ଠାରୁ ଆରମ୍ଭ କରି ଜିଲ୍ଲାପାଳ ତଥା ସ୍ଥାନୀୟ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତଥାପି ଏପର୍ଯ୍ୟନ୍ତ ସେମାନଙ୍କ ସମସ୍ୟାର ସମାଧାନ ହୋଇପାରିନାହିଁ । ଅର୍ଥାତ୍ ଉକ୍ତ ଅଂଚଳବାସୀଙ୍କ ପାଇଁ ମୋବାଇଲ ନେଟୱାର୍କ ସେବା ବର୍ତମାନ ପର୍ଯ୍ୟନ୍ତ ଅପହଂଚ ହୋଇ ରହିଛି । ଫଳରେ ପଚାଂୟତବାସୀ ନିଜ ଅଂଚଳରେ ମୋବାଇଲ ନେଟୱାର୍କ ସେବା ଉପଲବ୍ଧ କରିବା ଦିଗରେ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅପର ପକ୍ଷେ ଜିଲ୍ଲା ଓକିଲ ସଂଘ ସଭାପତି ମଧ୍ୟ ଗ୍ରାମାଚଂଳରେ କିପରି ମୋବାଇଲ ନେଟୱାର୍କ ସେବା ଉପଲବ୍ଧ ହୋଇପାରିବ ଏବଂ ସମ୍ପୃକ୍ତ ଅଂଚଳବାସୀ କିପରି ଉପକୃତ ହୋଇ ପାରିବେ ସେନେଇ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ମୁରୁବାନପାଲ୍ଲୀରେ ଶହୀଦ ଲକ୍ଷ୍ମଣ ନାୟକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ମାଲକାନଗିରି,୧୫/୯ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ଗିରିକାନପାଲ୍ଲୀ ପଚାଂୟତ ଅନ୍ତର୍ଗତ ମୁରୁବାନପାଲ୍ଲୀ ଗ୍ରାମରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୬ ତାରିଖରୁ ଉକ୍ତ ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା । ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସର୍ବମୋଟ ଆଠଟି ଦଳର ଖେଳ ରଖାଯାଇଥିଲା । ଆଜି ଉଦଯାପନୀ ମ୍ୟାଚ-ମୁରୁବାନପାଲ୍ଲୀ ବନାମ ଭୁବନପାଲ୍ଲୀ ମଧ୍ୟରେ ଖେଳାଯାଇଥିଲା । ଯେଉଁଥିରେ ମୁରୁବାନପାଲ୍ଲୀ ଫୁଟବଲ ଟିମ୍ ଜିତିଥିବା ବେଳେ ଭୁବନପାଲ୍ଲୀ ଟିମ ରନର୍ସ ଅପ୍ ଭାବରେ ପରାସ୍ତ ହୋଇଥିଲା । ମୁରୁବାନପାଲ୍ଲୀ ଫୁଟବଲ ଟିମ ଭୁବନପାଲ୍ଲୀ ଫୁଟବଲ ଟିମକୁ (୪-୨) ରେ ପରାସ୍ତ କରି ବିଜୟୀ ହୋଇଛି । ବିଜୟୀ ଦଳକୁ ୧୫,୦୦୦) ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଟିମକୁ ମଧ (୧୦,୦୦୦) ଟଙ୍କା ସହ ଏକ ଟ୍ରଫି ମଧ୍ୟ ପ୍ରଦାନ କରାଯାଇଥିଲା । ଉକ୍ତ ମ୍ୟାଚରେ ବେଷ୍ଟ ପ୍ଲେଏୟାର ଅଫ ଦି ମ୍ୟାଚ ଭାବରେ ମୁନ୍ନା ମାଢ଼ି, ବେଷ୍ଟ ଗୋଲ କିପର ଭାବରେ ଉଲ୍ଲାସ ମାଢ଼ି ଓ ବେଷ୍ଟ ରେଫେରି ଭାବରେ ସୁରେଶ ରାବା ସମ୍ମାନିତ ହୋଇଥିଲେ । ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରେ ଅତିଥି ଭାବେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ଏମ୍.ପି ପ୍ରତିନିଧି ସି.ଏଚ ରବି କୁମାର, ପଡିଆ ବିଜେଡି ସଭାପତି କେ.ଚନ୍ଦ୍ରୟାନ, ପଡିଆ ଗ୍ରାମପଚାଂୟତର ପୂର୍ବତନ ସରପଚଂ କାରାମ ଗଙ୍ଗା, କାଲିମେଳା ବ୍ଲକ ଅଧକ୍ଷ ମାଲା ମାଢି, ଶଙ୍କର ଦତ, ପୂର୍ବତନ ସରପଚଂ ଲାକା କବାସୀ, ଗ୍ରାମର ପେଦା ଜଗା ମାଢ଼ୀ, ଗ୍ରାମ ପୂଜାରୀ କାନା ମାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୟପୁରଠାରେ ହିନ୍ଦୀ ଦିବସ ପାଳିତ

ଜୟପୁର,୧୫/୯ (ନି.ପ୍ର): ଜୟପୁର ସିଟି ହାଇସ୍କୁଲରେ ହିନ୍ଦି ଦିବସ ପାଳିତ ହୋଇଛି । ମ୍ୟୁନିସିପଲଟି ହାଇସ୍କୁଲ ନଂ-୧ର ୧୯୭୯ ବ୍ୟାଚର ସ୍ୱର୍ଗତ ଏନ.ଭି ରାବନା ହିନ୍ଦି ସାରଙ୍କ ଉଦ୍ଦେଷ୍ୟରେ ଏକ ଟ୍ରଷ୍ଟ ଗଠନ କରାଯାଇଛି। ଏବଂ ୨୦୧୩ ମସିହାରୁ ହିନ୍ଦି ଦିବସ ପାଳନ କରାଯାଉଛି । ଏହି ଦିବସରେ ଟ୍ରଷ୍ଟର ସଭାପତି ଶ୍ରୀଧରନ ମୋହନ ପଟ୍ଟନାୟକ ଏହି କାଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଏହି କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀନାଥ ପଟ୍ଟନୟକ, ସମ୍ମାନିତ ଅତିଥି ଭାବେ ସୁଦାକର ପଟ୍ଟନୟକ, ସରକାରି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିମାଂଚଳ ମିଶ୍ର, ସିଟି ହାଇସ୍କୁଲର ପ୍ରଧାନଶିକ୍ଷୟତ୍ରି ବି ସୁଜାତା ଏବଂ ମୁଖ୍ୟ ବକ୍ତା ଭାବେ ବୋରିଗୁମ୍ମା ସରକାରି ଉଚ୍ଚ ବିଦ୍ୟାଳୟର ହିନ୍ଦି ଶିକ୍ଷକ ରଜତ ଷଡଙ୍ଗି ଉପସ୍ଥିତ ଥିଲେ । ସରକାରି ଉଚ୍ଚ ବାଳିକା ବିଦ୍ୟାଳୟର ଅବସର ପ୍ରାପ୍ତ ହିନ୍ଦି ଶିକ୍ଷୟତ୍ରି ଶଶି ରେଖା ମିଶ୍ର ଏବଂ ବିରୁପାକ୍ଷ ମିଶ୍ର ଉପସ୍ଥିତ ରହି ପ୍ରତିଯୋଗିତା ରେ ସପଳ ହୋଇଥିବା ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ବିତରଣ କରିଥିଲେ । କବିତା ଆବୃତିରେ ନବମ ଶ୍ରେଣିର କେ ସୁନିତା, ଦିବ୍ୟମୟି ଖାଡଙ୍ଗା ପ୍ରଥମ ଓ ଦ୍ୱିତିୟ ହୋଇଥିବା ବେଳେ ପ୍ରବନ୍ଧ ଲିଖନରେ ୧୦ ଶ୍ରେଣିର ଓମ ପ୍ରକାଶ ସାହୁ ପ୍ରଥମ ସ୍ଥାନ ହୋଇଥିବା ବେଳେ ୯ମ ଶ୍ରେଣିର କାଜଲ କୁମାରି ଦ୍ୱିତିୟ ସ୍ଥାନ ଅଧିକାର କରିଥିଲେ । ଏହା ପରେ ମୁଖ୍ୟ ବକ୍ତା ଛାତ୍ର ଛାତ୍ରୀ ଙ୍କୁ ହିନ୍ଦି ପରୀକ୍ଷା ଦେବା ପାଇଁ ଉତ୍ସାହିତ କରିଥିଲେ । ଦେଶର ଏକତା ବଜାର ରଖିବାପରେ ହିନ୍ଦି ଭାଷାର ଅବଦାନ ସମ୍ପର୍କରେ ବୁଝାଇଥିଲେ। ହିନ୍ଦି ଶିକ୍ଷକ ପ୍ରତାପ ପଟ୍ଟନାୟର ଧନ୍ୟବାଦ ଅର୍ପଣ କରିଥିବା ବେଳେ ମ୍ୟୁନିସିପଲଟି ହାଇସ୍କୁଲ ନଂ-୧ ଅବସର ପ୍ରାପ୍ତ ହିନି ଶିକ୍ଷକ ମହମ୍ମଦ ସରିଫ ସହୋଯୋଗ କରିଥିଲେ। ଏହି କାଯ୍ୟକ୍ରମରେ ବିଦ୍ୟାଳୟର ଏନ ଭାସ୍କର ଆମ୍ମା, ଭଗବାନ ସାବତ, ସନ୍ତୋଷ ଷଡଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜୁଆ ଜଳସେଚନ ଡିଭିଜନର ଏସଡିଓ ଓ କନିଷ୍ଠ ଯନ୍ତ୍ରୀଙ୍କୁ କାଦୁଅ ରାସ୍ତାରେ ତିନି ଘଣ୍ଟା ଚଲାଇଲେ ସ୍ଥାନୀୟ ଗ୍ରାମବାସୀ

ଖୋର୍ଦ୍ଧା,୧୫/୯ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ ମଲାଗୁଣି ନଦୀ ପାଣି ରାସ୍ତା ଉପର ଦେଇ ଯାଉଥିବାରୁ ଆଜି ଜଳସେଚନ ବିଭାଗ ରାଜୁଆ ଡିଭିଜନର ଏସଡିଓ ଓ କନିଷ୍ଠ ଯନ୍ତ୍ରୀ ଉକ୍ତ ସ୍ଥାନକୁ କ୍ଷୟକ୍ଷତିର ଆକଳନ ଓ ପରିଦର୍ଶନ ପାଇଁ ଯାଇଥିଲେ। ତେବେ ଭଗବତୀପଡା ଗ୍ରାମବାସୀ ରାସ୍ତା କାମ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେମାନେ କୌଣସି ସନ୍ତୋଷଜନକ ଉତର ଦେଇପାରିନଥିଲେ। ଯାହାଦ୍ୱାରା ଗ୍ରାମବାସୀ ଉତ୍ୟେକ୍ତ ହୋଇ ବିଭାଗୀୟ ଅଧିକାରୀଙ୍କୁ ସେହି କାଦୁଅ ପଚପଚ ରାସ୍ତାରେ ଚଲାଇଥିଲେ । ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ରାସ୍ତା କାର୍ଯ୍ୟ ଶେଷ ହୋଇନଥିବାରୁ ଗ୍ରାମବାସୀ ଉତକ୍ଷିପ୍ତ ହୋଇ ରହିଥିଲେ । ତେଣୁ ଉତକ୍ଷିପ୍ତ ଗ୍ରାମବାସୀ ବିଭାଗୀୟ ଏସଡିଓ ଓ କନିଷ୍ଠ ଯନ୍ତ୍ରୀଙ୍କୁ କାଦୁଅ ରାସ୍ତାରେ ତିନି ଘଣ୍ଟା ଚଲାଇଥିବାର ଜଣାପଡିଛି । ଖୋର୍ଦ୍ଧା ଜଳସେଚନ ବିଭାଗର ଅପାରଗତା ଯୋଗୁଁ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ବ୍ଲକରେ ଏଭଳି ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ସୂଚନା ଅନୁଯାୟୀ, ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଲେଣ୍ଡୁ ଗ୍ରାମ ପଞ୍ଚାୟତ ମଲାଗୁଣି ନଦୀ ଲଗାଣ ବର୍ଷା ଯୋଗୁଁ ଫୁଲି ଉଠିଛି । ଫଳରେ ଏହାର ପାଣି ଭଗବତୀପଡା ଗାଁ ରାସ୍ତାରେ ପ୍ରବାହିତ ହେଉଛି । ଗୋଳବାଇ - କଣାସ ରାସ୍ତାକୁ ସଂଯୋଗ କରୁଥିବା ଭଗବତୀପଡା ରାସ୍ତା ହେଉଛି ଏକମାତ୍ର ରାସ୍ତା, ଯେଉଁଥିରେ ହଜାର ହଜାର ଲୋକ ଯାତାୟାତ କରନ୍ତି । ପୂର୍ବରୁ ଜଳସେଚନ ବିଭାଗ ପକ୍ଷରୁ ନାଳ ସାଇଟରେ ସିମେଣ୍ଟ କଂକ୍ରିଟ ପାଚେରୀ କାମ ହେଉଥିବା ଯୋଗୁଁ ସେହି ରାସ୍ତା ଟିକୁ ସମ୍ପୂର୍ଣ୍ଣ କଟାଯାଇଥିଲା । କିନ୍ତୁ, ଏହାର ସ୍ଥାୟୀଭାବେ ମରାମତି ନକରାଯାଇ କେବଳ ମାଟି ପକାଇ ଛାଡି ଦିଆଯାଇଥିଲା । ଫଳରେ ଲଗାଣ ବର୍ଷା ଯୋଗୁଁ ଉକ୍ତ ରାସ୍ତାଟି କାଦୁଅ ହୋଇ ଯାଇଥିଲା । ଉକ୍ତ ରାସ୍ତାରେ ଲୋକେ ଚାଲିକି ଯିବା ପାଇଁ କୁଣ୍ଠାବୋଧ କରୁଥିଲେ । ରାସ୍ତାରେ ପାଣିକାଦୁଅ ପୂର୍ଣ୍ଣ ହୋଇରହିଥିବାରୁ ଲୋକେ ଯାତାୟାତ କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ରାସ୍ତା ମରାମତି ପାଇଁ ସ୍ଥାନୀୟ ଭଗବତୀପଡା ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ । ହେଲେ ବିଭାଗୀୟ ଅଧିକାରୀ ରଜ ପୂର୍ବରୁ ସାରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରିନଥିଲା । କେବଳ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଇଥିଲା । ଏଭଳି ପରିସ୍ଥିତିରେ ଗ୍ରାମବାସୀ ହଇରାଣ ହେଉଥିବାରୁ ଯଥା ଶୀଘ୍ର ରାସ୍ତା କାମ ସମ୍ପୂର୍ଣ୍ଣ କରିବାକୁ ଦାବି କରିଛନ୍ତି । ନଚେତ୍ ଏହି ରାସ୍ତା ପାଇଁ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଓଡିଶା ବ୍ରାହ୍ମଣ ସମିତି ପକ୍ଷରୁ ବୈଠକ ଓ ସମ୍ବର୍ଦ୍ଧନା ଉତ୍ସବ

ଗଞ୍ଜାମ,୧୫/୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ଚଢିଆପଡା କୃଷ୍ଣଦାସପୁର ଶାସନରେ ଓଡିଶା ବ୍ରାହ୍ମଣ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହେବା ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡିଶା ବ୍ରାହ୍ମଣ ସମିତି ରାଜ୍ୟ ସଭାପତି ମନୋଜ ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଭୁତି ଭୂଷଣ ମିଶ୍ର ଯୋଗ ଦେଇଥିଲେ। ଜିଲ୍ଲା ସଭାପତି କାଳୀ ଚରଣ ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁରେଶ ଚନ୍ଦ୍ର ହୋତା, ଶରତ ଚନ୍ଦ୍ର ଦାଶ, ମୁରଲୀଧର ନନ୍ଦ, ବିପିନ ମହାପାତ୍ର, ରବୀନ୍ଦ୍ର ହୋତା, ଗଣେଶ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ । ସମିତିକୁ ସରକାରୀ ସ୍ତରରେ ମାନ୍ୟତା ପାଇବା ଲାଗି ଉଦ୍ୟମ କରିବା ସହିତ ସମସ୍ତ ବ୍ରାହ୍ମଣ ସମାଜକୁ ଏକାଠି କରିବା ଉପରେ ଆଲୋଚନା ହୋଇଥିଲା । ବେଦ ବିଦ୍ୟାଳୟରୁ ଆସିଥିବା ଛାତ୍ରମାନଙ୍କ ଧ୍ୱାରା ବେଦ ପାଠ ହେବାସହ ସ୍ଥାନୀୟ ମନ୍ଦିରରେ ବିଶ୍ୱଶାନ୍ତି ପାଇଁ ଘୃତ ଯଜ୍ଞ ଅନୁଷ୍ଠିତ ହୋଇଥିଲା । କରୋନା ଯୋଦ୍ଧା ଭାବେ ସାମ୍ବାଦିକ ଅତ୍ରି ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନୂତନ ଭାବେ ଯୋଗ ଦେଇଥିବା ବ୍ରାହ୍ମଣ ସମିତି ସଦସ୍ୟ ବୃନ୍ଦଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିସହ କୃତିତ୍ୱ ଅର୍ଜନ କରିଥିବା ଛାତ୍ରମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବୈଠକରେ ଅଂଚଳର ବହୁ ବ୍ରାହ୍ମଣ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଗଣମାଧ୍ୟମ ପ୍ରତିନିଧିଙ୍କ ଚନ୍ଦ୍ରିକା ବିଦ୍ୟାମନ୍ଦିର ପରିଦର୍ଶନ

ଗଞ୍ଜାମ,୧୫/୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ପିତଳ ଛକସ୍ଥିତ ଚନ୍ଦ୍ରିକା ଆବାସିକ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ ବିଚିତ୍ରାନନ୍ଦ ମୁନୀଙ୍କ ନିମନ୍ତ୍ରଣ କ୍ରମେ ଶେରଗଡ ମିଡିଆ ହାଉସ୍ ର ଉପଦେଷ୍ଟା ଡାକ୍ତର ହୃଷୀକେଶ ମହାନ୍ତିଙ୍କ ନେତୃତ୍ୱରେ ମିଡିଆ ହାଉସ୍ ର ସଦସ୍ୟ ତଥା କର୍ମକର୍ତା ମାନେ ବିଦ୍ୟାମନ୍ଦିର ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଛନ୍ତି । ଏହି ପରିଦର୍ଶନ ସମୟରେ ସର୍ବଶ୍ରୀ ମେଘନାଦ ଦାସ, ଅଖିଳ ପଟ୍ଟନାୟକ, ପ୍ରଫୁଲ କୁମାର ମହାନ୍ତି, ଚନ୍ଦ୍ରଶେଖର ପୃଷ୍ଟି, ବିରୁପାକ୍ଷ ବିଶୋଇ, ଅଶୋକ କୁମାର ଦାଶ, ଶ୍ରୀପଦ ଦାସ, ରମେଶ ଚନ୍ଦ୍ର ପ୍ରଧାନ, ସନ୍ତୋଷ ପାଢୀ, ଅଜିତ ପଣ୍ଡା, ଶଙ୍କର ପ୍ରଧାନ ଓ ପ୍ରବୀଣ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନାଚାର୍ଯ୍ୟ ସମସ୍ତ ସାମ୍ବାଦିକ ମାନଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ ।

# ପୁରୁଖା କଳାକାରଙ୍କ ପରଲୋକ

ନୂଆପଡା,୧୫/୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଖାସବାହାଲ ଗ୍ରାମ ପଂଚାୟତର ବଙ୍କାପୁର ଗ୍ରାମର ଚଏତୁ ହଂସଙ୍କ ଆଜି ପରଲୋକ ହୋଇ ଯାଇଛି।ମୃତ୍ୟୁ ବେଳକୁ ତାଙ୍କୁ୮୦ବର୍ଷ ବୟସ ହୋଇଥିଲା। ସେ ଜଣେ ମେଳାପି ଓ ମିଷ୍ଟଭାଷୀ ଥିଲେ।ସେ ଜଣେ ଜଣାଶୁଣା ମଂଚ କଳାକାର ମଧ୍ୟ ଥିଲେ।ପୂର୍ବେ ଗ୍ରାମାଂଚଳରେ ଅଭିନୀତ ହେଉଥିବା ବିଭିନ୍ନ ଗୀତିନାଟ୍ୟ ରେ ଅଭିନୟ କରିବା ସହ ମୃତ୍ୟୁ ପର୍ଯ୍ୟନ୍ତ ସବୁ ଭୂମିକାଙ୍କ ପଦ ଓ ଡାଇଲଗ ମନେ ରଖିଥିଲେ।

# ବଢୁଛି କୋଲେଷ୍ଟେରଲ!

କୋଲେଷ୍ଟେରଲ ବଢ଼ିବା ସ୍ୱାସ୍ଥ୍ୟ ପାଇଁ ନିଶ୍ଚିତ ଭାବେ କ୍ଷତିକାରକ । ଅଧିକାଂଶ ଭାବନ୍ତି, ୪୦ ପାଖାପାଖି ବୟସ ହେଲେ କୋଲେଷ୍ଟେରଲ ବଢ଼ିବା କଥା ଚିନ୍ତା କରିବେ । ଏବେ କିନ୍ତୁ ୧୮-୩୫ ବର୍ଷ ବୟସ ମଧ୍ୟରେ ଯୁବକମାନଙ୍କଠାରେ ବି କୋଲେଷ୍ଟରଲ ସମସ୍ୟା ଦେଖାଯାଉଛି । ଏହା ବଢ଼ିଲେ କମ ବୟସରେ ହୃଦଘାତ, ଉଚ୍ଚ ରକ୍ତଚାପ, ଧମନୀ ବ୍ଲକ୍ ହେବା, ମସ୍ତିଷ୍କାଘାତ ପରି ଘାତକ ରୋଗ ଆକ୍ରମଣ କରିଥାଏ । ଶରୀରରେ କ୍ଷତିକାରକ କୋଲେଷ୍ଟେରଲ ବଢ଼ିବା ସମୟରେ କେତେକ ଲକ୍ଷଣ ଦେଖାଯାଏ । ଏହାକୁ ତୁରନ୍ତ ଚିହ୍ନଟ କରି ସତର୍କ ହୋଇଯିବା ଉଚିତ । ଏପରି ପାଞ୍ଚଟି ଲକ୍ଷଣ ହେଲା



## ଧଇଁସଇଁ ଲାଗିବା:

ପୂର୍ବାପେକ୍ଷା କାମ କରିବା ସମୟରେ ଶୀଘ୍ର ଥକିଯିବା, ଚାଲିବା ଏବଂ ପାହାଚ ଚଢ଼ିବା ସମୟରେ ଶୀଘ୍ର ଥକିଯିବା, ଚାଲିବା ଏବଂ ପାହାଚ ଚଢ଼ିବା ସମୟରେ ଧଇଁସଇଁ ଲାଗିବା, ହୃତସ୍ପନ୍ଦନ ବଢ଼ିଯିବା, ଖୁବ୍ ଦୁର୍ବଳ ଅନୁଭବ କରିବା ଆଦି କୋଲେଷ୍ଟରଲ ବଢ଼ିବାର ପ୍ରମୁଖ ଲକ୍ଷଣ ।





## ହାତ, ଗୋଡ଼ ଝିମଝିମ ହେବା:

ଅନେକ ଥର ହାତଗୋଡ଼ ଝିମ ଝିମ ହୋଇଯିବାବେଳେ ଦେହସାରା ପିମ୍ପୁଡ଼ି ଚାଲିବା ପରି ଅନୁଭବ ହୋଇଥାଏ । ଏହା ମଧ୍ୟ କୋଲେଷ୍ଟରଲ ବଢ଼ିବାର ଲକ୍ଷଣ ହୋଇପାରେ । ଧମନୀରେ ବ୍ଲକ୍ ହେଲେଯେଉଁ ଅଙ୍ଗଗୁଡ଼ିକ ପର୍ଯ୍ୟନ୍ତ ରକ୍ତ ପ୍ରବାହ ହୋଇପାରିନାହିଁ, ସେଠାରେ ଏପରି ହୋଇଥାଏ ।



## ବେକ, ମାଢ଼ି, ପେଟ ଓ ପିଠି ଯନ୍ତ୍ରଣା:

ଏସବୁ ସ୍ଥାନରେ ଯନ୍ତ୍ରଣା ହେଲେ ବସିବା କି ଶୋଇବାରେ ସମସ୍ୟା ହୋଇଥିବ ବୋଲି ଅନେକ ଭାବିନିଅନ୍ତି । ଏହି ଯନ୍ତ୍ରଣା କିନ୍ତୁ କୋଲେଷ୍ଟେରଲ ଯୋଗୁ ବି ହୋଇପାରେ । ମାଢ଼ି ଓ ଛାତିର ନିମ୍ନ ଭାଗରେ ଯନ୍ତ୍ରଣା ହୃଦଘାତର ପ୍ରାରମ୍ଭିକ ଲକ୍ଷଣ ହେବା ଆଶଙ୍କା କରାଯାଏ ।

## ଆଖି ଉପରେ ହଳଦିଆ ଦାଗ:

ଏପରି ଦାଗ କିମ୍ବା ଭାତୁଡ଼ି ପରି ଦେଖାଯିବା ମଧ୍ୟ କୋଲେଷ୍ଟରଲ ବଢ଼ିବାର ଲକ୍ଷଣ । ରକ୍ତିରେ ଫ୍ୟାଟ୍ ପରିମାଣ ବଢ଼ିଗଲେ ଏହା ହୋଇଥାଏ । କେତେକ କ୍ଷେତ୍ରରେ ଏହା ମଧୁମେହର ବି ଲକ୍ଷଣ ହୋଇପାରେ ।



## ସତର୍କତା:

ପରିବାରରେ କାହାକୁ ହୃଦଘାତ କିମ୍ବା କୋଲେଷ୍ଟରଲ ସମସ୍ୟା ନଥିଲେ ବି ୨୦ବର୍ଷ ବୟସରେ ପ୍ରଥମ କୋଲେଷ୍ଟେରଲ ପରୀକ୍ଷା କରାଇବା ଉଚିତ । ଏହାପରେ ପ୍ରତି ତିନି ବର୍ଷରେ ଥରେ ଏହି ପରୀକ୍ଷା କରାଇବେ । ଖାଦ୍ୟଦେଞ୍ଜରେ କିଛି ସତର୍କତା ଅବଲମ୍ବନ କଲେ ଏଥିରୁ ସୁରକ୍ଷିତ ରହିପାରିବେ ।

ଅଖରୋଟ୍, ବାଦାମ, ପିସ୍ତାରେ ପ୍ରଚୁର ଫାଇବର, ଓମେଗା ୩ ଫ୍ୟାଟି ଏସିଡ୍ ଏବଂ ଭିଟାମିନ ରହିଛି ଯାହା କ୍ଷତିକାରକ କୋଲେଷ୍ଟରଲ କମାଇ ଉପକାରୀ କୋଲେଷ୍ଟରଲ ବଢ଼ାଇବାରେ ସହାୟକ ହୋଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ପ୍ରତିଦିନ ଡ୍ରାଏଫ୍ରୁଟସରୁ ୮-୧୦ଟି ଖାଇବା ଉଚିତ । ତେବେ ଛଣା ଏବଂ ଲୁଣିଆ ଡାଏଫ୍ରୁଟସ ଖାଇବେ ନାହିଁ । ବାଦାମ, ଅଖରୋଟକୁ ପାଣିରେ ଭିଜାଇବା ଦ୍ୱାରା ଏହାର ଚୋପା ବାହାରିଯାଏ ଏବଂ ଫ୍ୟାଟ କମ ହୋଇ ଏଥିରେ ଭିଟାମିନ ଇ ମାତ୍ରା ବଢ଼ିଥାଏ । ଅଖରୋଟ ଖାଇବାରେ ଆଲର୍ଜି ଥିଲେ ଏହା ଖାଆନ୍ତିନି । ଶାରୀରିକ ଶ୍ରମ କରୁନଥିବା ମହିଳାମାନେ ଅଧିକ ବାଦାମ ଖାଇବା ମନା ।

ନିୟମିତ ସକାଳୁ ଖାଲି ପେଟରେ ଚୋପାଛଧା ରସୁଣ ଖାଇଲେ କ୍ଷତିକାରକ ଏଲଡିଏଲ କୋଲେଷ୍ଟରଲ ପରିମାଣ ୯ରୁ ୧୫ ପ୍ରତିଶତ ପର୍ଯ୍ୟନ୍ତ କମିଯାଇପାରେ । ଏହା ମଧ୍ୟ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରେ । ପ୍ରତିଦିନ ଗୋଟିଏ ତାଟିଆ ଓଟସ କିମ୍ବା ୨ପଟ ଓଟସ ତିଆରି ପାଁରୁଟି ଖାଇଲେ ଶରୀରକୁ ପର୍ଯ୍ୟପ୍ତ ବିଟା ଗ୍ଲୁକନ ମିଳେ ।

ତିନିମାସ ନିୟମିତ ଓଟସ ଖାଇବା ଦ୍ୱାରା ଏଲଡିଏଲ ୫ପ୍ରତିଶତ କମିଯାଇପାରେ । ହଜମ ସମସ୍ୟା ଥିଲେ ଏହା ଖାଆନ୍ତୁନି । ସୋୟାବିନ, ବିଭିନ୍ନ ପ୍ରକାର ଡାଲି, ଗଜାଶସ୍ୟ ଆଦି ଶରୀରରୁ କ୍ଷତିକାରକ କୋଲେଷ୍ଟେରଲ ବାହାର କରିବାରେ ଯକୃତକୁ ସାହାଯ୍ୟ କରନ୍ତି । ୟୁରିକ୍ ଏସିଡ୍ ସମସ୍ୟା ଥିଲେ ଏଗୁଡ଼ିକ କମ ଖାଇବେ ।

ପ୍ରତିଦିନ ଖାଦ୍ୟରେ ଲେମ୍ବୁ, ନିଶ୍ଚୟ ରଖନ୍ତୁ । ସକାଳୁ ଖାଲିପେଟରେ ଏକ ଗ୍ଲାସ ଉଷୁମ ପାଣି ସହିତ ଲେମ୍ବୁ ରସ ମିଶାଇ ପିଇଲେ ଏହା ଶରୀରରୁ କ୍ଷତିକାରକ କୋଲେଷ୍ଟାରଲ ଏବଂ ଅନ୍ୟାନ୍ୟ ବିଷାକ୍ତ ତତ୍ତ୍ୱ ବାହାର କରିଦିଏ । ଏହା ସହିତ ଅନ୍ୟାନ୍ୟ ଖଟାଜାତୀୟ ଫଳ ବି ଖାଆନ୍ତୁ ।

ଅଲିଭ ଅଏଲରେ ଥିବା ମନୋଅନସାଚୁରେଟେଡ୍ ଫ୍ୟାଟ୍ କୋଲେଷ୍ଟେରଲ ସ୍ତର ବଢ଼ିବାକୁ ଦିଏନାହିଁ । ଏହା ଧମନୀର କାନ୍ଥ ସୁଦୃଢ଼ ରଖିବା ସହ ହୃଦରୋଗର ଆଶଙ୍କା କମାଏ । ଯଦି ଏହି ତେଲ ବ୍ୟହାର କଲେ ଆଲର୍ଜି ହେଉଥାଏ, ତେବେ ରାଶି କିମ୍ବା ରାଇସ୍ ବ୍ରାନ୍ ତେଲ ବ୍ୟବହାର କରିପାରନ୍ତି ।








# ମେରୁଦଣ୍ଡ ସୁସ୍ଥ ରହିବ

*ମେରୁଦଣ୍ଡ ସଂଲଗ୍ନ ଚଉଡ଼ା ଅସ୍ଥିରେ ଭରାଦେଇ ପଛକୁ ନଇଁବାର ଏକାଧିକ ଉପକାର ମିଳିଥାଏ । ଏହା ତଳପିଠିକୁ ଆରାମ ଦେବା ସହ ନିତମ୍ବ ମାଂସପେଶୀକୁ ଏବଂ ଏହା ସଂଲଗ୍ନ ଅଙ୍ଗଗୁଡ଼ିକୁ ସକ୍ରିୟ କରେ । ଏଭଳି ବ୍ୟାୟାମ ଦ୍ୱାରା ଛାତି, ତଳିପେଟର ଭଲ ଷ୍ଟ୍ରେଚିଂ ହୋଇପାରେ ଏବଂ ବେକ ସହଜ ଭାବେ କାମ କରିପାରେ ।*



**ପ୍ରକ୍ରିୟା:-** ଟାଣ ଫୋମ ବା ସ୍ପଞ୍ଜର ଦୁଇଟି ୮-୪୪ ଇଞ୍ଚ ଇଟା ନିଅନ୍ତୁ ।
ତଳେ ଏକ ଲମ୍ବା ଚଟେଇ କିମ୍ବା ଚାଦର ବିଛାଇ ଚକା ପକାଇ ସଳଖ ଭାବେ ବସିପଡ଼ନ୍ତୁ ।
ଏବେ ପିଠିମାଡି ଶୋଇବା ସହିତ ଗୋଡ଼ ଦୁଇଟି ଆଣ୍ଠୁ ଭାଙ୍ଗି ରଖିବେ । ଗୋଇଠି ନିତମ୍ବ ପାଖରେ ରହୁଥିବା ଜରୁରୀ ।
ପାଦରେ ଚାପ ଦେଇ ନିତମ୍ବକୁ ଧୀରେଧୀରେ ଉଠାନ୍ତୁ ।
ଏହା ସହିତ କାନ୍ଧରେ ତଳେ ଚାପ ଦେଇ ଛାତି ଉପରକୁ ଉଠାଇବେ । ସ୍ପଞ୍ଜ ଇଟା ନେଇ କଟି ଏବଂ ନିତମ୍ବର ଯୋଡେଇ ସ୍ଥାନରେ ଭରାଦେବା ପରି ରଖିବେ । ଇଟାଟି ଯେପରି କେବଳ ତଳ ପିଠିକୁ ଲାଗୁନଥିବ ।
ଗୋଇଠିକୁ ଧୀରେ ଆଗକୁ ଘୁଞ୍ଚାଇ ଲମ୍ବାଇବାକୁ ଚେଷ୍ଟା କରନ୍ତୁ ।
ଆଣ୍ଠୁ କୁ ଷ୍ଟ୍ରେଚ୍ କରିବା ସହ ଗୋଡ ସିଧା ରଖିବେ ।
ହାତ ଦୁଇଟି ମଧ୍ୟ ମୁଣ୍ଡଉପରେ ନେଇ ସଳଖ ଭାବେ ଭୂମିରେ ଲଗାଇ ରଖିବେ । ତଳପେଟକୁ ଲଗାଇ ନିଶ୍ୱାସ ନେବା ସହିତ ଚାରି ମିନିଟ୍ ଏହି ଅବସ୍ଥାରେ ରହନ୍ତୁ ।
ଧୀରେଧୀରେ ଗୋଡ଼କୁ ଭାଙ୍ଗି ସାମାନ୍ୟ ଅବସ୍ଥାକୁ ଫେରି ଆସିବେ ।

# ସ୍ୱାସ୍ଥ୍ୟ ସମାଚାର

ପିଲାଦିନେ ପାଟିରେ କୌଣସି ସଂକ୍ରମଣ ହୋଇଥିଲେ କିମ୍ବା ଦାନ୍ତରୋଗ ଥିଲେ ଏହା ବୟସାଧିକ୍ୟ ବେଳକୁ ଆଥେରୋସ୍କ୍ଲେରୋସିସ୍ ପରି ଜଟିଳ ହୃଦରୋଗର କାରଣ ହୋଇପାରେ । ଏଥିରେ ଧମନୀର ଭିତର କାନ୍ଥରେ ଚର୍ବିଜାତୀୟ ପଦାର୍ଥ ଜମା ହୋଇଯାଏ । ଏହି ତଥ୍ୟ ଜାମା ନେଟୱର୍କ ଓପନ ପତ୍ରିକାରେ ପ୍ରକାଶିତ । ରକ୍ତ ପରୀକ୍ଷା ଦ୍ୱାରା ଆଲଜାଇମର ରୋଗର ଲକ୍ଷଣ ପ୍ରକାଶ ପାଇବାର ପ୍ରାୟ ଆଠବର୍ଷ ପୂର୍ବରୁ ଏହା ସଂକ୍ରାନ୍ତରେ ଜଣାପଡ଼ିପାରିବ । ଏଥିରେ ରକ୍ତରେ ଏକପ୍ରକାର ପ୍ଲାକ୍ ସୃଷ୍ଟି ହେବା ଲକ୍ଷ୍ୟ କରାଯାଏ । ଏହି ତଥ୍ୟ ଆଲଜାଇମର୍ସ ଆଣ୍ଡ ଡିମେନସିଆ ହାଇଗ୍ନୋସିସ୍, ଆସେସମେଣ୍ଟ ଆଣ୍ଡ ଡିଜିଜ ମନିଟରିଂ ପତ୍ରିକାରେ ପ୍ରକାଶ ପାଇଛି । ମେଦବହୁଳତାରେ ଆକ୍ରାନ୍ତ ବ୍ୟକ୍ତି ଯଦି ସାଇକଲ ଚଳାଇବା ଏବଂ ଚାଲିବା ପର ଦୈନନ୍ଦିନ କାର୍ଯ୍ୟ ଜାରି ରଖନ୍ତି, ସେମାନେ ହୃଦଘାତ ଏବଂ ନିଜକୁ ଅକାଳ ମୃତ୍ୟୁଠାରୁ ସୁରକ୍ଷିତ ରହିପାରିବେ । ୟୁରୋପିଆନ କଂଗ୍ରେସରେ ଏହି ତଥ୍ୟ ଉପସ୍ଥାପନ କରାଯାଇଥିଲା ।

## ବୃହତ୍ତମ କଏନ ପିରାମିଡ୍



ଏରିଜୋନା ଅନ୍ତର୍ଗତ ଟୋଲସନର ମଧ୍ୟ-ବୟସ୍କ ଭଦ୍ରବ୍ୟକ୍ତି କୋରି ନିଲସନ ଗତ ଗତ ତିନି ବର୍ଷ ହେଲା, ଏକ ବିଚିତ୍ର କାର୍ଯ୍ୟରେ ମାତିଛନ୍ତି । ବିଶ୍ୱର ବୃହତ୍ତମ କଏନ ପିରାମିଡ୍ ଗଢ଼ିବା, ତାଙ୍କର ଲକ୍ଷ୍ୟ । ସେ ଧାତବ ମୁଦ୍ରା ସଂଗ୍ରହ ଜାରିରଖି, ନିଜ ପିରାମିଡର ଉଚ୍ଚତା ଓ ଆକାର ବଢ଼ାଇଚାଲିଛନ୍ତି । ନିୟମିତ ବ୍ୟବଧାନରେ ପିରାମିଡ୍ଟର ଫଟୋ ଓ ଭିଡ଼ିଓ ବିଭିନ୍ନ ଗଣମାଧ୍ୟମରେ ଛାଡୁଛନ୍ତି । ଅଦ୍ୟାବଧି ତାଙ୍କ ପିରାମଡରେ ଲାଗିସାରିଲାଣି ୯୩୮,୩୨୨ଟି ମୁଦ୍ରା । ସେଗୁଡ଼ିକର ମୋଟ ମୂଲ୍ୟ ଦଶ ହଜାର ଡଲାଣ ଏବଂ ଓଜନ ୨୬୨୭.୩ କିଲୋଗ୍ରାମ । ତାଙ୍କ ପାଖରେ ଏବେ ଗଚ୍ଛିତ ଅଛି ଆଉ ଏକ ଲକ୍ଷ ମୁଦ୍ରା । ସେତକ ଖଞ୍ଜିଦେବା ପରେ ପିରାମିଡର ଆକାର ଆହୁରି ବଢ଼ିଯିବ ଏବଂ ସେଇଟି ବିଶ୍ୱର ବୃହତ୍ତମ କଏନ ପିରାମିଡର ମାନ୍ୟତା ଲାଭକରିବ । ଆସନ୍ତା ମାସ ଶେଷ ସୁଦ୍ଧା ସେ ଲକ୍ଷ୍ୟ ହାସଲ କରି ପାରିବେ ବୋଲି ଆଶା କରୁଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ୨୦୧୪ରେ ଲିଥୁଆନିଆର ଡୋମାସ ଜୋକୁବସକିସ ଏବଂ ବ୍ୟାଟୌତାସ ଜାକପ୍ରସ୍ ଏକ ବିଶାଳ କଏନ ପିରାମିଡ୍ ଗଢ଼ିଥିଲେ, ଯେଉଁଥିରେ ଲାଗିଥିଲା ମୋଟ ୧୦,୦୦,୯୩୫ଟି ମୁଦ୍ରା । କୋରି ନିଜ ଲକ୍ଷରେ ସଫଳ ହେଲେ, ବିଶ୍ୱ ଏକ ନୂଆ କୀର୍ତ୍ତିମାନ ଦେଖିବ ।

# ଘାସରେ ଚାଲନ୍ତୁ

ସକାଳୁ ଚାଲିବା ଦେହ ପାଇଁ ଖୁବ୍ ହିତକର । ଏହି କାରଣରୁ ଡାକ୍ତରମାନେ ସକାଳୁଆ ଚାଲିବା ବା ମର୍ଣ୍ଣିଂଓ୍ୱାକ୍ କରିବାକୁ ପରାମର୍ଶ ଦେଇଥାନ୍ତି । ସକାଳୁ ସତେଜ ପବନ ଭିତରେ ସବୁଜ ଘାସ ଉପରେ ଚାଲିବା ଏକାଧିକ ରୋଗର ଉପଶମ କରିପାରେ । ବିଶେଷ କରି ଘାସ ଉପରେ ଖାଲି ପାଦରେ ଚାଲିବା ଆହୁରି ଭଲ । ଏହାକୁ ଗ୍ରୀନ ଥେରାପି ବୋଲି କୁହାଯାଉଛି । ଯେତେ ଅଧିକ ସମୟ ସବୁଜିମା ମଧ୍ୟରେ ରହିବେ ଏବଂ ସବୁଜ ଘାସ ଉପରେ ଚାଲିବେ, ସେତେ ସୁସ୍ଥ ଓ ଟେନସନ ମୁକ୍ତ ରହିପାରିବେ । ସବୁଜ ପରିବେଶ ମଣିଷ ମଧ୍ୟରେ ସୁରକ୍ଷା ଭାବନା ବଢ଼ାଏ । ଏହି ଗ୍ରୀନ୍ ଥେରାପି ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼ାଇବା ସହ ମାଂସପେଶୀଗୁଡ଼ିକୁ ଆରାମ ଦେଇ ଅଧିକ ସକ୍ରିୟ କରାଏ । ମଧୁମେହରେ ଆକ୍ରାନ୍ତ ରୋଗୀମାନେ ସବୁଜିମା ମଧ୍ୟରେ ବସିବା, ଏହାକୁ ଦେଖିବା ତଥା ଏଭଳି ପରିବେଶରେ ଚାଲବୁଲ କରିବା ଖୁବ୍ ଉପକାରୀ । କେତେକ ମଧୁମେହ ରୋଗୀଙ୍କ କ୍ଷେତ୍ରରେ କୌଣସି କ୍ଷତ ହେଲେ ଏହା ଭଲହେବା କଷ୍ଟକର ହୋଇଯାଏ । ଏମାନେ ଯଦି ନିୟମିତ ସବୁଜ ପରିବେଶ ଭିତରେ ରହି ଲମ୍ବାଶ୍ୱାସ ଗ୍ରହଣ କରି ଚାଲବୁଲ କରନ୍ତି, ଶରୀରକୁ ଅଧିକ ଅମ୍ଳଜାନ ମିଳେ ଏବଂ କ୍ଷତ ଶୀଘ୍ର ଭଲ ହୋଇପାରେ । ସବୁଜ ଘାସ ଉପରେ ଖାଲିପାଦରେ ଚାଲିବା କିମ୍ବା ବସିବା ଗ୍ରୀନ ଥେରାପିର ମୁଖ୍ୟ କାଯ୍ୟ ହୋଇଥିବାରୁ ସକାଳୁ କାକର ଭିଜା ଘାସରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏହାଦ୍ୱାରା ପାଦତଳେ ଥିବା କୋମଳ କୋଷ ସହ ଜଡ଼ିତ ସ୍ନାୟୁତନ୍ତ୍ର ଦ୍ୱାରା ମସ୍ତିଷ୍କର ଉପକାର ହୋଇଥାଏ । ଘାସ ଉପରେ କିଛି ସମୟ ବସିଗଲେ ଟେନସନ, ଆଲର୍ଜି ଏବଂ ଛିଙ୍କ ଦୂର ହୁଏ । ସକାଳୁସକାଳୁ କାକର ଭିଜା ଘାସରେ ଚାଲିଲେ ଦୃଷ୍ଟିଶକ୍ତି ବଢ଼େ ।



ଏପରିକି ଚଷମା ଲଗାଉଥିଲେ ଏପରି ଚାଲିବା ଦ୍ୱାରା ଏଥିରୁ ମୁକ୍ତି ପାଇପାରନ୍ତି ନଚେତ ଚଷମାର ନମ୍ବର କମିଯାଇପାରେ । ପ୍ରଦୂଷିତ ବାୟୁରେ କାମ କରୁଥିବା ଲୋକେ ଗ୍ରୀନ ଥେରାପିର ସାହାରା ନେଲେ ତଥା ନିଜ କର୍ମକ୍ଷେତ୍ର ପାଖରେ ସବୁଜ ପରିବେଶ ସୃଷ୍ଟି କଲେ ଶ୍ୱାସରୋଗ ହେବା, ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିବା ପରି ସମସ୍ୟାରୁ ମୁକ୍ତି ପାଇପାରନ୍ତି । ଗ୍ରୀନ ଥେରାପି ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବା ସହ ଶରୀରରେ ଶକ୍ତି ସଞ୍ଚାର କରେ ।

# ପ୍ରଦୂଷଣ ମାତ୍ରା କମାଇବ ଇ-ବସ୍




ପରିବହନ କ୍ଷେତ୍ରରେ ପ୍ରଦୂଷଣ ମାତ୍ରା କମାଇବା ପାଇଁ ହିମାଚଳ ପ୍ରଦେଶ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ ଦୃଇର୍ଟ

ସଡ଼କ ଯାତ୍ରୀ ପ୍ରଦେଶ ଓ ଆନ୍ଧ୍ର ଅଭିନବ କରାଯାଇଛି । ଦିର୍ଦ୍ଦିଷ୍ଟ ପଥରେ ଦୁଇ ସରକାର ଇ-ବସ୍ ବା ଇଲେକ୍ଟ୍ରୋନିକ୍ ବସ ଚଳାଚଳ ଆରମ୍ଭ କରିଛନ୍ତି । ହିମାଚଳ କୁଲ୍ଲୁ ମନାଲୀ-ପଥରେ ଏବଂ ତିରୁମାଲା ଘାଟି ପ୍ରଦୂଷଣ ରୋକିବା

ପ୍ରଦେଶ ଅନ୍ତର୍ଗତ ରୋହତଙ୍ଗ ପବବାସ ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ତିରୁପତି-ରାସ୍ତାରେ ବୈଦ୍ୟୁତିକ ବସ ସେବା ନିଶ୍ଚିତ ଭାବେ ହିମାଚଳ ସରକାର ପଚିଶଟି ଓ ଆନ୍ଧ୍ର ସରକାର ପଚାଶଟି ବସ ଚଳାଉଛନ୍ତି । ହାଇଦ୍ରାବାଦ 'ଗୋଲ୍ଡଷ୍ଟୋନ ଇନଫ୍ରାଟେକ୍ ଲିମିଟେଡ୍' ଦ୍ୱାରା ଏ ସବୁ ବସଗୁଡ଼ିକୁ ତିଆରି କରାଯାଇଛି । ଗୋଟିଏ ଇ-ବସର ମୂଲ୍ୟ ତିନି କୋଟି ଟଙ୍କା କେନ୍ଦ୍ର ସରକାର ସବସିଡି ବାବଦରେ ପଞ୍ଚାଅଶୀ ଲକ୍ଷ ଦେଉଥିବା ଜଣାଯାଏ । ଇ-ବସ୍ ନିରାପଦ ଏବଂ ଏହାର ଅଧିକ ପ୍ରଚଳନ ଦ୍ୱାରା କୌଣସି କ୍ଷତି ହେବାର ଆଶଙ୍କା ନାହିଁ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୬ ସେପ୍ଟେମ୍ବର ୨୦୨୧, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉବୁଟୁବୁ...

ବହୁଦିନ ହେଲା ଲାଗିରହିଥିଲା ଅଭାବୀ ବର୍ଷା । ନିଅଣ୍ଟ ବୃଷ୍ଟିପାତ କାରଣରୁ ଚାଷବାସ ହେବାରେ ଚାଷୀମାନେ ଯେଉଁଭଳି ସମସ୍ୟାର ସମ୍ମୁଖୀନ ହେଉଥିଲେ, ତାହା ସମସ୍ତଙ୍କ ଅଙ୍ଗେନିଭା ଅଭିଜ୍ଞତା । ହେଲେ ପ୍ରକୃତି ଏଭଳି ଦାଉ ସାଧିଦବ ବୋଲି କେହି ଜାଣିନଥିଲେ । ଗତ ସପ୍ତାହରେ ଆରମ୍ଭ ହୋଇଗଲା ମୂଷଳ ଧାରାରେ ବର୍ଷା । ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ପାଣିପାଗ ବିଭାଗ ଆକଳନ ପ୍ରକାରେ ଲଘୁଚାପ ପ୍ରଭାବରେ ଯେମିତି ବର୍ଷାବିପ୍ଳାତ ହେଲା, ତାହା ହୁଏତ ସବୁ ପୂର୍ବ ରେକର୍ଡ ଭାଙ୍ଗି ଦେଲା । ଶ୍ରୀକ୍ଷେତ୍ର ପୁରୀ, ରାଜଧାନୀ ଭୁବନେଶ୍ୱର, କଟକ ମହାନଗର ସମେତ ପ୍ରାୟ ସମସ୍ତ ସହର, ଗ୍ରାମାଞ୍ଚଳ ପ୍ରବଳ ବର୍ଷରେ ଉବୁଟୁବୁ ହୋଇଗଲା । ଏମିତିରେ ବର୍ଷ ବର୍ଷ ଧରି ଯେଉଁ ମୌସୁମୀ ଲୁଚକାଳି ଖେଳୁଥିଲା, ଲଘୁଚାପ ଓ ସାମୁଦ୍ରିକ ବଳୟ ସୃଷ୍ଟି ନହେଲେ ବର୍ଷାର ଦେଖାନଥିଲା । ମାତ୍ର ଏଥର କ'ଣ ହେଲା କେଜାଣି, ସାରା ରାଜ୍ୟରେ ଅକସ୍ମାତ ମେଘ ଢ଼ାଳିଦେବା ଫଳରେ ସୃଷ୍ଟି ହୋଇଛି ଜଳପ୍ରଳୟ । ଏଭଳି କୌଣସି ନଦୀବନ୍ଧ ବା ଜଳାଶୟ ନାହିଁ, ଯାହାକି ଏଥର ପ୍ରବଳ ବର୍ଷାରେ ଭରିଯାଇନାହିଁ । ସେଥିରୁ ଉଛୁଳାପାଣିରେ ନଦୀଦଗୁଡ଼ିକରେ ଆସିଯାଇଛି ଅଦିନ ବନ୍ୟା । ପ୍ରକୃତିର ବିଚିତ୍ର ଆଚରଣ କାରଣରୁ ପ୍ରବଳ ବର୍ଷାଜନିତ କ୍ଷୟକ୍ଷତି ନେଇ ପରେ ବହୁକଥା ଜଣାପଡ଼ିବ । ହେଲେ ସ୍ମାର୍ଟ ସିଟି ବୋଲି ଗର୍ବ କରୁଥିବା ରାଜଧାନୀର ହାଲ୍ ଯାହା, ସେଥିରୁ ଗୋଟିଏ କଥା ବାରମ୍ବାର ପ୍ରମାଣିତ ହୋଇଯାଇଛି ଯେ, ଅନିୟନ୍ତ୍ରିତ କୃତ୍ରିମ ବନ୍ୟା ପାଇଁ କେବଳ ପ୍ରଶାସନକୁ ଦାୟୀ କରିବା ପୂର୍ବରୁ ଅମାନିଆମାନଙ୍କର ଯଦୃଚ୍ଛା ଗୃହ ନିର୍ମାଣ କଥା ବିଚାରକୁ ନେଲେ ଭଲ ହୁଅନ୍ତା । ଯେଉଁଠି କେନାଲରେ ପାଣି ଗଡ଼ିଯିବା କଥା ସେଠି କାହା କଥା ନମାନି ଆମେ ଘର ତୋଳିଦେବାରେ ପଛାଇନାହୁଁ । ଉପରମୁଣ୍ଡାରେ ହେଉଥିବା ବର୍ଷାପାଣି କେମିତି ନିଷ୍କାସିତ ହେବ ? ବ୍ୟକ୍ତିଗତ ଫାଇଦା ପାଇଁ ଯେତେ ନିୟମ କାନୁନ୍ ଅଛି, ତାହାକୁ ଫୁ' କରିଦେବାର ଦୁରଭ୍ୟାସ ନିଜକୁ ଓ ଅନ୍ୟ ସମସ୍ତଙ୍କୁ କିଭଳି ଅଭାବନୀୟ ସମସ୍ୟାରେ ପକାଉଛି । ଦେଶର 'ମିଷ୍ଟ ଲିଭେବ୍ଲ ସିଟି' ବିଶେଷଣ ପାଇଥିବା ଭୁବନେଶ୍ୱର କଥା ଯଦି, ଏହା ପୁରୀ, କଟକଠାରୁ ଆରମ୍ଭ କରି ଅନ୍ୟ ମହକୁମା ଓ ଗ୍ରାମାଞ୍ଚଳର ଦୂରବସ୍ଥା କ'ଣ କହିବା ! ଶ୍ରୀକ୍ଷେତ୍ରରେ ବର୍ଷାପ୍ରଳୟ ସୃଷ୍ଟି କରିବା କାରଣରୁ ପୁରୀବାସିନ୍ଦା ଏବଂ ବାହାରୁ ଆସିଥିବା ତୀର୍ଥଯାତ୍ରୀଙ୍କ ପାଇଁ ଯେଉଁ ଦୁର୍ଦ୍ଦଶା ଆସିଛି, ତାହା ବର୍ଣ୍ଣନାର ବାହାରେ । ସହସ୍ରାଧିକ ବର୍ଷର ସହର କଟକ ଏବେ ମହାନଗର ମାନ୍ୟତା ପାଇଛି । ହେଲେ ପୂର୍ବଥରମାନଙ୍କ ଭଳି ଏଥର ବର୍ଷାବିପ୍ଳାତ ପୁଣିଥରେ ଅସମାପ୍ତ ଜାଇକା ପ୍ରକଳ୍ପଠାରୁ ଆରମ୍ଭ କରି ସବୁ ନିଷ୍କାସନ ଯୋଜନା କେତେ ଅର୍ଥହୀନ । ଲାଗ୍ ଲାଗ୍ ତିନି ଚାରିଦିନ ଧରି ମୂଷଳ ଧାରାରେ ବର୍ଷା-ପର ଦୂରବସ୍ଥାର ଚିତ୍ର ବଖାଣୁଛି ଲୋକମାନଙ୍କର ବିକଳ ଅବସ୍ଥା । କରୋନା ଲହର ପରେ ଲହର ସଂକ୍ରମଣ ପାଇଁ ସମସ୍ତେ ଭୟଭୀତ ହୋଇ ରହିଛନ୍ତି । ଟ୍ୱିନ୍ ସିଟିରେ ବେହାଲ୍ ସ୍ଥିତି ପାଇଁ କରିଦେଇଛି ଚଳିତ ପ୍ରବଳ ବର୍ଷାବିପ୍ଳାତ । ଏଭଳି କୌଣସି ଅଞ୍ଚଳ କି' ବସ୍ତି ନାହିଁ, ଯାହାକି ଜଳପ୍ରଳୟଠାରୁ ମୁକ୍ତ ରହିଛି । ତଳୁଆ ଅଞ୍ଚଳରେ ବର୍ଷାଜଳ ପଶି ଘରର ଆସବାବପତ୍ର ନଷ୍ଟ କରିଦେଇଛି । ଆଣ୍ଠୁଏରୁ ଅଣ୍ଟେ ପର୍ଯ୍ୟନ୍ତ ପାଣିରେ ଲୋକେ କଲବଲ ହୋଇଛନ୍ତି । କାହାରି ଘରେ ରୋଷେଇବାସ ନାହିଁ, ଲୋକେ ଗାଧୁଆ ପାଧୁଆ ତ' ଦୂର କଥା, ଅନିଦ୍ରାରେ କାଳ କାଟୁଛନ୍ତି । ବର୍ଷାପାଣିରେ ବିଷଧର ସାପଠାରୁ ଆରମ୍ଭ କରି ଜନ୍ତୁଜୁନ୍ତା ପଶିଆସୁଥିବାରୁ ପାଣି ନଛାଡ଼ିଲା ପର୍ଯ୍ୟନ୍ତ ପିଲାକବିଲା ଧରି ଆତଙ୍କ ଭିତରେ ରହିଛନ୍ତି । ବଡ଼ ବଡ଼ ପୁରୁଣା କୋଠା ଓ କଚ୍ଚା ଘର ଭାଙ୍ଗି ଯାଇଛି । ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ଓ ଗଂଜାମ ଜିଲ୍ଲାରେ ବର୍ଷାବିପ୍ଳାତ ଯେଉଁ ଅକଳନ କ୍ଷତି ଘଟାଇଛି, ତାହାର ଭରଣା ଏତେଶୀଘ୍ର ସମ୍ଭବ ନୁହେଁ । ବ୍ରହ୍ମପୁରର ପାର୍କସାହିରେ ଥିବା ଶତାୟୁ ଆନ୍ଧ୍ର ସମାଜର ପୁରୁଣା ଘର ମାଟିରେ ମିଶିଯାଇଛି । ତାହାଛଡ଼ା ଛୋଟ ବଡ଼ କୋଠା ଓ କଚ୍ଚା ଘର ଅନବରତ ବର୍ଷା ସକାଶେ ଭାଙ୍ଗିଯାଇଛି । ଅବିଭକ୍ତ ଗଂଜାମ, ସମ୍ବଲପୁର, କୋରାପୁଟରେ ବହୁ ବନ୍ଧବାଡ଼ ଭାଙ୍ଗିଯାଇ କ୍ଷୟକ୍ଷତି ସାଧନ କରିଛି । ପ୍ରଶାସନ ହୁଏତ କ୍ଷୟକ୍ଷତିର ଆକଳନ କରି ଯଥାସମ୍ଭବ ସହାୟତା ରାଶିର ପ୍ରବଧାନ କରିବାକୁ ଚେଷ୍ଟା କରିବେ । କ୍ଷତି ତୁଳନାରେ ତାହା ସମୁଦ୍ରକୁ ଶଙ୍ଖେ ହେବ । ସ୍ଥିତି ସାଧାରଣ ହେବାକୁ ହେଲେ ମାସ ମାସ ଲାଗିଯିବ । କ୍ରମାଗତ ପ୍ରାକୃତିକ ତଥା ମନୁଷ୍ୟକୃତ ବିପଦର ମୁକାବିଲା ପାଇଁ ଯୋଜନାବଦ୍ଧ ନକ୍ସା ରହିବା କଥା । 'ସରକାର୍ କା ମାଲ୍, ଦରିଆ ମେ ଡାଲ୍' ନୀତିରେ ଯେମିତି ମରାମତି ହେଉଥିବାର ନଜିର ରହିଛି, ସେଥିରୁ କେହି ଶିକ୍ଷା ନେଇଥିବାର ପ୍ରମାଣ ନାହିଁ । କ୍ଷତିଭରଣା ଓ ମରାମତି ପାଇଁ ଉଦ୍ଦିଷ୍ଟ ଅର୍ଥ ରାଶିର ଠିକ୍ ବିନିଯୋଗ ହୁଅନ୍ତା, ବିପଦର ପୁନରାବୃତ୍ତିଜନିତ କ୍ଷତି ଏତେ ଅଧିକ ହୁଅନ୍ତା ନାହିଁ । ଠିକ୍ ପରିଚାଳନା ପାଇଁ ଉପଯୁକ୍ତ ନେତୃତ୍ୱ ଓ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ବହୁ ଅଧିକ ।

## ଓଡ଼ିଆ ପରମ୍ପରାରେ ସୁଦଶା ବ୍ରତ



ଅମୂଲ୍ୟ କୁମାର ପଣ୍ଡା

ଯେଉଁ ମାସର ଶୁକ୍ଳ ପକ୍ଷ ଦଶମୀ ତିଥିରେ ଗୁରୁବାର ପଡେ ସେହି ଦିନ ସୁଦଶା ବ୍ରତ ପାଳିତ ହୁଏ । ଗୃହିଣୀ ମାନେ ଘରର ସୁଖ ସମୃଦ୍ଧି ପାଇଁ ଏହି ବ୍ରତକୁ ପାଳନ କରିଥାନ୍ତି। ଏହି ଦୁନିଆର ସମସ୍ତ ମଣିଷ ମା ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ବହୁତ କିଛି ଉପାୟ କରିଥାନ୍ତି । କାରଣ ମା' ଲକ୍ଷ୍ମୀ ପ୍ରସନ୍ନ ହେବା ଦ୍ୱାରା ଘର ସୁଖ ସମୃଦ୍ଧିରେ ଭରି ଉଠିଥାଏ । ଉତ୍କଳିୟ ସଂସ୍କୃତିରେ ଓଷା ବ୍ରତ ର ଯଥେଷ୍ଟ ଗୁରୁତ୍ୱ ରହିଛି । ଓଡିଶାରେ ପାଳିତ ହେଉଥିବା ବିଭିନ୍ନ ବ୍ରତ ମଧରେ ସୁଦଶା ବ୍ରତ ଅନ୍ୟତମ । ଐଶ୍ୱର୍ଯ୍ୟର ଦେବୀ ମହାଲକ୍ଷ୍ମୀଙ୍କ ଆରଧନାର ପର୍ବ ସୁଦଶା ବ୍ରତ ନିଷ୍ଠା ଓ ଭକ୍ତିମୟ ପରିବେଷ ମଧରେ ରାଜ୍ୟର କୋଣ ଅନୁକୋଣରେ ପାଳିତ ହୋଇଯାଇଛି । ଏହି ସୁଦଶା ବ୍ରତରେ ମାତା ଲକ୍ଷ୍ମୀଙ୍କୁ ପୂଜା କରାଯାଏ। ମାତା ଲକ୍ଷ୍ମୀଙ୍କୁ ସମର୍ପଣ କରି ଏହି ବ୍ରତକୁ ଧାରଣ କରିଥାନ୍ତି ମହିଳାମାନେ। ସୁଦଶା ଶବ୍ଦ ଦଶ ସଂଖ୍ୟା ସହ ସଂଯୋଜିତ। ତେଣୁ, ସୁଦଶା ବ୍ରତରେ ଦଶ ପାଖୁଡ଼ା ପଦ୍ମ, ଦଶବର୍ଣ୍ଣ ମୁରୁଜ, ଦଶମୁଖୀ ଦୀପ, ଦଶମୁଠି ଚାଉଳ, ଦଶଗୋଟି କଦଳୀ, ଦଶଗୋଟି ମଣ୍ଡା ସହିତ ଲକ୍ଷ୍ମୀଙ୍କ ଦଶନାମ ଲକ୍ଷ୍ମୀନାରାୟଣୀ, କମଳିନୀ, ଶ୍ରୀ ହରିପ୍ରିୟା, ପଦ୍ମାଳୟା, କମଳା, ଚଞ୍ଚଳା, ବିଘ୍ନସେନୀ, ସିନ୍ଧୁର ଦୁଲ୍ଲଣୀ, ଦୁର୍ଗତି, ବିଷ୍ଣୁ ପାଟରାଣୀ ପୂଜା ହୋଇଥାଆନ୍ତି। ମହିଳାମାନେ ଏହିଦିନ ଦଶଖିଅ ଧଳାସୂତାର ଏକ ବ୍ରତ ପୂଜା କରାଯିବାର ବିଧି ରହିଛି। ସେହି ବ୍ରତକୁ ପରବର୍ତ୍ତୀ ସୁଦଶା ବ୍ରତ ପର୍ଯ୍ୟନ୍ତ ବାହୁରେ ଧାରଣ କରାଯାଏ। ଏହି ପର୍ବ ଓଡ଼ିଶାର ବିଶେଷତ୍ୱ ଏବଂ ଏହାକୁ କେବଳ ଓଡ଼ିଆ ହିନ୍ଦୁ ମହିଳା ମାନେ ପାଳନ କରିଥାଆନ୍ତି। ଭାରତର ଅନ୍ୟ ରାଜ୍ୟରେ ଏହା ଦେଖାଯାଏ ନାହିଁ। ଏହି ବ୍ରତ ବିଦର୍ଭ ଦେଶ ନରପତି ନଳ ଓ ତାଙ୍କ ପାଟରାଣୀ ଦମୟନ୍ତୀଙ୍କ କଥା ବସ୍ତୁକୁ ନେଇ ଗତିଶିଳ ହୋଇଛି । ଦୀକ୍ଷା ବ୍ରାହ୍ମଣୀର ସତ୍ୟକୁ କାଟି ନପାରି ରାଣୀଙ୍କ ବାରଣ ସତ୍ତ୍ୱେ ବ୍ରତ ପ୍ରଦାନ କରିଛନ୍ତି ରାଜା ନଳ । ଏହାପରେ ଆରମ୍ଭ ହୋଇଛି ତାଙ୍କର ଦୂର୍ଦଶା । ଏହା ପରେ ନାନା ଘାତ ପ୍ରତିଘାତ ମଦ୍ଧ୍ୟଦେଇ ଗତିକରି ପରିଶେଷରେ ମହାଲକ୍ଷ୍ମୀଙ୍କ ଅପାର କରୁଣାରୁ ତାଙ୍କର ସବୁ ସୁଖ ଫେରି ପାଇଛନ୍ତି ।



ପୌରାଣିକ କିମ୍ବଦନ୍ତୀ ଅନୁସାରେ ଜନୈକା ବିଧବା ବ୍ରାହ୍ମଣୀ ନଦୀରୁ ଜଳ ଆଣିବା ସମୟରେ ନିଜ ବ୍ରତଟିକୁ ହଜାଇ ଦେଇଛନ୍ତି । ବ୍ରତ ହରାଇ ବିକଳ ଭାବେ କ୍ରନ୍ଦନ କରୁଥିବା ବେଳେ ନଳ ରାଜା ତାଙ୍କର ଦୁଃଖ ଦୂର କରିବା ପାଇଁ ସତ୍ୟବଦ୍ଧ ହୋଇ ନିଜ ରାଣୀଙ୍କ ଠାରୁ ବ୍ରତ ଆଣି ବ୍ରାହ୍ମଣୀଙ୍କୁ ଦେଇଛନ୍ତି । ବ୍ରତଟି ଲକ୍ଷ୍ମୀଙ୍କ ପ୍ରତୀକ ହୋଇଥିବାରୁ ବ୍ରତଦାନ କଲେ ଲକ୍ଷ୍ମୀଛଡ଼ା ହେବାର କଥିତ ଥିବାରୁ ରାଣୀ ଅତ୍ୟନ୍ତ କୁଣ୍ଠାର ସହ ବ୍ରତଟିକୁ ଦେଇଛନ୍ତି । ବ୍ରତଦାନ ପରେ ତାଙ୍କର ସକଳ ସମ୍ପଦ, ସୁଖ, ଐଶ୍ୱର୍ଯ୍ୟ ଅପହୃତ ହୋଇ ରାଜା ଓ ରାଣୀ ଲକ୍ଷ୍ମୀଛଡ଼ା ଓ ଶ୍ରୀହୀନ ହୋଇ ପଡ଼ିଛନ୍ତି । ଯାବତୀୟ ଦୁଃଖ ଦୁର୍ଦ୍ଦଶା ଭୋଗ କଲାପରେ ରାଣୀ ପୁନଶ୍ଚ ଯଥାବିଧି ସୁଦଶା ବ୍ରତ ପାଳନ କରିବାପରେ ସେମାନଙ୍କର ସମସ୍ତ ଅପହୃତ ସୁଖ ସୌଭାଗ୍ୟ ଫେରି ଆସିଥିଲା । ସୁଦଶା ବ୍ରତ ପୂଜିତ ଲକ୍ଷ୍ମୀ ନାରାୟଣ ବ୍ରତରେ ଦଶଟି ଗଣ୍ଠି ପକାଯାଏ ଆଉ ଏହି ଗଣ୍ଠି ଗୁଡିକର ନାମ ହେଉଛି - ଲକ୍ଷ୍ମୀନାରାୟଣୀ, କମଳିନୀ, ଶ୍ରୀହରି ହରପ୍ରିୟା, ପଦ୍ମାଳୟା, କମଳା, ଚଞ୍ଚଳା, ବିଘ୍ନେସେନୀ, ସିନ୍ଧୁର ଦୁଲଣୀ, ଦୁର୍ଗତୀ ନାଶିନୀ, ବିଷ୍ଣୁ ପାଟରାଣୀ ଆଦି ।

ସୁଦଶା ବ୍ରତ ପୂଜା ପାଇଁ ସ୍ୱତନ୍ତ୍ର ବିଧି ରହିଛି। ଏହି ସୁଦଶା ବ୍ରତ ଓ ମାଣବସା ଓଡ଼ିଶାର ପୁରପଲ୍ଲୀରେ ଘରେ ଘରେ ଅନୁଷ୍ଠିତ ହୋଇଥାଏ । ଘରେ ଘରେ ଧନ, ଜନ, ଗୋପ, ଲକ୍ଷ୍ମୀ, ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ଏହି ସୁଦଶା ବ୍ରତ କରାଯାଇଥାଏ । ପୂର୍ବ ଦିନ ଅର୍ଥାତ୍ ବୁଧବାର ପ୍ରତେକ ପରିବାରରେ ସ୍ୱାତ୍ତ୍ୱିକ ଆହାର କରି ବିବାହିତା ନାରୀ ମାନେ ଭକ୍ତି ସହକାରେ ପକ୍କା ଘର ଧୋଇବା ସହିତ ମାଟି ଘର ଲିପା ପୋଛା ସହ ମାଣକୁ ଧୂଆ ହୋଇଥାଏ । ରାତି ସାରା ଘରେ ଘରେ ବାରଣ୍ଡା ଓ ମାଣବସା ସ୍ଥାନରେ ଚିତା ପ୍ରଦାନ କରିବା ସହ ଆରିଶା, କାକରା, ମଣ୍ଡା ଓ ଚକୁଳି କରାଯାଇଥାଏ । ସୂର୍ଯ୍ୟ ଉଦୟ ପୂର୍ବରୁ ତଥା ଅତି ସକାଳୁ ଶୁଦ୍ଧପୁତ ଭାବରେ ମାଣରେ ଧାନ, ବିରି ପୁର୍ଣ୍ଣ କରି ବିଭିନ୍ନ ଫୁଲରେ ସଜ୍ଜିତ କରାଯାଇଥାଏ । ମାଣପେଡି ନିକଟରେ ମୂଳା, ଆଖୁ ସହ ଧାନ ମେଣ୍ଟି ରଖାଯାଇଥାଏ । ପ୍ରାତଃ ସମୟରେ ବିଭିନ୍ନ ଶୁସ୍ୱାଦୁ ଫଳକୁ ଭୋଗ କରାଯାଇଥାଏ। ମଧାହ୍ନରେ ଦହି ଭାତ ସହ ପିଠା ପଣା ଭୋଗ କରାଯାଏ। ସଂଦ୍ଧ୍ୟା ପୂର୍ବରୁ ପୁଣି ଫଳ ଭୋଗ କରାଯାଇ ଉଦ୍‌ଯାପନ କରାଯାଇଥାଏ । ଏହି ପୂଜା ନିଷ୍ଠାର ସହ ଘରେ ଘରେ ପାଳନ ପାଳନ କରାଯାଏ । ଏହି ପବିତ୍ର ସୁଦଶା ବ୍ରତ ଦିନ ମା' ଲକ୍ଷ୍ମୀଙ୍କୁ ପ୍ରସନ୍ନ କରି ପାରିଲେ ଜୀବନରେ ଥିବା ସମସ୍ତ ସମସ୍ୟା ଦୂର ହେବା ସହ ଜୀବନରେ ସୁଖ ସମୃଦ୍ଧିର ଆଗମନ ହୋଇଥାଏ । ସୁଦଶା ବ୍ରତରେ ଘରକୁ ପରିଷ୍କାର ରଖାଗଲେ ମାତା ଲକ୍ଷ୍ମୀ ଖୁସି ହୋଇଥାନ୍ତି । ଏହି ଦିନରେ ଯେପରି ଘରେ କୌଣସି କଳହ ନହେବ ତାହା ପ୍ରତି ବିଶେଷ ଧାନ ଦିଆଯାଏ । ଏହା ସହିତ ଏହି ଦିନରେ ଘରକୁ ଅନ୍ଧାର ନ କରି ଆଲୋକିତ ରଖାଯାଏ । ଏହି ଦିନରେ ସୂର୍ଯ୍ୟ ଉଦୟ ପୂର୍ବରୁ ପରିବାରରେ ସମସ୍ତେ ଶେଜତ୍ୟାଗ କରିଥାନ୍ତି । ଏହା ଆମ ଓଡ଼ିଶାର ଏକ ପାରମ୍ପାରିକ ତଥା ମୂଲ୍ୟବାନ୍ ସଂସ୍କୃତି ସମ୍ପର୍ଣ୍ଣ ପୂଜା। ଏବେ ଅତ୍ୟାଧୁନିକ ଯୁଗରେ ଏହି ବ୍ରତ ହ୍ରାସ ପାଇଥିଲେ ମଧ ଏହା ଆଜି ଅନେକ ଘରେ ଉଜ୍ଜୀବିତ ହୋଇ ରହିଛି।

+ ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

## ଡ୍ରେନ ଓ ନାଳ : ସଫେଇ ଓ ସଚେତନତା ନହେଲେ ସର୍ବନାଶ !



ପ୍ରଦୋଷ କୁମାର ଦାସ

ଆମ ସଭ୍ୟତା, ଜନଜୀବନ ତଥା ଦୈନନ୍ଦିନ ଚଳଣୀ ସହ ଜଡିତ ଆମର ସବୁରି ଅଞ୍ଚଳର ପ୍ରତ୍ୟେକ ଡ୍ରେନ ଓ ଏହାର ନାଳ ଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ରହିଆସୁଛି। ଏହା ନିୟମିତ ବ୍ୟବଧାନରେ ସଫାସୁତରା ମଧ ହୋଇପାରୁନାହିଁ। ଅନେକ ସ୍ଥାନରେ ଏହା ଖୋଲାମେଲା ପଡୁଥିବାରୁ ବେପରୁଆ ଲୋକଙ୍କ ଦ୍ୱାରା ଏହା ଏକ ପ୍ରକାର ଡମ୍ପିଂ ୟାର୍ଡ ପାଲଟିଛି। ଏହାମଧକୁ ଅବିଚାରିତ ଭାବେ କଠିନ ବର୍ଜ୍ୟ ବସ୍ତୁ ମଧ ଫୋପଡା ହେଉଥିବା ଦେଖାଯାଉଛି। ନିତି ପ୍ରତିଦିନ ଲୋକଙ୍କ ଦ୍ୱାରା ଫୋପଡାଯାଉଥିବା ପଚାଶଡା ବର୍ଜ୍ୟ ଦ୍ରବ୍ୟରେ ଭରପୁର ହୋଇ ଡ୍ରେନ ଗୁଡିକ କ୍ରମେ ପୋତି ହୋଇଯାଉଥିବାରୁ ଏହା ମଧକୁ ପ୍ରବେଶ କରୁଥିବା ବର୍ଜ୍ୟ ଜଳରାଶି ନିଷ୍କାସନରେ ସମସ୍ୟା ଉପୁଜୁଛି । ଠାଏ ଠାଏ ଏଥିରେ ଅବରୋଧ ସୃଷ୍ଟି ହୋଇ ପରିବେଶ ପ୍ରଦୂଷଣର କାରଣ ହେଉଛି। ଶୌଚାଳୟର ବିକଳ୍ପ ଭଳି ଅନେକ ସ୍ଥାନରେ ଲୋକେ ଖୋଲାମେଲା ପଡିଥିବା ଉକ୍ତ ଡ୍ରେନ ଗୁଡିକରେ ମଳମୂତ୍ର ତ୍ୟାଗ କରୁଥିବା ଦେଖାଯାଉଛି। କିଛି ଲୋକ ମଧ ନିଜ ନିଜ ଘରର ଶୌଚାଳୟ ସଂଯୁକ୍ତ ଟାଙ୍କିରୁ ମଳମୂତ୍ର ନିଷ୍କସନ ନିମନ୍ତେ ନିଜ ଘର ସମ୍ମୁଖ ଅବା ପଶ୍ଚାତ ଭାଗରେ ଯାଇଥିବା ସର୍ବସାଧାରଣ ବ୍ୟବହାର୍ଯ୍ୟ ଡ୍ରେନ ସହ ସଂଯୋଗ କରିଦେଇଥାନ୍ତି। ସ୍ଥାନୀୟ ବଜାର ଅଳିଆକୁ କିଛି ଦୋକାନିଆ ଅବିଚାରିତ ଭାବେ ଏହି ଖୋଲା ଡ୍ରେନ ମଧକୁ ବିସର୍ଜନ କରି ଦେଇଥାନ୍ତି। ବେପରୁଆ ଲୋକଙ୍କ ଦ୍ୱାରା ଆମର ନିତିପ୍ରତିଦିନ ବ୍ୟବହାରରୁ ସୃଷ୍ଟ ବର୍ଜ୍ୟଜଳ ଓ କଠିନ ଅଳିଆ ଅସନାକୁ ଆମେ ବ୍ୟବସ୍ଥିତ ଉପାୟରେ ପରିଚାଳନା କଲେ ହୁଏତ ଡ୍ରେନ ଅବରୋଧ ସମସ୍ୟା ରୁହନ୍ତା ନାହିଁ। ସଚେତନତା ଅଭାବରୁ ଆମ ଆଖପାଖ ବିଭିନ୍ନ ଛୋଟ ଛୋଟ ଓ ଶାଖା ଡ୍ରେନ ଦେଇ ନିଷ୍କାସିତ ହୋଇ ଆସୁଥିବା ବର୍ଜ୍ୟ ଜଳ ଓ ଅନ୍ୟାନ୍ୟ ଅସନା ଅସକରା, କଠିନ ପଦାର୍ଥ ସଂଲଗ୍ନିତ ମୁଖ୍ୟ ଡ୍ରେନକୁ ନିଷ୍କାସନ ହୋଇ ନପାରି କାଳକ୍ରମେ ଡ୍ରେନ ଚଟାଣରେ ପଟୁ ପରି ଆସ୍ତର ଜମି ଅବରୋଧର କାରଣ ହୋଇଥାଏ। ଫଳରେ ଏହା ପୋତି ହୋଇ ପଡିଥାଏ। ଏହି ଡ୍ରେନ ଗୁଡିକରୁ ସ୍ୱଭାବିକ ଭାବେ ଅଳିଆ ଓ ବର୍ଜ୍ୟ ଜଳ ନିର୍ଗମନ ଓ ନିଷ୍କାସନ ହେବାରେ ସାଧାରଣତଃ ପରିଚାଳନାଗତ ଅବହେଳା ଓ ତୃଟି ରହି ଆସୁଅଛି। ଏଥି ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସାଧାରଣ ସ୍ୱାସ୍ଥ୍ୟ ଓ ପରିମଳ ବିଭାଗ ପ୍ରତି ଗାଁକୁ ଗ୍ରାମ କଲ୍ୟାଣ ସହଭାଗିତାରେ ଗ୍ରାମ ପରିମଳ ସୁଧାର ନିମନ୍ତେ ଅର୍ଥ ବିନିଯୋଗ ପାଇଁ ବ୍ୟୟ ଅଟକଳ ମଂଜୁର ହେଉଛି। ଗ୍ରାମ ପରିମଳ ପାଇଁ ଦାୟିତ୍ୱ ବଦ୍ଧ ହେବାକୁ ପ୍ରତି ଗ୍ରାମରେ ଗ୍ରାମ କଲ୍ୟାଣ ସମିତିମାନ ଗଠନ ହୋଇଛି। ଏହାର ସକ୍ରିୟ ସହଭାଗିତା ଓ କାର୍ଯ୍ୟକାରିତାରେ ସ୍ଥାନୀୟ ଅଂଚଳର ସ୍ୱାସ୍ଥ୍ୟ ସୁରକ୍ଷା, ସ୍ୱଚ୍ଛତା, ନିର୍ଭରଶୀଳ। ଏହାକୁ ସରକାରଙ୍କ କାମ ବୋଲି ବିଚାର କରି ସ୍ୱାର୍ଥନ୍ୱେଶୀ ହୋଇ କାଗଜ କଲମରେ ସ୍ୱଚ୍ଛତାକୁ ସୀମିତ ରଖଥାନ୍ତି। ସମସ୍ତେ କାଗଜ କଲମରେ ଗାଁ ସ୍ୱଚ୍ଛତା ରକ୍ଷା ନାମରେ ସ୍ୱଚ୍ଛ ଭାରତ ମିଶନର ଆସୁଥିବା ଅନୁଦିତ ଅର୍ଥକୁ ହଡପ କରି ଗାଁର କୁଜି ନେତା ମେଳଜୁଳ ହୋଇ ଖୋଦ୍ ନିଜ ଗାଁର ସ୍ୱଚ୍ଛତା ରକ୍ଷାର ପରିପନ୍ଥୀ ପାଲଟିଥାନ୍ତି। ପ୍ରତି ପଞ୍ଚାୟତ, ଏନଏସି, ମୁନିସିପାଲଟି, ମହାନଗର ନିଗମର ପ୍ରାୟ ସବୁ ସ୍ଥାନରେ ଏବେ ଡ୍ରେନ ଗୁଡିକ ପରିତ୍ୟକ୍ତ ଓ ପୂତିଗନ୍ଧମୟ ପରିବେଶରେ ପରିପୂର୍ଣ୍ଣ। ଯୋଜନାବଦ୍ଧ ଭାବେ ନିର୍ମିତ ଡ୍ରେନ ଗୁଡିକର ଅବସ୍ଥା ମଧ ନକହିବା ଭଲ। ଏହାର ପରିଚାଳନା, ପୁନରୁଦ୍ଧାର, ରକ୍ଷଣାବେକ୍ଷଣ ପାଇଁ ପ୍ରତି ବର୍ଷ ସରକାରଙ୍କ ତହବିଲରୁ କୋଟି କୋଟି ଟଙ୍କା ମଞ୍ଜୁର ହେଉଥିଲେ ମଧ ଏଥିରୁ ଅନେକ ବ୍ୟବହାର ଅନୁପଯୋଗୀ ହୋଇ ଜନକଲ୍ୟାଣରେ ଲାଗିପାରୁନଥିବା ଅଭାଯୋଗ ହୋଇଥାଏ। ବର୍ଷକ ବାରମାସ ଏହି ଡ୍ରେନ ଗୁଡିକରୁ ଅଳିଆ ଓ ପଙ୍କ ଉଦ୍ଧାର ହୋଇପାରୁନାହିଁ। ପୋକ ଜୋକ ସାଲୁବାଲୁ ଏହି ଡ୍ରେନ ନାଳ ଗୁଡିକ ନର୍ଦ୍ଦମାରେ ପରିଣତ ହୋଇ ମଶା ମାଛି, ଡାଉଁଶଙ୍କ ଏନ୍ତୁଡିଶାଳ ପାଲଟିଛି। ଏହାର ପ୍ରଭାବରେ ଲୋକେ ଡେଙ୍ଗୁ, ମାଲେରିଆ, ଫାଇଲେରିଆ, ଟାଇଫଏଡ ସମେତ ବିଭିନ୍ନ ଚର୍ମ ତଥା ଅନ୍ୟାନ୍ୟ ଦୂରାରୋଗ୍ୟରେ ପୀଡିତ ହେଉଛନ୍ତି। କାରଣ ଖୋଲାମେଲା ଓ ପରିତ୍ୟକ୍ତ ଏହି ଡ୍ରେନ ଗୁଡିକ କ୍ରମେ ନର୍ଦ୍ଦମା ଓ କର୍ଦ୍ଦମାକ୍ତରେ ବୁଡି ରହି ସ୍ୱାସ୍ଥ୍ୟ ପ୍ରତିକୂଳ ରହୁଛି। ଅସରାଏ ବର୍ଷା ହେଲେ ରାସ୍ତା ଘାଟରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଡ୍ରେନ ପଥ ଅବରୋଧ କାରଣରୁ ଉଦବୃତ୍ତ ବର୍ଷା ଜଳ ଏହି ଡ୍ରେନ ମଧ ଦେଇ ନିଷ୍କାସନ ହୋଇପାରୁନାହିଁ। ବରଂ ବର୍ଷା ହେଲେ ରାସ୍ତାଘାଟରେ ଜମିଯାଉଥିବା ବର୍ଷା ଜଳ ସହ ଡ୍ରେନ ଗୁଡିକରେ ଅବରୋଧ ହୋଇ ରହିଥିବା ପୂତିଗନ୍ଧମୟ ବର୍ଜ୍ୟ ଜଳ ଓ ପଙ୍କ ଉପରକୁ ଉଠିଆସି ଜନବସତି ଓ ରାସ୍ତା ଉପରକୁ ଖେଳାଇଯାଏ। କେବଳ ସେତିକି ନୁହେଁ, ଏହି ଅସନା ଡ୍ରେନ ଜଳ ଲଗାଣ ବର୍ଷାରେ ବର୍ଷା ଜଳ ସହ ଏକାକାର ହୋଇ ଆଖପାଖ ଘର, ଜଳ ଉତ୍ସ ମଧକୁ ପ୍ରବେଶ କରି ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟିର କାରଣ ହୋଇଥାଏ। ଫଳରେ ଏହା ସ୍ଥାନୀୟ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ହାନୀର କାରଣ ହୋଇଥାଏ। ଏପରି ହେଲେ ପରିସ୍ଥିତି ଜଟିଳ ହୋଇ ଜନସାଧାରଣଙ୍କ ମଧରେ ଭୟଙ୍କର ସଂକ୍ରାମକ ପରିସ୍ଥିତି ଉପୁଜିବାର ଆଶଙ୍କା ରହୁଛି।

ନାଳନର୍ଦ୍ଦମାରୁ ଠିକ୍ ଢଙ୍ଗରେ ସଫେଇ କରାଯାଉନଥିବା କାରଣରୁ ପ୍ରାୟ ସବୁ ଅଂଚଳରେ ରହିଥିବା ଡ୍ରେନ ଗୁଡିକରେ ପଙ୍କର ଆସ୍ତରଣ ଭରିରହିଛି।ଆବଶ୍ୟକ ନିରୀକ୍ଷଣ ଅଭାବରୁ ନିୟୋଜିତ ଠକ ସଫେଇ କର୍ମଚାରୀମାନେ ନର୍ଦ୍ଦମାରୁ ଭାସମାନ ଅଳିଆ ସଫା କରିଦେଇ ଦାୟିତ୍ୱ ସରାଇ ଦେଉଛନ୍ତି। ଅନେକ ସ୍ଥାନରେ ଡ୍ରେନ ଗୁଡିକରୁ କଢାଯାଇଥିବା ପଙ୍କ ଓ ଅଳିଆ ଗୁଡିକ ସେଇ ଡ୍ରେନ ଧାର ବା କଡରେ ଗଦେଇ ଦୀର୍ଘ ଦିନ ପକେଇ ରଖାଯାଉଛି। ପରେ ଏହାକୁ ଅନ୍ୟତ୍ର ଉଠା ଯାଉନଥିବାରୁ ବା ସମୟରେ ଉଠାଯାଉନଥିବାରୁ ବର୍ଷା ହୋଇଗଲେ ଉଦ୍ଧାର ପଙ୍କ ଅଳିଆ ଗୁଡିକ ପୁଣି ସେଇ ଡ୍ରେନ ମଧକୁ ଭାସି ଯାଉଛି।

ଓଡିଶା ମହାନଗର ନିଗମ ନିୟମ ଅନୁଚ୍ଛେଦ ୨୮୭(୧) ଅନୁଯାୟୀ ସ୍ଥାନୀୟ ନିଗମ କର୍ତ୍ତୃପକ୍ଷ ପ୍ରତି ବର୍ଷାଋତୁ ଆଗମନ ପୂର୍ବରୁ ନାଳନର୍ଦ୍ଦମାରୁ ପଙ୍କୋଦ୍ଧାର କରିବା ବାଧ୍ୟତାମୂଳକ ନିୟମ ରହିଛି । ଏହି ନିୟମ ଦେଶର ପ୍ରତି ରାଜ୍ୟର ପ୍ରତି ପଞ୍ଚାୟତ ସ୍ତରରୁ ଏନଏସି, ମୁନିସିପାଲିଟି, ମହାନଗର ନିଗମ ପାଇଁ ମଧ ଅନୁସରଣୀୟ ଅଟେ। ପ୍ରତି ବର୍ଷ ମାର୍ଚ୍ଚ ମାସ ପୂର୍ବରୁ ସରକାରଙ୍କ ଜନସ୍ୱାସ୍ଥ୍ୟ ଓ ଗ୍ରାମ ଓ ସହର ପରିମଳ ବିଭାଗର ବିଭାଗୀୟ ସ୍ତରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଅନୁଦାନ ରାଶି ମଂଜୁର ହେଉଛି। ପଙ୍କୋଦ୍ଧାର ପାଇଁ ଠିକାଦାର ପୋଷା ଚାଲିଛି। ଏହାକୁ ସଠିକ ଢଙ୍ଗରେ କରାଯାଉନଥିବାରୁ ଡ୍ରେନ ଗୁଡିକ ଯଥା ପୂର୍ବଂ, ତଥା ପରଂ ଅବସ୍ଥାରେ ରହିଯାଉଛି। ପଙ୍କ ଭର୍ତ୍ତି ଡ୍ରେନ ଯଦି ଜନ ସ୍ୱାସ୍ଥ୍ୟ ପରିପନ୍ଥୀ ହୁଏ, ଏଥିପ୍ରତି ଆମେ ସମସ୍ତେ ଯଦି ସଚେତନହୀନ ହେବା, ତେବେ ଜାଣି ଜାଣି ଆମ ଦୁର୍ଗତିକୁ ଡାକି ଆଣି ନିଜନିଜର କପାଳରେ କର ମାରିବା ସିନା !

ଏହାର ନିରାକରଣ ନିମନ୍ତେ ଉଭୟ ଅଂଚଳବାସୀ ଓ ସରକାର ତଥା ତାଙ୍କର ଗ୍ରାମ୍ୟ ପରିମଳ ଓ ଜନସ୍ୱାସ୍ଥ୍ୟ ବିଭାଗର ଉତ୍ତରଦାୟିତ୍ୱ ରହିଥିବାରୁ ସମସ୍ତେ ଏଥିପ୍ରତି ସଚେତନ ହେବା ନିହାତି ଜରୁରୀ। ଏହି ଡ୍ରେନ ଗୁଡିକ ଆମ ସ୍ୱାସ୍ଥ୍ୟରକ୍ଷା ପାଇଁ ସହଭାଗୀ ଅଟନ୍ତି। ଏଣୁ ଏହାର ସୁରକ୍ଷା ପ୍ରତି ସମସ୍ତେ ଦାୟିତ୍ୱହୀନ ଓ ବିତସ୍ପୃହ ନହୋଇ ସ୍ୱଚ୍ଛତାମୁଖୀ ହେବା ଜରୁରୀ। କାରଣ ସଚେତନହୀନ ଓ ବିବେଚନାହୀନ ହୋଇ ଡ୍ରେନ ଜଳର ନିଷ୍କାସନ ପଥ ସୁଗମ ପାଇଁ ସମୂହ ସଚେତନତାର ନିହାତି ଆବଶ୍ୟକ ରହିଛି। ହେଲେ ବିଭିନ୍ନ ଅଂଚଳରେ ରହିଥିବା ଆମ ବସତି ଅଂଚଳ ସଂଲଗ୍ନ ଡ୍ରେନ, ଛୋଟବଡ ନାଳକୁ ନିଷ୍କାସିତ ହେଉଥିବା ନିତିପ୍ରତିଦିନର ବର୍ଜଜଳରାଶିର ନିର୍ଗମନ ପଥ ଏବେ ସଂକୁଚିତ ହେବାରେ ଲାଗିଛି। ଅନେକ ସ୍ଥାନରେ ରହିଥିବା ସର୍ବ ପୁରାତନ ନାଳ ଓ ସଂଲଗ୍ନ ରାସ୍ତାକୁ ମୁଷ୍ଟିମେୟ ଲୋକେ ଜବରଦଖଲ କରି ଏହାକୁ ଅବରୋଧ କରିରଖିଛନ୍ତି। ବ୍ରିଟିଶ ଅମଳରୁ ଯୋଜନାବଦ୍ଧ ଭାବେ ନିର୍ମିତ ଥିବା ବିଭିନ୍ନ ଡ୍ରେନ ପଥରେ ବେପରବାୟ ଲୋକେ ନିଜର ଗୃହ ନିର୍ମାଣ କରି ସ୍ଥାନୀୟ ଅଂଚଳରେ ବର୍ଜଜଳ ନିର୍ଗମନ ପଥକୁ ଅବରୋଧ କରିଦେଉଛନ୍ତି। ଏଥିପ୍ରତି ଆମର ଉତ୍ତର ଦାୟିତ୍ୱ ଓ କର୍ତ୍ତବ୍ୟ କର୍ମର ଆବଶ୍ୟକତା ରହିଛି।

ସ୍ୱଚ୍ଛ ଭାରତ ନିର୍ମାଣ ପାଇଁ ସମସ୍ତେ ସାମଗ୍ରିକ ଭାବେ ନିଜ ନିଜ ଅଂଚଳର ସ୍ୱଚ୍ଛତା ରକ୍ଷା ପାଇଁ ଧ୍ୟାନ କେନ୍ଦ୍ରୀଭୂତ କରିବା ଜରୁରୀ। ଏଥିପାଇଁ ନିଜ ବାରିଘରର ନାଳନର୍ଦ୍ଦମା ସଫେଇକୁ ପ୍ରାଧାନ୍ୟ ଦେଇ ସ୍ଥାନୀୟ ଡ୍ରେନ, ନାଳ ଆଦିକୁ ବର୍ଜ୍ୟ ନିଷ୍କାସନ ପାଇଁ ସୁଗମ୍ୟ କରିବାରେ ଏହାକୁ ନିୟମିତ ବ୍ୟବଧାନରେ ପଙ୍କୋଦ୍ଧାର ନିମନ୍ତେ ଦାୟିତ୍ୱ ସଂପର୍ଣ୍ଣ ହେବା ବିଧେୟ। ସରକାରଙ୍କ ବିଭାଗୀୟ ସ୍ତରରେ ସ୍ୱଚ୍ଛଭାରତ ଅଭିଯାନ ଅନ୍ତର୍ଗତ ଆବଶ୍ୟକ ନିରୀକ୍ଷଣ ଓ ଅନୁଶୀଳନ କରାଯାଇ ବର୍ଜ୍ୟ ପରିଚାଳନା ସମେତ ବିଭିନ୍ନ ଅଂଚଳର ନାଳନର୍ଦ୍ଦମାପୂର୍ଣ୍ଣ ଡ୍ରେନ ଗୁଡିକୁ ସମୟୋଚିତ ପଦକ୍ଷେପ ଗ୍ରହଣ କରି ଆବଶ୍ୟକ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କଲେ ଆମ ଦେଶର ଜନସ୍ୱାସ୍ଥ୍ୟ ନିଶ୍ଚୟ ସୁରକ୍ଷିତ ରହିବ ହିଁ ରହିବ। ଜନକଲ୍ୟାଣକାରୀ ଏହି ସମାଜଧର୍ମୀ କାର୍ଯ୍ୟ ଜନସ୍ୱାସ୍ଥ୍ୟ ରକ୍ଷା ପାଇଁ ସ୍ୱଚ୍ଛଭାରତ ଅଭିଯାନରେ ଉଭୟ ସରକାର ଓ ଜନସାଧାରଣଙ୍କର ସହଭାଗିତା ଓ କର୍ତ୍ତବ୍ୟପରାୟଣତାକୁ ଆଧାର କରି ପାରସ୍ପରିକ ଉତ୍ତରଦାୟ ହେବା ନିହାତି ଜରୁରୀ।

+ ସ୍ତମ୍ଭକାର
ସା/ପୋ:-ନାଚୁଣୀ,ଜିଲ୍ଲା:-
ଖୋରଧା-୭୫୨୦୩୪
ମୋ: ୬୩୭୦୪୯୫୯୪୪

## କବିତା କୋଣାର୍କ

### ଦୁନିଆରେ ସିଏ ଜଣେ



ସୁବ୍ରତ ମଲିକ

ଦଶ ମାସ ଦଶ ଦିନ, ଧରିଣ ଗର୍ଭରେ
ଶିଶୁକୁ ଆଣଇ ଯିଏ, ପୃଥିବୀ ବକ୍ଷରେ
ହସି ହସି ସହି କରି, ଅନ୍ତର ବେଦନା
ଲୁହ ଲହୁ ଢାଳି ଦିଏ, ସନ୍ତାନ ମଗନା
ଦୁନିଆରେ ସିଏ ଜଣେ,
ପିଲାଟେ ଯାହାକୁ ମାଆ,
ମାଆ ରୂପେ ଜାଣେ ।।
ଶିଶୁ ଯା'ର ନାମ ନେଇ,
କଥା କୁହା ଶିଖେ
ପଣତକୁ ଝୋଲି କରି,
ନିଦେ ଶୋଏ ସୁଖେ
ଚାଲି ଜାଣେ ହାତ ଧରି,କୁନି ପାଦ ଗଣି
ସ୍ନେହ ପ୍ରେମ ଗନ୍ତାଘର, ମମତାର ଖଣି
ଦୁନିଆରେ ସିଏ ଜଣେ
ପିଲାଟେ ଯାହାକୁ ମାଆ,
ମାଆ ରୂପେ ଜାଣେ ।।
ଦେହଟା ଖରାପ ହେଲେ,
ଜଗି ରୁହେ ପାଖେ
କେତେ ମାନସିକ ପୁଣି,
ଇଷ୍ଟଦେବ ଡାକେ
ନିଜେ ରହି ଭୋକେ ପଛେ,
ଅନ୍ୟକୁ ଖୁଆଏ
ଦୀପ ସମ ନିଜେ ଜଳି,
ଆଲୋକ ଦେଖାଏ
ଦୁନିଆରେ ସିଏ ଜଣେ
ପିଲାଟେ ଯାହାକୁ ମାଆ,
ମାଆ ରୂପେ ଜାଣେ ।।
ଦୋଷ କେବେ ଧରେ ନାହିଁ,
ଦିଏ ସଦା କ୍ଷମା
ଦୁଃଖ ସହି ପାରେ ନାହିଁ, ସନ୍ତାନର ଜମା
ନିଜେ ରହି ଅଭାବରେ,
ପୂର୍ଣ୍ଣ କରେ ଆଶା
କଥାରୁ ଝରଇ ଯା'ର, ଅମୃତର ଭାଷା
ଦୁନିଆରେ ସିଏ ଜଣେ
ପିଲାଟେ ଯାହାକୁ ମାଆ,
ମାଆ ରୂପେ ଜାଣେ ।।

+ ମଙ୍ଗଳପୁର, ଅସୁରାଳି, ଭଦ୍ରକ

### ଚିର ଆଶ୍ରିତ

ଆଦ୍ୟାଶା ମହାପାତ୍ର



ତୋ 'ଧୋ ବାୟା' ଗୀତର
ଛନ୍ଦମୟ ସ୍ୱରରେ
ନିଦେଇ ଯାଏ ମୋ ଅଝଟପଣ,
ତୋ କଣ୍ଠର ଲାଳିତ୍ୟରେ
ଝଂକୃତ ହୋଇଉଠେ
ମୋ ଛାତିର ପ୍ରତିଟି ସ୍ପନ୍ଦନ,
ତୋ କୋଳରୁ ଚିହ୍ନିଥିଲି
ଧ୍ରୁବତାରା ସପ୍ତର୍ଷିମଣ୍ଡଳ
ତୋ କାଖରୁ ଦେଖିଥିଲି
ଶ୍ରୀମନ୍ଦିରେ ଶ୍ରୀଚକାନୟନ ...!

ଚିହ୍ନେଇ ଦେଇଥିଲୁ ମୋତେ
ଜହ୍ନ ତାରା ସୂର୍ଯ୍ୟ
ନଦୀ ନାଳ ସମୁଦ୍ର
ଗୋଟାପଣେ ବିଶ୍ୱ.....
ଆଙ୍କିଥିଲୁ ମୋ ମନରେ
ସୃଷ୍ଟିର ରହସ୍ୟ
ଈଶ୍ୱରଙ୍କ ଅଦୃଶ୍ୟ ଅସ୍ତିତ୍ୱ
କେତେ ସବୁ ଦୀପ୍ତ ଇତିହାସ...!

ତୋ ଶାସନରେ ଥିଲା
ସଂସ୍କାରିତ ଜୀବନ ଦର୍ଶନ
ସତ୍ୟ, ସ୍ୱାଭିମାନ
ବୁଝାଇ ବି ଦେଇଥିଲୁ
ସେବା ହିଁ ପରମ ବ୍ରତ
ଆଉ, ତ୍ୟାଗର ମହତ୍ତ୍ୱ
ଶିଖାଇ ବି ଦେଇଥିଲୁ
ଶତ୍ରୁକୁ ଆପଣେଇ ନେବାର
ସମ୍ମୋହନୀ ମନ୍ତ୍ର....!

ବୋଉ !
ମୁଁ ଚିର ଆଶ୍ରିତ
ତୋ ପଣତକାନିରେ
ତୁ ହିଁ ଭରସା
ମୋ ଅସହାୟତାର,
ଆଶ୍ୱାସନାଟିଏ
ଅନାଗତ ଭବିଷ୍ୟତର,
ତୁ ମୋ ସ୍ନେହମୟୀ ଜନନୀ
ତୁ ପରା ଜୀବନ୍ତ ଈଶ୍ୱର....!

+ ଶୈଳବାଳା ମହାବିଦ୍ୟାଳୟ,
କଟକ

### ଆମେ ତ ଖାଣ୍ଟି ଓଡ଼ିଆ

ହାଡ଼ିବନ୍ଧୁ ପାତ୍ର



ଓଡ଼ିଆ ମାଟିରେ ଜନମ ଆମର
ଆମେ ତ ଖାଣ୍ଟି ଓଡ଼ିଆ
ଓଡ଼ିଆ ଭାଷାର ଆମ କଥାବାର୍ତ୍ତା
ଶୁଣିବାକୁ ଲାଗେ ବଢ଼ିଆ ।

ଖାଇବା ଆମର ସବୁଠୁଁ ନିଆରା
ତମେମାନେ ଶୁଣିଥାଅ
ବାସି ପଖାଳକୁ ବାଇଗଣ ପୋଡ଼ା
ତପତ ଭାତକୁ ଘିଅ
ତା' ସହିତ ବଡ଼ି, ବାଇଗଣ ଝୋଳ
କଦଳୀ, ମଂଜା ତିଅଣ
ଖାଇଲେ ଜାଣିବ ସୁଆଦ ତାହାର
ମାଗିବ ଆଉଟିକେ ଆଣ ।

କେତେବେଳେ କଉ,
ମାଗୁର ଝୋଳକୁ
ନେଉଟିଆ ଶାଗ ଭଜା
ଆଉ କେତେବେଳେ ଦହି ବଡ଼ି ସଙ୍ଗେ
ପିତାଗମା ପତ୍ର ପତୁଆ ।

ପୋଷାକ ଆମର ଧୋତିକୁ ପଞ୍ଜାବି
ମଥାକୁ ପଗଡ଼ି ଜାଣ
ଆମ ଇଷ୍ଟ ଦେବ କାଳିଆ ସାଆନ୍ତ
ତାଙ୍କ ପାଦେ ଆମ ଧ୍ୟାନ
କେତେବେଳେ ହୁଏ ଜାଗରଣ ଉଷା ତ'
କେତେବେଳେ ମାଣବସା
ନୂଆଖାଇ, ଭାଇ ଜଉନ୍ତିଆ ସଙ୍ଗେ
ମକର, ସୁଲୁପ ଭସା ।

ଓଡ଼ଶୀ ଓ ଛଉ, ଛନ୍ଦ, ଦୋଳିଗୀତ
ଡାଲଖାଇ, ରସର କେଳି
ନୃତ୍ୟ, ସଂଗୀତରେ ହଜିଯାନ୍ତି ସର୍ବେ
ଓ° ହସେ ଖିଲି ଖିଲି ।

ବିରଜା, ତାରିଣୀ, ଦୁର୍ଗା, ସମଲେଇ
ଜଗତ ମାତାଙ୍କ ପୂଜା
ବହୁ ଆଡ଼ମ୍ବରେ ପାଳିତ ହୁଅଇ
ହୋଇ ସବୁ ସାଜସଜା ।

ଗୁରୁଜନଙ୍କର କଥାମାନି ଘରେ
ପିଲାମାନେ ତ ଚଳନ୍ତି
ଘର କରଣାର ସବୁକାମ ଧନ୍ଦା
ପଚାରି ବୁଝି କରନ୍ତି ।

ଆମର ପୁରୁବ ପୁରୁଷ ତ ଥିଲେ
ମହାବୀର, ଦେଶପ୍ରେମୀ
ଦେଶପାଇଁ ନିଜ ଜୀବନ ଦେଇଣ
ହୋଇଛନ୍ତି ମହାତ୍ୟାଗୀ ।

ଦୁଃଖ ଆଉ ପରି-ତାପର ବିଷୟ
କିସବା କହିବା ଭାଇ
ତାଙ୍କରି ଔରସୁ ଜନମ ହୋଇଣ
ସେଗୁଣ ଆମର କାହିଁ ??
ତେଣୁ ଆମେ ଆସ ଆଗତକୁ ଭାବି
ପୁରୁବଙ୍କୁ ମନେ ପକାଇ
ପାଞ୍ଚ ଆଙ୍ଗୁଠିକୁ ଗୋଟେ ମୁଠା କରି
ଦୁର୍ନୀତି ଦେବୁ ହଟାଇ ।

ଆଉ ପ୍ରଗତି ପଥରେ ଯିବୁ ଆଗେଇ
ହଁ ହଁ ପ୍ରଗତି ପଥରେ ଯିବୁ ଆଗେଇ ।

+ ଶେରଗଡ଼, ବାଲେଶ୍ୱର-
୭୫୬୦୬୦
ମୋ: ୯୭୭୭୩୮୨୬୪୦

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

### ଭାଗ-୩୧

ମୋ ମନରେ ଉଙ୍କି ମାରୁଥିଲା ଅନେକ ପ୍ରଶ୍ନ। ଦୁର୍ଯ୍ୟୋଧନ ଏପରି କାହିଁକି କଲେ? କେମିତି କଲେ? ତାଙ୍କୁ ପରାମର୍ଶ ଦେଇଥିବା ମାମୁ ଶକୁନି ବି କେମିତି ଏ ପଦକ୍ଷେପ ନେଲେ ? କ'ଣ ଏହାର ଉଦ୍ଦେଶ୍ୟ? କିଛି ରହସ୍ୟ ବୁଝିପାରୁ ନଥିଲି। ଶତ୍ରୁତାର ଅର୍ଥ କ'ଣ ତେବେ ଏଇଆ? ଶତ୍ରୁକୁ ସମୂଳେ ବିନାଶ କରିବା?

ମହାନ୍ କୁରୁବଂଶର ଉଜ୍ଜ୍ୱଳ ପରମ୍ପରା ଉତ୍ତରଦାୟାଦ ସେ। ଅଥଚ ନିଜ ମୁଣ୍ଡରେ ଭାତୃହନ୍ତା ଓ ମାତୃହନ୍ତାର ପାପ ବୋହିଲେ। ଏ କଳଙ୍କ ସାମାନ୍ୟ କଳଙ୍କ ନୁହେଁ। ଯାହାର ଦାଗ ରହିଯିବ କାଳକାଳ ଧରି। ଭବିଷ୍ୟତ ବଂଶଧର ଏଥିପାଇଁ କେବେ ବି ତାଙ୍କୁ କ୍ଷମା କରିବନି । ସବୁ ଜାଣି ମଧ୍ୟ ଏଭଳି ହୀନଚକ୍ରାନ୍ତକୁ ପ୍ରଶୟ ଦେଲେ କାହିଁକି ? କ'ଣ ଲାଭ ପାଇଲେ ଏଥିରୁ। ମୁଁ ଖାଲି ଭାବୁଥିଲି, ଯେଉଁ ରାଜ୍ୟ ଓ ସମ୍ପତ୍ତିକୁ ନେଇ ତାଙ୍କର ଏତେ ଲୋଭ ତାଙ୍କୁ କ'ଣ କେବେ ବି ସେ ସଂଗରେ ନେଇପାରିବେ? ପୂର୍ବରୁ ତ କୁରୁବଂଶରେ ଏମିତି ଅନେକ ବୀର ଦିଗ୍‌ବିଜୟୀ ରାଜା ଆସିଛନ୍ତି ଓ ଯାଇଛନ୍ତି, କ'ଣ ବା ନେଇ ଯାଇଛନ୍ତି ସେମାନଙ୍କ ସାଂଗରେ । ଜୀବନତମାମ ଅର୍ଜିଥିବା ରାଜ୍ୟ, ଧନ ସମ୍ପତ୍ତି ସବୁ ତ ଏମିତି ପଡ଼ିରହିଛି । ମହାକାଳ ବକ୍ଷରେ ସେସବୁ କେବଳ ରହିଯାଇଛି ସ୍ମୃତି ହୋଇ। ଦୁର୍ଯ୍ୟୋଧନଙ୍କ ପାଇଁ ମଧ୍ୟ ଦିନେ ଏଇଆ ହେବ। ତଥାପି ଏହି କ୍ଷଣସ୍ଥାୟୀ ସୁଖପାଇଁ ସେ ଏଭଳି ଅପକୀର୍ତ୍ତି ଅର୍ଜିଲେ କାହିଁକି?

ମୁଁ କେବଳ ଏତିକି ଭାବୁଥିଲି ଏଇ ସୁଖ ଟିକକ ପାଇଁ ମିତ୍ର ଦୁର୍ଯ୍ୟୋଧନ କୃତ୍ରିମ ଲୁହଗଡ଼ାଇ ନାଟକ କରୁଛନ୍ତି । ସମଗ୍ର ହସ୍ତିନାପୁର ବାସୀଙ୍କର ସନ୍ଦେହର କେନ୍ଦ୍ରବିନ୍ଦୁ ପାଲଟି ଯାଇଛନ୍ତି । ସେଇ ସନ୍ଦେହ ଯଦି ସତ୍ୟରେ ପରିଣତ ହୋଇଯାଏ କଣ ହେବ ତେବେ ତାଙ୍କର ଅବସ୍ଥା? ପ୍ରଜାମାନଙ୍କ ଆଗରେ ମୁଣ୍ଡଟେକି ସେ ଚାଲିପାରିବେ ତ ?

ସୁଖ, ଦୁଃଖ, ପ୍ରେମ, ପ୍ରତାରଣା, ହିଂସାଦ୍ୱେଷକୁ ନେଇ ଗଢ଼ା ଜୀବନ କ'ଣ ବାସ୍ତବ ଜୀବନ? ଉତ୍‌ଥାନ-ପତନ, ଯଶକୀର୍ତ୍ତିକୁ ନେଇ ଗଢ଼ା ଜୀବନର ସ୍ଥିତି ନିର୍ଣ୍ଣୟ କରିବା ଏତେ ସହଜ ନୁହେଁ। ମନେମନେ ମୁଁ ମନେପକାଇ ଥିଲି ଗୁରୁପୁତ୍ର ଅଶ୍ୱତ୍‌ଥାମାଙ୍କ କଥା। ଦୁର୍ଯ୍ୟୋଧନ ଇତ୍ୟାଦିଙ୍କ ଠାରୁ ସେ ଭିନ୍ନ। ପୂରାପୂରି ଦାର୍ଶନିକ। ତାଙ୍କର ଦର୍ଶନତତ୍ତ୍ୱର ବ୍ୟାଖ୍ୟା ଶୁଣିଲେ ମୋ ମନରୁ ମଧ୍ୟ ଅହଂଭାବ ଦୂର ହୋଇଯାଏ। ଜୀବନ ସମ୍ବନ୍ଧରେ ତାଙ୍କଠାରୁ ଶୁଣିଥିବା କଥାଗୁଡ଼ିକ ଏବେବି ମୋର ମନେଅଛି । ସେ କହୁଥିଲେ ଆତ୍ମା ସହ ଶରୀରର ସମ୍ବନ୍ଧ ଅତି ନିବିଡ଼। ଆତ୍ମା ନଥିଲେ ଶରୀରର ସ୍ଥିତି ସମ୍ଭବ ନୁହେଁ, କାରଣ ଆତ୍ମାବିହୀନ ଶରୀର ମୃତ । ସେହି ମୃତଶରୀର ହିଁ ଶବ । ତାଙ୍କ ମତରେ ଆତ୍ମା କୌଣସି ବସ୍ତୁ ନୁହେଁ, ଯାହାର ଜନ୍ମନାହିଁ କି ବିନାଶ ନାହିଁ । ସେ ଚିର ଅମର । ସେଦିନ ଅଶ୍ୱତ୍‌ଥାମାଙ୍କୁ କଥାଛଳରେ ପଚାରିଥିଲି ଆତ୍ମା ସହ ଶରୀରର ଯଦି ଏଭଳି ନିବିଡ଼ ସଂପର୍କ ରହିଛି, ତେବେ ମଣିଷ ପାପ କରେ କାହିଁକି ? ମୋତେ ବୁଝାଇବାକୁ ଯାଇ ବନ୍ଧୁ ଅଶ୍ୱତ୍‌ଥାମା କହିଥିଲେ, ସମସ୍ତେ ପାପକର୍ମ କରି ନଥାନ୍ତି । ପାପକର୍ମ ତ ସେଇମାନେ କେବଳ କରନ୍ତି ଯେଉଁମାନେ ଆତ୍ମାର ଗୂଢ଼ତତ୍ତ୍ୱକୁ ସଠିକ୍ ବୁଝିପାରନ୍ତି ନାହିଁ ।

ମଣିଷ ଅମୃତର ସନ୍ତାନ । କେହି କେବେ ଜନ୍ମରୁ ପାପୀ ହୋଇ ଜନ୍ମଗ୍ରହଣ କରି ନଥାନ୍ତି । ପ୍ରତିଟି ମଣିଷର ଅନ୍ତରରେ ରହିଛି ଦିବ୍ୟଭାବର ସତ୍ତା । ତେବେ ଯେଉଁମାନେ ପାପ କରନ୍ତି ସେମାନେ ମନୁଷ୍ୟ ହୋଇ ବି ପଶୁ । ସେମାନଙ୍କ ମଧ୍ୟରେ ନଥାଏ ମନୁଷ୍ୟତ୍ୱ କିମ୍ବା ବିବେକ । ସେଦିନ ଅଶ୍ୱତ୍‌ଥାମାଙ୍କ ତତ୍ତ୍ୱପୂର୍ଣ୍ଣ କଥା ମୋର ବେଶିବେଶି ମନେପଡୁଥିଲା । ଭାବୁଥିଲି ବାସ୍ତବରେ ଏହି ମଣିଷରୂପୀ ପଶୁମାନଙ୍କର ସଂଖ୍ୟା ବଢ଼ିଯାଇଛି । ନହେଲେ ଏସବୁ ସମ୍ଭବ ହୁଅନ୍ତା କାହିଁକି ?

ମୋ ମନରେ ପାଣ୍ଡବମାନଙ୍କ ମୃତ୍ୟୁଚିନ୍ତା ଆବୋରି ବସିଥିଲା। ସେମାନେ ମୋର ଶତ୍ରୁ ହୁଅନ୍ତୁ ପଛେ, ଏତକ ତ ସ୍ୱୀକାର କରିବି, ସେମାନେ ଥିଲେ ଖୁବ୍ ଧର୍ମପରାୟଣ ଏବଂ ସତ୍ୟନିଷ୍ଠ। ଏଭଳି ସତ୍ୟନିଷ୍ଠ ବ୍ୟକ୍ତିମାନଙ୍କର ମୃତ୍ୟୁ କ'ଣ କେବେ ସମ୍ଭବ ?

ହେ ଭଗବାନ! ତୁମର ଏଭଳି ପକ୍ଷପାତ ବିଚାର କ'ଣ ପାଇଁ? ଏଥିରୁ ଜଗତ କି ଶିକ୍ଷାଲାଭ କରିବ? ମୋ ମନ କହୁଥିଲା, ସେମାନେ କେଉଁଠି ନା କେଉଁଠି ଜୀବିତ ରହିଛନ୍ତି। ମୋ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକ କିଛି ବି ସଠିକ୍ ଉତ୍ତର ଖୋଜି ପାଉନଥିଲି। ଭଗବାନ ସେମାନଙ୍କୁ ଯେଉଁଠି ରଖିଥାନ୍ତୁ ନା କାହିଁକି, ବଞ୍ଚାଇ ରଖିଥାଆନ୍ତୁ । ଭଲରେ ରଖିଥାନ୍ତୁ, ଏହି ପ୍ରାର୍ଥନା କରି ଉପରକୁ ଯୋଡ଼ହସ୍ତରେ ପ୍ରଣାମ କଲି ।

- ଅଣତିରିଶ -

ମୃତବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ସମଗ୍ର ପରିବାର ଲୋକେ ଶୋକପାଳିବା ସହ ଶ୍ରାଦ୍ଧକର୍ମ ମଧ୍ୟ କରିବା ଏକ ପରମ୍ପରା। ତାଛଡ଼ା ଏମାନେ ରାଜ ପରିବାର। ତେଣୁ ପ୍ରତ୍ୟେକଙ୍କ ପାଇଁ ଶୋକାଞ୍ଜଳି ପର୍ବ ହେବାର ବିଧି ରହିଛି । ତେବେ ଗୋଟିଏ କଥା ମୁଁ ବୁଝିପାରୁ ନଥିଲି । ମହାରାଜ ଧୃତରାଷ୍ଟ୍ର, ମାତା ଗାନ୍ଧାରୀ, ଦୁର୍ଯ୍ୟୋଧନ ଇତ୍ୟାଦି ଭାଇମାନେ ତଥା ଶୁକନି ମାମୁଁ ସମସ୍ତେ ଯେଉଁଠି ଶ୍ରଦ୍ଧାଞ୍ଜଳି ଦେବାକଥା ସହଜରେ ମାନି ନେଇଛନ୍ତି, ସେଠି ପିତାମହ ଭୀଷ୍ମ, ମହାମନ୍ତ୍ରୀ ବିଦୁରଙ୍କ ମନରେ ଆଦୌ ଶୋକ ଥିଲା ଭଳି ଜଣାପଡୁ ନଥିଲା । ଜତୁଗୃହରୁ ମିଳିଥିବା ପାଞ୍ଚଟି ଶବ ଯେ ପାଣ୍ଡବମାନଙ୍କର ତାର କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ । ତେଣୁ ସେମାନଙ୍କର ଯୁକ୍ତିଥିଲା ସେମାନେ ଠିକ୍ ମରିଛନ୍ତି କି ନିଖୋଜ ହୋଇ ଯାଇଛନ୍ତି, ତାର ସଠିକ୍ ଅନୁସନ୍ଧାନ ନହେଲା ପର୍ଯ୍ୟନ୍ତ ଶୋକପାଳିବେ ନାହିଁ। ଏହା ମଧ୍ୟ ଯୁକ୍ତିସମ୍ମତ। ଶାସ୍ତ୍ର ତ ଏହିକଥା କହିଥାଏ। କୌଣସି ପ୍ରମାଣ ବା ଅନୁସନ୍ଧାନ ବିନା ଏହା ଗ୍ରହଣୀୟ ନୁହେଁ, କିମ୍ବା ଅତି ବେଶିରେ ଏଥିପାଇଁ ବାରବର୍ଷ ଅପେକ୍ଷା କରାଯିବା ଆବଶ୍ୟକ । ତେଣୁ ରାଜ ପରିବାରର ଅନ୍ୟ ସଦସ୍ୟମାନେ ଯିଏ ଯାହା କହିଲେ ବି ପିତାମହ ଭୀଷ୍ମ ଓ ମହାମନ୍ତ୍ରୀ ବିଦୁର ଅନ୍ତ୍ୟେଷ୍ଟିକ୍ରିୟାର କୌଣସି କାର୍ଯ୍ୟକ୍ରମରେ ଭାଗ ନେଇ ନଥିଲେ। ସେ ଦୁହିଁଙ୍କ ମତକୁ କେନ୍ଦ୍ରକରି ମୋ ମନରେ ମଧ୍ୟ ଦ୍ୱନ୍ଦ୍ୱ ଜାଗୁଥିଲା। ମୋର ପୂର୍ବ ଅନୁମାନ ତେବେ ଠିକ୍ ଥିଲା। ନିଶ୍ଚୟ କିଛି ରହସ୍ୟ ରହିଛି। ଏ ରହସ୍ୟ ଯେ କେବଳ ମୋ ମନରେ ଜାତ ହେଉଛି ତାହା ନୁହେଁ, ଆହୁରି ଅନେକଙ୍କ ମନରେ ନିଶ୍ଚୟ ଥିବ। ତେବେ, ପରିସ୍ଥିତିରେ ପଡ଼ି କେହି ଖୋଲାଖୋଲି ପ୍ରକାଶ କରୁନାହାଁନ୍ତି । ପରେ ହୁଏତ ଏସବୁ ଜଣାପଡ଼ିଯିବ।

ପାଣ୍ଡବମାନଙ୍କ ସହ ଏମିତି ଏକ ଘଟଣା ଘଟିବା ପରଠାରୁ ମୁଁ ପ୍ରାୟ ନିରବୀ ଯାଇଥିଲି । ଦୁର୍ଯ୍ୟୋଧନଙ୍କ ପାଖକୁ ଯିବାଆସିବା କମାଇ ଦେଇଥିଲି। ସେଦିନ ପୁଣି ଆଉ ଏକ ନୂତନ ସମ୍ବାଦ ଗୁପ୍ତଚର ମୁହଁରୁ ଶୁଣିବାକୁ ପାଇଲୁ । ସେ ସମ୍ବାଦ ମୋତେ ଯେତେ ଚକିତ କରୁଥିଲା ସେତେ ସେତେ ରହସ୍ୟର ଜାଲ ଖୋଲି ଯାଉଥିଲା । ଏକଚକ୍ରୀ ନଗରୀର ଉପକଣ୍ଠରେ ରହୁଥିବା ବକାସୁରର ମୃତ୍ୟୁ ଘଟିଛି। ଯାହାକୁ କେହି ମାରିବାକୁ ସାହସ କରି ନଥିଲେ, ତାର ମୃତ୍ୟୁ ଘଟିଛି ପୁଣି ଜଣେ ବ୍ରାହ୍ମଣ ହାତରେ । ସେ ବ୍ରାହ୍ମଣ ଜଣକ ପୁଣି ତାଙ୍କର ଅନ୍ୟ ଚାରିଭାଇ ଓ ଜଣେ ମହିଳାଙ୍କ ସହ ସେହି ଗ୍ରାମର ଜନୈକ ବ୍ରାହ୍ମଣଙ୍କ ଘରେ ଅତିଥି ହୋଇ ରହିଛନ୍ତି। ସମସ୍ତେ ସେହି ମହିଳା ଜଣଙ୍କୁ ମାଆ ବୋଲି ସମ୍ବୋଧନ କରୁଛନ୍ତି। ପରେ ପରେ ପୁଣି ଅନ୍ୟ ଏକ ସମ୍ବାଦ ପହଞ୍ଚିଲା । ସେହି ବ୍ରାହ୍ମଣ ଯୁବକ ଜଣକ ପୁଣି ହିଡ଼ିମ୍ବାସୁରକୁ ମାରି ତାର ଭଗିନୀ ହିଡ଼ିମ୍ବାକୁ ବିବାହ ମଧ୍ୟ କରିଛନ୍ତି। ଏ ଦୁଇ ସମ୍ବାଦ ମୋ ମନରେ ମାତ୍ରାଧିକ ସଂଶୟ ସୃଷ୍ଟି କରୁଥିଲା। ମୁଁ ଏବେ ନିଶ୍ଚିତ ହୋଇଗଲି ଯେ, ସେହି ପାଞ୍ଚଭାଇ ପଞ୍ଚପାଣ୍ଡବ ଆଉ ମାଆ ଜଣକ ସ୍ୱୟଂ କୁନ୍ତୀଦେବୀ। ମନେମନେ ମୁଁ ଭଗବାନଙ୍କୁ କୃତଜ୍ଞତା ଜଣାଉଥିଲି। ମୋର ଏବେ ବୁଝିବାକୁ ବାକି ରହିଲାନି ଯେ ଜତୁଗୃହରୁ କୌଣସି ପ୍ରକାରେ ଜୀବନ ବଞ୍ଚାଇ ପାଣ୍ଡବମାନେ ତେବେ ଛଦ୍ମବେଶରେ ରହିଛନ୍ତି । ଆଉ ପିତାମହ ଭୀଷ୍ମ, ମହାମନ୍ତ୍ରୀ ବିଦୁରଙ୍କ ପାଖରେ ଏହା ଅଜ୍ଞାତ ନୁହେଁ। ଯେଉଁଥିପାଇଁ କି, ସେମାନେ ଶ୍ରାଦ୍ଧକର୍ମରେ ଭାଗ ନନେଇ ନିରବ ରହିଥିଲେ।

ଅର୍ଜୁନ ମୋର ପ୍ରତିଦ୍ୱନ୍ଦ୍ୱୀ । ମୁଁ ତେଣୁ ଚାହୁଁଥିଲି ପାଣ୍ଡୁନନ୍ଦନ ଜୀବିତ ରହିଥାନ୍ତୁ । ଅର୍ଜୁନ ଥିଲେ ତ ମୋ ସହ ତାଙ୍କର ଦିନେ ନା ଦିନେ ପ୍ରତିଦ୍ୱନ୍ଦ୍ୱିତା ହେବ।



ମୁଁ କର୍ଣ୍ଣ । ଭୀରୁ ନୁହେଁ କି କାପୁରୁଷ ନୁହେଁ। ମୋ ଧମନୀରେ ବୀରରକ୍ତ ପ୍ରବାହିତ । ତେଣୁ ଦୁର୍ଯ୍ୟୋଧନ ଭଳି ଛଳ, କପଟ କରି ମୁଁ ମୋ ଶତ୍ରୁକୁ ବିନାଶ କରିବାକୁ ଚାହେଁନା । ମୁଁ ସମ୍ମୁଖ ସମରକୁ ପସନ୍ଦ କରେ। ବୀର ପରି ଲଢ଼ିବାକୁ ଚାହେଁ। ମୋର ମିତ୍ର ହେଲେ ମଧ୍ୟ ଦୁର୍ଯ୍ୟୋଧନଙ୍କର ଏହି କାପୁରୁଷ, ଛଳନାକୁ ଘୋର ବିରୋଧ କରେ। ଭାବିପାରେନି ଏଭଳି ଜଣେ ଯୁବକ ପୁଣି ହେବ ହସ୍ତିନାପୁରର ଭାବୀ ସମ୍ରାଟ। ନିଜ ମନକଥାକୁ ଗୋପନ ରଖି ମୁଁ କେବଳ ନିରବ ରହୁଥିଲି। କାହାରିଠାରେ ପ୍ରକାଶ କରିପାରୁ ନଥିଲି ମୋ ମନରେ ଅନ୍ତର୍ଦ୍ୱନ୍ଦ୍ୱକୁ । ବହୁତ ଥର ଭାବିଛି ଦୁର୍ଯ୍ୟୋଧନଙ୍କୁ ଏସବୁରୁ କ୍ଷାନ୍ତ କରିବାପାଇଁ । ମାତ୍ର ମିତ୍ର ତ ବାଲ୍ୟକାଳରୁ ତାଙ୍କ ମାତୁଳଙ୍କ କଥାରେ ପରିଚାଳିତ, ସତରେ ଯେପରି ସେ ତାଙ୍କର ନିଜସ୍ୱ ବୁଦ୍ଧି ବିବେକ ସବୁ କିଛି ବନ୍ଧାପକାଇ ଦେଇଛନ୍ତି ମାତୁଳ ଶକୁନିଙ୍କଠାରେ।

ମୁଁ ସିନା ଚୁପ୍ ରହିଗଲି। କିନ୍ତୁ ଧୀରେ ଧୀରେ ସବୁ ଗୁମର ଫିଟି ଯାଉଥିଲା। ଦୁର୍ଯ୍ୟୋଧନ ଓ ଶକୁନି ମାମୁଙ୍କ ଚକ୍ରାନ୍ତ ପଦାରେ ପଡ଼ି ଯାଇଥିଲା। ସମଗ୍ର ହସ୍ତିନାପୁରବାସୀଙ୍କ ମନରେ ସେ ଦୁହିଁଙ୍କ ପ୍ରତି ଅହେତୁକ ଘୃଣାଭାବ ଆଉ ଧିକ୍କାର। ଲାଜରେ ଆମ ସମସ୍ତଙ୍କ ମୁଣ୍ଡ ନଇଁ ଯାଉଥିଲା ତଳକୁ। କେବଳ ରାଜ ଦରବାରରେ କାହିଁକି, ସମଗ୍ର ହସ୍ତିନାପୁର ବାସୀଙ୍କ ମନରେ ସେମାନଙ୍କ ପ୍ରତି ଶ୍ରଦ୍ଧା ତ ଦୂରର କଥା ବରଂ ଥିଲା କେବଳ ତାଙ୍କର କଳା କୃତକର୍ମ ପାଇଁ ଅଭିଶାପ । ପରସ୍ପର ମଧ୍ୟରେ କୁହାକୁହି ହେଉଥିଲେ ଧର୍ମ କେବେ ସହିବନି ଏ ପାପ । ଦିନେ ନା ଦିନେ ସେମାନଙ୍କ ଅପକର୍ମ ପାଇଁ ଶାସ୍ତି ପାଇବେ । ଆଉ ଏତେସବୁ ପରେ ମଧ୍ୟ ଦୁର୍ଯ୍ୟୋଧନ ଓ ଶକୁନି ମାମୁ ସବୁ ଜାଣି ନ ଜାଣିବାର ଅଭିନୟ କରୁଥିଲେ । ଛଳନାର ଆବରଣ ମଧ୍ୟରେ ନିଜକୁ ଲୁଚାଇ ରଖୁଥିଲେ। ହେଲେ, ଯାହା ସତ୍ୟ ତାହା ତ ଦିନେ ନା ଦିନେ ନିଶ୍ଚିତ ପ୍ରକଟିତ ହେବ।

ଷଡ଼ଯନ୍ତ୍ରର ଗୋପନ ତଥ୍ୟ ସାରା ହସ୍ତିନାପୁରକୁ ଗ୍ରାସ କରି ସାରିଥିଲା। ପାଣ୍ଡବମାନଙ୍କ ପ୍ରତି ଅନୁକମ୍ପାର ସ୍ୱର ଉଠୁଥିଲା। ପାଣ୍ଡବମାନେ ଥିଲେ ବୀରପୁତ୍ର ପୁଣି ଜ୍ୟେଷ୍ଠ ଯୁଧିଷ୍ଠିର ଥିଲେ ସ୍ୱୟଂ ଧର୍ମର ରକ୍ଷକ । ସେମାନଙ୍କୁ ସମ୍ମୁଖ ଯୁଦ୍ଧରେ ପରାଜିତ କରିବା କୌରବମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ତେଣୁ "ମୂଳୁ ମାରିଲେ ଯିବ ସରି, ଦେବଙ୍କ ସଂଗେ କିମ୍ପାକଳି।" ନ୍ୟାୟରେ ଗୋପନରେ ଛଳକପଟ ସାହାଯ୍ୟରେ ହତ୍ୟା କରିବାର ଯୋଜନା କରାଯାଇଥିଲା। ଆଉ ଏସବୁ ଚକ୍ରାନ୍ତର ପ୍ରଥମ ସୂତ୍ରଧର ଥିଲେ ମାମୁ। ତାଙ୍କରି ପରାମର୍ଶରେ ପୁରୋଚନ ସାହାଯ୍ୟରେ ଜତୁଗୃହ ନିର୍ମାଣ କରାଯାଇଥିଲା ବାରୁଣାବନ୍ତରେ। ଦୁର୍ଯ୍ୟୋଧନ ବହୁ କୌଶଳ ପ୍ରୟୋଗ କରି ମହାରାଜଙ୍କୁ ପ୍ରବର୍ତ୍ତାଇ ପାଣ୍ଡବମାନଙ୍କୁ ସେଠିକୁ ପଠାଇ ଦେଲେ। ଅନ୍ଧ ମହାରାଜ ପୁତ୍ରର ଇଚ୍ଛା ମୁତାବକ ପାଣ୍ଡବମାନଙ୍କୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଏ ପ୍ରସ୍ତାବରେ ସମ୍ମତି ପ୍ରଦାନ କରନ୍ତି। ସବୁକିଛି ଠିକ୍‌ଠାକ୍ ଚାଲିଥାଏ । ଏପଟେ ପାଣ୍ଡବମାନଙ୍କର ହିତୈଷୀ ମହାମନ୍ତ୍ରୀ ବିଦୁର ଗୁପ୍ତଚରଠାରୁ ଏ ସମ୍ବାଦ ପାଇ ସେମାନଙ୍କ ଜୀବନରକ୍ଷା ପାଇଁ ପ୍ରାଣପଣେ ଉଦ୍ୟମ କରନ୍ତି। ସମସ୍ତଙ୍କ ଅଜ୍ଞାତରେ ସେ ଏକ ସୁଡ଼ଙ୍ଗ ପଥ ଲାକ୍ଷାଗୃହର କକ୍ଷ ପର୍ଯ୍ୟନ୍ତ ତିଆରି କରିଦିଅନ୍ତି। ତାଙ୍କୁ ଏଥିରେ ସାହାଯ୍ୟ କରୁଥିବା ଗୁପ୍ତଚର ଜଣକ ନିଜେ ଥିଲେ ଜଣେ ଖନକ । ତେଣୁ ସବୁକିଛି କାର୍ଯ୍ୟକାରୀ କରିବାରେ ଅସୁବିଧା ହେଲାନାହିଁ। ସେହି ଗୁପ୍ତଚର ହାତରେ ଯୁଧିଷ୍ଠିରଙ୍କ ପାଖକୁ ବିଦୁର ଖବର ପଠାଇଥିଲେ। ଗଭୀର ରାତିରେ ଲାକ୍ଷାଗୃହକୁ ଜଳାଇଦେଇ ସେହି ଗୁପ୍ତ ସୁଡ଼ଙ୍ଗ ପଥଦେଇ ବାହାରକୁ ବାହାରିଯିବା ପାଇଁ ପରାମର୍ଶ ଦେଇଥିଲେ। ସବୁକିଛି ଅତି ଗୋପନରେ ହେଉଥିଲା । ଯେଉଁଠି ଦୁର୍ଯ୍ୟୋଧନ, ଶକୁନି ଆଜି ପାଣ୍ଡବମାନଙ୍କ ମୃତଦେହ ଦେଖିବାର ସ୍ୱପ୍ନ ଦେଖୁଥାଆନ୍ତି। ସେଇଠି ପାଣ୍ଡବମାନେ ବେଶ୍ ଧୈର୍ଯ୍ୟର ସହ ପରିସ୍ଥିତିକୁ ସାମ୍ନା କରୁଥାଆନ୍ତି।

ବାସ୍ତବରେ ସତ୍ୟର ଜୟ ଚିରକାଳ । ମିଥ୍ୟାର କପଟଜାଲରେ ସତ୍ୟକୁ ଯେତେ ଛନ୍ଦିଦେଲେ ବି ସତ୍ୟର ଜୟଜୟକାର ନିଶ୍ଚିତ । ପାଣ୍ଡବମାନଙ୍କର ବିଜୟ ହୁଏ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


## ସମ୍ପର୍କର ରଙ୍ଗ

# ଲୋକମାନେ ଖରାପ ନା ଆମ ଦୃଷ୍ଟିକୋଣ ଖରାପ!

**ଶ୍ୱେତା ରାଉତ୍**



କିଛି ବର୍ଷ ତଳର କଥା କହୁଛି। ମୋର ଜଣେ ସାଙ୍ଗ ଆମ ଘରକୁ ବୁଲିବାକୁ ଆସିଥାଏ। ବହୁଦିନ ପରେ ତାର ମୋର ଦେଖାସାକ୍ଷାତ ତେଣୁ ଖୁସି ହେବା ସ୍ୱାଭାବିକ। ଦୁଇ ସାଙ୍ଗ ବସି ଗପସପ କରୁକରୁ ଧୀରେ କି ମୋ କାନରେ କହିଲା 'ତୁ ଯଦି ଖରାପ ନଭାବିବୁ ମୁଁ ତୋତେ ଗୋଟେ କଥା କହନ୍ତି' ମୁଁ ସମ୍ମତି ଜଣାଇ କହିଲି କହ କଣ କହୁଛୁ? ସେ କହିଲା ମୁଁ ତୋ ସ୍ୱାମୀକୁ ବହୁତ ଥର ଆଚାର୍ଯ୍ୟ ବିହାର ପାଖରେ ଦେଖିଛି ସେ ଗୋଟେ ଝିଅକୁ ବାଇକ୍‌ରେ ବସେଇ ପ୍ରାୟ ସମୟରେ କୁଆଡେ ଯାଆନ୍ତି'। ତା କଥା ଶୁଣି ମୋ ଛାତିରୁ କଲିଜା କାଢିନେବା ପରି ଲାଗୁଥାଏ। ମୁଁ ବିଶ୍ୱାସ କରିପାରିଲି ନାହିଁ। ସେ କିନ୍ତୁ ଝିଅଟିକୁ ବର୍ଣ୍ଣନା କରି ତା ରୂପ ରଙ୍ଗ କହିବାକୁ ଲାଗିଲା। ଯଦିଓ ମୋ ସ୍ୱାମୀ ଉପରେ ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ କରେ, ତଥାପି କାହିଁକି କେଜାଣି କିଛି ସମୟ ପାଇଁ ମୁଁ ତାଙ୍କୁ ସନ୍ଦେହ କରି ଖୁବ୍ ଘୃଣା କରୁଥିଲି। ସେତିକି ବେଳେ ମୋ ସ୍ୱାମୀ ଆମ ପାଖରେ ହସି ହସି ପହଞ୍ଚିଗଲେ ଦୁଇ ସାଙ୍ଗ କଣ କରୁଛ କହି? ମୋର ତ ବ୍ରହ୍ମ ଜଳୁଥିଲା। କ୍ରୋଧରେ ସିଧା ତାଙ୍କୁ ଧମକେଇବାକୁ ଲାଗିଲି କାହା ସହିତ ବୁଲୁଛ? କୋଉ ଝିଅକୁ ସାଙ୍ଗରେ ଧରି ବୁଲୁଛ? ସେ ମୋତେ ଯେତେ ବିଶ୍ୱାସ ଦେଲେ ବି ମୁଁ ବୁଝିବାକୁ ନାରାଜ ଥିଲି। ମୋ ସାଙ୍ଗ ଆଡେ ବିରକ୍ତି ଭାବରେ ଚାହିଁ ସେ ବାହାରକୁ ବାହାରିଗଲେ। ମୁଁ ଦୁଆର ମୁହଁ ଯାଏ ମୋ ସାଙ୍ଗକୁ ଛାଡିବାକୁ ଗଲି। ଗେଟ୍ ପାଖରେ ଆମ ବଡ ଝିଅ (ଝିଆରି) କୁକୁର ବୁଲାଉଥାଏ, ମୋ ସାଙ୍ଗ ତାକୁ ଦେଖି ଚମକି ପଡି ମୋତେ କହିଲା'ଏ ଝିଅ କଣ ତମ ଘରେ ଭଡାରେ ରହୁଛି'? ମୁଁ ହସିଲି ଆଉ ଏମିତି କାହିଁକି କହୁଛୁ ପଚାରିବାରୁ ସେ କହିଲା ଏଇ ଝିଅକୁ ମୁଁ ତୋ ସ୍ୱାମୀ ସହିତ ସବୁବେଳେ ଗାଡିରେ ଯିବାର ଦେଖିଛି, ଲସି ପିଇବାର ଦେଖିଛି। ତା'ଠୁ ଏକଥା ଶୁଣି ଇଚ୍ଛା ହେଉଥିଲା ଯୋର୍ କରି ତାକୁ ଗୋଟେ ଚଟକଣା ଦେବାକୁ। ନିଜକୁ ସଂଯମରେ ରଖି କହିଲି 'ଇଏ ପରା ଆମ ବଡ ଝିଅ, ସେ ସବୁଦିନ ତା ଦାଦା ସହିତ କଲେଜ, ଟିଉସନ୍ ଯାଏ। ତୁ ତାହେଲେ ମୋ ସ୍ୱାମୀଙ୍କୁ ମୋ ଝିଆରିକୁ କଲେଜ ଛାଡିବାକୁ ଗଲାବେଳେ ଦେଖିଛୁ'! ସେତେବେଳେ ମୋ ସାଙ୍ଗର ମୁହଁ ଲାଜରେ କଳା ପଡିଗଲା। ମୋ ହାତ ଧରି ଭୁଲ୍ ହେଇଯାଇଛି, ମୁଁ ଚିହ୍ନି ପାରିନି ବୋଲି କହିଲା। ମୁଁ ଆଉ ତାକୁ କଣ କହିଥାନ୍ତି, ସେତେବେଳେ ନିଜକୁ ଧିକ୍କାର କରୁଥିଲି ମୋ ଦେବତା ଭଳି ସ୍ୱାମୀକୁ ସନ୍ଦେହ କଲି ବୋଲି। ସେବେଠାରୁ ସ୍ୱୟଂ ଭଗବାନ ବି ମୋ ସ୍ୱାମୀ ବିରୁଦ୍ଧରେ କହିଲେ ମୁଁ ବିଶ୍ୱାସ କରିବି ନାହିଁ ପ୍ରତିଜ୍ଞା କଲି। ଏକଥା ମୁଁ ଏଥିପାଇଁ କହିଲି, ମୋ ସାଙ୍ଗ ମୋ ସ୍ୱାମୀଙ୍କ ସହିତ କାହାକୁ ବି ଦେଖୁ ଯଦି ତାର ହୃଦୟ ପରିଷ୍କାର ଆଉ ଦୃଷ୍ଟିକୋଣ ଭଲ ଥାନ୍ତା ହୁଏତ ଏ ସନ୍ଦେହ ଆସି ନଥାନ୍ତା ଏବଂ ଯଦି ଆମ ଘରେ ସେ ଆମ ଝିଅକୁ ଦେଖି ନଥାନ୍ତା ହୁଏତ ମୁଁ ବି ତା କହିବାକୁ ବିଶ୍ୱାସ କରି ଆମ ଦାମ୍ପତ୍ୟ ଜୀବନକୁ ନଷ୍ଟ କରିଦେଇଥାନ୍ତି। ଏମିତି ଅନେକ ଘଟଣା ଘଟିଥାଏ ଅନ୍ୟମାନଙ୍କ ଖରାପ ଦୃଷ୍ଟିକୋଣ ଓ ଖରାପ ସମାଲୋଚନା ପାଇଁ।

ଆମେ କାହା ବିଷୟରେ କିଛି ନଜାଣି, କାହାର କାହା ସହିତ ସମ୍ପର୍କ କଣ, କିଏ କେତେ ସଂଯମୀ, କିଏ କେତେ ସ୍ୱଚ୍ଛ, କାହାର ଚରିତ୍ର କେମିତି ନଜାଣି ଅନ୍ୟଥା କାହାକୁ ସମାଲୋଚନା କରିବା, କାହା ଉପରକୁ ଅଙ୍ଗୁଳି ଉଠେଇବା, କାହା ଚରିତ୍ରକୁ ଆକ୍ଷେପ କରିବା ଆଦୌ ଠିକ୍ ନୁହେଁ।

ଏମିତି ସନ୍ଦେହ ଦୃଷ୍ଟିକୋଣ ରଖିଲେ କେହି କାହା ସହିତ କଥା ହେବାକୁ ବି ଭୟ କରିବେ। ପ୍ରତ୍ୟେକ ବ୍ୟକ୍ତି ବା ମହିଳା ତା ନିଜର ସଂଯମତା, ସଂସ୍କାର, ନୈତିକତା ରକ୍ଷା କରିବାକୁ ସମର୍ଥ। ତାକୁ କାହାର ଆଦେଶ ଉପଦେଶର ଆବଶ୍ୟକତା ନାହିଁ। ଆମେ ଯେତେବେଳେ ଆମ ନିଜର ପରମାର୍ଥ ପ୍ରତି ଯତ୍ନଶୀଳ ନୁହନ୍ତି, ସଂସ୍କାର ପ୍ରତି ସଚେତନ ନୁହନ୍ତି ସେତେବେଳେ ଅନ୍ୟକୁ ଭଲମନ୍ଦ କହିବାକୁ ଆମେ କିଏ? କାହାକୁ ଯଦି ଦେଖି ଆମକୁ ଖରାପ ଲାଗୁଛି, ଖରାପ ପ୍ରଥମେ ଆମ ବିଚାରରେ, ଆମ ଦୃଷ୍ଟିକୋଣରେ ଅଛି, ନଚେତ୍ ଭଲ ଲୋକମାନଙ୍କୁ ତ ଶବ ଭିତରେ ଶିବ ଦେଖାଯାଏ, ପଙ୍କ ଭିତରେ ପଦ୍ମ ଦେଖାଯାଏ। ବେଳେବେଳେ କିଛି ଲୋକଙ୍କ ସନ୍ଦେହ, ଆକ୍ଷେପ, ସମାଲୋଚନା ପାଇଁ ସୁନ୍ଦର ସୁନ୍ଦର ସମ୍ପର୍କ ଖରାପ ହୋଇଯାଏ। ପ୍ରତିଟି ସମ୍ପର୍କକୁ ମର୍ଯ୍ୟାଦାର ସହିତ ସମ୍ମାନ କରିବା ଉଚିତ୍। କାହାକୁ ଭୟକରି, କିଏ କଣ କେମିତି ଦୃଷ୍ଟିରେ ଆପଣଙ୍କୁ ଦେଖୁଛି ଯଦି ଭାବି ବସିବେ ଆପଣ ସମସ୍ତଙ୍କ ଦୃଷ୍ଟି ଅନୁଯାୟୀ ଚାଲି ପାରିବେ ନାହିଁ। ମାଆ-ପୁଅ, ବାପା-ଝିଅ, ଭାଇ-ଭଉଣୀ, ଦାଦା-ଝିଆରି ଯଦି ସାଙ୍ଗରେ ବୁଲୁଥିବେ, ଜାଣିନଥିବା ଲୋକ ସେମାନଙ୍କୁ ଖରାପ ଦୃଷ୍ଟିରେ ବିଚାର କରିନେବେ, କାରଣ ତାଙ୍କର ଦୃଷ୍ଟିକୋଣ ହିଁ ସେମିତି। ତେଣୁ ନିଜ ସଂସ୍କାର ଆଉ ଚରିତ୍ର ପ୍ରତି ସଚେତନ ରହିବା ଏବଂ ସମସ୍ତଙ୍କ ପ୍ରତି ସାତ୍ତ୍ୱିକ ବିଚାର ରଖିବା ଆମର କର୍ତ୍ତବ୍ୟ। କିଏ କଣ କଲା ସେଇଟା ତାର ସଂସ୍କାର, ସେଥିରେ ହସ୍ତକ୍ଷେପ କରିବା କିମ୍ବା ସମାଲୋଚନା କରିବା ଆମ ମନରେ ଥିବା ବିକାରର ପରିଚୟ। କାହା ସମ୍ପର୍କରେ କିଛି ନଜାଣି କୌଣସି ମନ୍ତବ୍ୟ ଦେବା ଧର୍ତ୍ତବ୍ୟ ଅପରାଧ। ତେଣୁ ଚାଲନ୍ତୁ ଆମେ ନିଜର ଦୃଷ୍ଟିକୋଣ ବଦଳାଇବା, ସମସ୍ତଙ୍କୁ ସମ୍ମାନ କରିବା।


- ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର


# ଆଜିର କବିତା

## ସାକ୍ଷୀ ଥିଲା ସେହି ନୀଳ ଜଳରାଶି....

**ରଶ୍ମି ସାମଲ**



ଆକାଶର ଖୋଲା ଛାତି ତଳେ
ସମୁଦ୍ର କୂଳର ସେହି ସନ୍ଧ୍ୟାର
ତୋଫା ନିର୍ମଳ ଜଳରାଶିକୁ ଦେଖି
ସବୁ ପ୍ରତାରଣାକୁ ହଜାଇ ଦେଇଥିଲି।

କେବେ ଥରେ ପଚାରି ଦେଖ
କାହିଁକି ମୋ ନିରବତା
ଉତ୍ତର ସଠିକ ପାଇଯିବ,
କେତେ ଯେ ଅଶାନ୍ତ ଝଡ ସବୁକୁ
କବର ଦେବାକୁ ପଡିଛି।

ପାପୁଲିକୁ ଚାପି ଧରି
ଛାତିରେ ମୁହଁ ପୋତି ଦେଇ
ଶୁଣୁଥିଲି ଫେରୁଥିବା ଢେଉର
ସଁ ସଁ ଗର୍ଜନକୁ

ହେଲେ ଦଶଦିଗ ଅନ୍ଧାର
ଚାରି ପଟ ଘେରି ଯାଇଛି।

ସେଦିନର ଦୃଶ୍ୟ ଯାହା ଥିଲା
ଖାଲି ସମୟ ବଦଳି ଯାଇଛି
କଳଙ୍କର ରଙ୍ଗ ସବୁ ମଳିନ
ପଡି ଯାଇଛି,ଏତିକି
ମନେ ପଡେ ସେହି କଫି ଆଉ
ଚା ବାଳର ସ୍ୱର।

ବୁଝି ପାରି ନଥିଲି
କିଏ ଶିଳା କିଏ ଶାଳଗ୍ରାମ
ଅଭିମାନ କରି ଲାଭ କଣ
ମାଡି ଆସୁଥିବା ଢେଉ
ସେହି ଲୁଣି ପାଣିରେ
ଦେହ ମନ ଭିଜି ସାରିଥିଲା।

ଏହି ବାଲି ଭରା ସମୁଦ୍ର କୂଳଟା
ଚକ୍ରାନ୍ତକାରୀ ସଠ ପାଲଟି ଯାଇଥିଲା
ଆଗକୁ ପାଦ ବଢେଇବାର
ଭୟ ଭରି ସାରିଥିଲା ମନରେ।

ଖୋଲା ଆକାଶ ତଳର
ଛାଇ ଜହ୍ନ ଆଲୋକ
ଟଗର ଫୁଲ ପରି
ତୋଫା ତାରାକୁ ଗଣୁଥିଲି।
ସେହି ସମୁଦ୍ର କୂଳ
ଏତେ ଯେ ରହସ୍ୟ ମୟ
ଖିନ ଭିନ୍ନ କରିଦେଲା
ସେଦିନର ଏକାକିତ୍ୱକୁ।


+ଭୁବନେଶ୍ୱର
୯୪୩୭୧୧୫୮୬୫


## ସମୟ ବଦଳୁ ଥାଏ ...

**ମନୋରମା ସାହୁ**



କାହାର ଇଚ୍ଛା ଅନିଚ୍ଛାକୁ ଖାତିର ନକରି
କଞ୍ଚା ଝଡି ପଡୁଥାଏ ପାଚିଲା ଝୁଲୁଥାଏ
ସମୟର ସାଧବ ବୋହୂଟି
ନାଲି ପାଟ ଛାଡି ଧଳା କସ୍ତା ପିନ୍ଧୁଥାଏ
ସମୟ ବଦଳୁ ଥାଏ।

କଳା ଧଳା ହୁଏ, ଧଳା ଉଭାନ୍ ହୁଏ
ଇସ୍ତ୍ରୀ କରା ଶରୀରରେ
ଭାଙ୍ଗ ପରେ ଭାଙ୍ଗ ପଡୁଥାଏ
ସମୟ ବଦଳୁ ଥାଏ।

ନଈ ପହଁରା ଛାଡି
ସମୁଦ୍ର ପହଁରା ଶିଖିବାକୁ ହୁଏ
ସ୍ୱପ୍ନର ଶେଯରୁ ବାସ୍ତବତା କଡ ଲେଉଟାଏ

ଆହୁଲା ନଥିଲେ ବି ଡଙ୍ଗା ହୋଇ
ଭାସିବାକୁ ହୁଏ
ସମୟ ବଦଳୁ ଥାଏ।

ଫୁଲରୁ ରଙ୍ଗ ଛାଡିଯାଏ
ପବନରୁ ଗତି ହଜିଯାଏ
ପାଣି ବରଫ ପାଲଟେ
ବରଫ ପାଣି ହୋଇ ବହିଯାଏ
ସମୟ ବଦଳୁ ଥାଏ।

ବଗିଚା ମରୁଭୂମି ପାଲଟେ
ଉଡୁଥିବା ପାଦରେ ବେଡି ପଡେ
ବସନ୍ତରେ ବୈଶାଖର ବୈଠକ ବସେ
ଜୀବନ ଜୁଇ ପାଲଟୁ ଥାଏ
ସମୟ ବଦଳୁ ଥାଏ।

ଜୀବନ ଡହକୁ ଥାଏ
ଯନ୍ତ୍ରଣା ମହକୁ ଥାଏ
କେବେ ସେ ତରଳ ହୁଏ,
କେବେ ସେ ଗରଳ ପିଏ
କେବେ ନିଜ ପାଇଁ ସାଉଁଟୁ ଥାଏ
କେବେ ଅନ୍ୟ ପାଇଁ ବାଣ୍ଟି ହୋଇଯାଏ
ସମୟ ବଦଳୁ ଥାଏ।


+ସରକାରୀ ଉ.ପ୍ରା. ବିଦ୍ୟାଳୟ
ପାରିଓରଡ, ଖୋର୍ଦ୍ଧା
ମୋ: ୭୭୩୫୦୭୫୦୬୫

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ସେବା ଓ ସମର୍ପଣ ଅଭିଯାନ ପାଳନ କରିବ ବିଜେପି

ଭୁବନେଶ୍ୱର,୧୫/୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଜନ୍ମଦିନ ଚଳିତ ମାସ ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୭ ପର୍ଯ୍ୟନ୍ତ ଭାରତୀୟ ଜନତାପାର୍ଟି ସେବା ଓ ସମର୍ପଣ ଅଭିଯାନ ରୂପେ ପାଳନ କରିବ ବୋଲି ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ସେବା ସମର୍ପଣ ଭାବରେ କାର୍ଯ୍ୟ କରିଆସିଛନ୍ତି, ଏହାକୁ ନେଇ ପ୍ରଦର୍ଶନୀ ଆୟୋଜିତ ହେବ। ନମୋ ଆପ୍ ଜରିଆରେ ଭର୍ଚୁଆଲ ପ୍ରଦର୍ଶନୀ ଆୟୋଜନ ହେବ ଏବଂ ସବୁ ଜିଲ୍ଲାରେ ବୁଦ୍ଧିଜୀବୀ ଓ ସାଧାରଣ ଜନତା ଏହି ପ୍ରଦର୍ଶନୀକୁ ଆସି ଦେଖିପାରିବେ। ପ୍ରତ୍ୟେକ ମଣ୍ଡଳରେ ଦିବ୍ୟାଙ୍ଗ ମାନଙ୍କୁ କୃତ୍ରିମ ଅଙ୍ଗ ବିରତଣ କାର୍ଯ୍ୟକ୍ରମ ହେବ। ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହେବ। ପ୍ରତ୍ୟେକ ଜିଲ୍ଲାରେ ଗରିବ, ବସ୍ତି, ଅନାଥାଳୟ, ଡାକ୍ତରଖାନା ଏବଂ ବୃଦ୍ଧାଶ୍ରମ ମାନଙ୍କରେ ଫଳ ବିରତଣ କରାଯିବ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ମାଗଣା ରାସନ ବ୍ୟାଗ୍ ବିତରଣ କରାଯିବ ଏବଂ ଏଥିରେ ମହିଳାମୋର୍ଚ୍ଚା ମୁଖ୍ୟ ଭୂମିକା ଗ୍ରହଣ କରିବ। ଯୁବମୋର୍ଚ୍ଚା ଦ୍ୱାରା ସମସ୍ତ ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜନ କରାଯିବ ଏବଂ ସମସ୍ତ ଯୁବକ ବନ୍ଧୁ ମାନଙ୍କୁ ଅନୁରୋଧ ରହିବ ଯେ ସେମାନେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହେବେ। କୃଷକ ମୋର୍ଚ୍ଚା ଦ୍ୱାରା ସେପ୍ଟେମ୍ବର ୧୭ ତାରିଖ ଦିନ ରାଜ୍ୟ ମୁଖ୍ୟାଳୟ ଏବଂ ପ୍ରତ୍ୟେକ ଜିଲ୍ଲାରେ କୃଷକ ଓ ଯବାନ ମାନଙ୍କୁ ସମ୍ମାନିତ କରାଯିବ। ପ୍ରତ୍ୟେକ ମଣ୍ଡଳରେ ସ୍ୱଚ୍ଛତା ଅଭିଯାନ ହାତକୁ ନିଆଯିବ। ଏଥିରେ ନଦୀ ଓ ଜଳାଶୟର ସଫେଇ କାର୍ଯ୍ୟକ୍ରମ ଏବଂ ବ୍ୟାପକ ଭାବରେ ବୃକ୍ଷରୋପଣ, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍‌ର ବର୍ଜନ ପ୍ରତି ସଚେତନତା ସୃଷ୍ଟି କରାହେବ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନତାପାର୍ଟିର ସ୍ୱଚ୍ଛ ଭାରତ ଟିମ୍ ଏହାର ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଡ. ସାମନ୍ତସିଂହାର ସୂଚନା ପ୍ରଦାନ କରିଛନ୍ତି।

ସେପ୍ଟେମ୍ବର ୨୫ରେ ଆମ ନୀତି ଆଦର୍ଶର ପ୍ରଣେତା ଏବଂ ପ୍ରେରଣାର ଉତ୍ସ ପଣ୍ଡିତ୍ ଦୀନ ଦୟାଲ ଉପାଧ୍ୟାୟଙ୍କ ଜନ୍ମଜୟନ୍ତୀ ମଧ୍ୟ ଭବ୍ୟ ଭାବରେ ପାଳନ କରାଯିବ। ପ୍ରତ୍ୟେକ ମଣ୍ଡଳରେ ଏହାର ଗୋଟିଏ ଭର୍ଚୁଆଲ ସେମିନାର୍ ଆୟୋଜନ ହେବ, ଯେଉଁଥିରେ ସର୍ବନିମ୍ନ ଶହେରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେବେ। ପ୍ରତ୍ୟେକ ବୁଥ୍ ସ୍ତରରେ ପଣ୍ଡିତ୍ ଦୀନଦୟାଲ୍ ଉପାଧ୍ୟାୟଙ୍କ ପ୍ରତିମୂର୍ତ୍ତି ବା ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବ ଏବଂ ତାଙ୍କ ବିଷୟରେ ବକ୍ତବ୍ୟ ଓ ଆଲୋଚନା କରାଯିବ।

ସେହିଭଳି ଭାବରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରତ୍ୟେକ ବୁଥ୍ ସ୍ତରରେ ମହାତ୍ମାଗାନ୍ଧୀଙ୍କର ପ୍ରତିମୂର୍ତ୍ତି ପରିସରକୁ ସଫେଇ କରିବା ଓ ପ୍ରତିମୂର୍ତ୍ତି ବା ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବ। ଭୋକାଲ୍ ଫର୍ ଲୋକାଲ୍ କୁ ପ୍ରୋତ୍ସାହନ ଦେଇ ସ୍ଥାନୀୟ କାରିଗର ଏବଂ ଉତ୍ପାଦକଙ୍କୁ ବଢିବାର ସୁଯୋଗ ଦେବା। ପ୍ରଧାନମନ୍ତ୍ରୀଙ୍କର ବ୍ୟକ୍ତିତ୍ୱ ,କୃତିତ୍ୱ, ଜନସେବାରେ ତାଙ୍କର ଉପଲବ୍ଧି ବିଷୟରେ ଭର୍ଚୁଆଲ କନଫରେନ୍ସର ଆୟୋଜନ କରାଯିବ। ନମାମୀ ଗଙ୍ଗେ ଟିମ୍ ନେତୃତ୍ୱରେ ବିଭିନ୍ନ ଜାଗାରେ ପାର୍ଟିର କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ଯେତିକି ନଦୀ ଅଛି ସମସ୍ତ ନଦିର ସଫେଇ କାର୍ଯ୍ୟକ୍ରମ ଏବଂ ଜଳାଶୟର ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯିବ। ସଂଖ୍ୟାଲଘୁ ମୋର୍ଚ୍ଚା ଦ୍ୱାରା ସମସ୍ତ ପନ୍ଥ ସମ୍ପ୍ରଦାୟର ଧର୍ମଗୁରୁ ମାନଙ୍କ ସହ ସୌଜନ୍ୟମୂଳକ ସାକ୍ଷାତର ଆୟୋଜନ କରାଯିବ। ଏଥିରେ ଭାରତୀୟ ଜନତାପାର୍ଟିର ସମସ୍ତ କାର୍ଯ୍ୟକର୍ତ୍ତା, ନିର୍ବାଚିତ ପ୍ରତିନିଧି ପଦାଧିକାରୀ ଯୋଗଦେବେ। ଏହାକୁ ବ୍ୟାପକ ଓ ଭବ୍ୟ ଭାବରେ କରିବାରେ ସହଭାଗିତା ସମସ୍ତଙ୍କର ରହିବ। ରାଜ୍ୟରେ ଭାରତୀୟ ଜନତାପାର୍ଟିର ୩୬ଟି ସାଂଗଠନିକ ଜିଲ୍ଲା ଏବଂ ୧୦୦୪ ମଣ୍ଡଳ ଓ ସମସ୍ତ ବୁଥ୍‌ରେ ଏହି କାର୍ଯ୍ୟକ୍ରମ ପାଳନ ହେବ।

# ଅଧିକ ଦିନ ସ୍କୁଲ ବନ୍ଦ ରହିଲେ ପିଲାଙ୍କୁ ଫେରାଇ ଆଣିବା କଷ୍ଟକର ହେବ

ଭୁବନେଶ୍ୱର,୧୫/୯ (ନି.ପ୍ର): କରୋନା ମହାମାରୀ ହେତୁ ଓଡିଶା ସମେତ ସମଗ୍ର ଦେଶର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ପ୍ରାୟ ଦେଢ ବର୍ଷ ହେବ ସ୍କୁଲ କଲେଜ ବନ୍ଦ ହୋଇ ରହିବା ଫଳରେ ଛାତ୍ରଛାତ୍ରୀମାନେ ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ହେଲେ । ଏବେ ଦୋକାନ, ବଜାର, ମଲ, ଧାର୍ମିକ ଅନୁଷ୍ଠାନ, ସିନେମା ହଲ ଇତ୍ୟାଦିକୁ ଖୋଲିବା ଲାଗି ଅନୁମତି ଦିଆଯାଇଛି । ଏହା ସତ୍ତ୍ୱେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟଗୁଡିକୁ ଖୋଲିବାକୁ ଅନୁମତି ମିଳିନି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଅଧିକ ବିପର୍ଯ୍ୟୟ ଆଡକୁ ଗତି କରିଛି। ତେଣୁ ତୁରନ୍ତ ସ୍କୁଲ ଖୋଲିବାକୁ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ସଙ୍ଗଠନ ପକ୍ଷରୁ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ସ୍କୁଲ ବନ୍ଦ ରହିବା ହେତୁ ଆଦିବାସୀ ,ଦଳିତ, ସାଧାରଣ କୃଷକ, ନିର୍ମାଣ ଶ୍ରମିକ ଓ ଦାଦନ ଶ୍ରମିକ ଶ୍ରେଣୀର ପିଲାମାନେ ସମ୍ପୂର୍ଣ ପାଠପଢା ଛାଡିଦେଲେଣି । ଅଧିକ ଦିନ ସ୍କୁଲ ବନ୍ଦ ରହିଲେ ସେମାନଙ୍କୁ ସ୍କୁଲକୁ ଫେରାଇ ଆଣିବା କଷ୍ଟକର ହୋଇଯିବ । ଗତ ୬ ସେପଟେମ୍ବର ୨୦୨୧ ତାରିଖରେ ଓଡିଶା ସମେତ ୧୫ଟି ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୪୦୦ ପିଲାଙ୍କୁ ନେଇ "ଲକ୍? ଆଉଟ ଏମର୍ଜେନ୍ସି ରିପୋର୍ଟ ଅନ ସ୍କୁଲ ଏଜୁକେଶନ" ଶୀର୍ଷକ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟ ଅନୁସାରେ, ଗ୍ରାମାଞ୍ଚଳରେ ୩୬ ପ୍ରତିଶତ ଓ ସହରାଞ୍ଚଳରେ ୧୯ ପ୍ରତିଶତ ପିଲା କରୋନା ସମୟରେ ଆଦୌ ପାଠ ପଢିନାହାନ୍ତି। ଗ୍ରାମାଞ୍ଚଳରେ ୪୮ ପ୍ରତିଶତ ଓ ସହରାଞ୍ଚଳରେ ୪୨ ପ୍ରତିଶତ ପିଲା, ସମଗ୍ର ଛାତ୍ରଛାତ୍ରୀଙ୍କର ବୃହତ୍ତର ଭାଗ, ଅଳ୍ପ କିଛି ବାକ୍ୟ ପଢିପାରୁଛନ୍ତି । ପିଲାମାନଙ୍କର ଲେଖିବା ଓ ପଢିବା ଅଭ୍ୟାସ ଆଉ ନାହିଁ କହିଲେ ଚଳେ । ଉପରୋକ୍ତ ସର୍ବେକ୍ଷଣ ଅନୁସାରେ, ସହରାଞ୍ଚଳରେ କେବଳ ୨୪ ପ୍ରତିଶତ ଓ ଗ୍ରାମାଞ୍ଚଳରେ ମାତ୍ର ୮ ପ୍ରତିଶତ ଛାତ୍ରଛାତ୍ରୀ ଅନଲାଇନରେ ପାଠ ପଢୁଛନ୍ତି । ସେମାନଙ୍କ ମଧ୍ୟରୁ ବେଶ କେତେକ ଛାତ୍ରଛାତ୍ରୀ ଡିଜିଟାଲ ବୈଷମ୍ୟର ଶିକାର ହେଉଛନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା ହେତୁ ସେମାନଙ୍କ ପାଖରେ ହୁଏତ ସ୍ମାର୍ଟ ଫୋନ ନାହିଁ ବା ନିୟମିତ ଡାଟା କାର୍ଡକୁ ରିଚାର୍ଜ କରିପାରୁନାହାନ୍ତି । ନଚେତ ନିକଟରେ ମୋବାଇଲ ଟାୱାର ନ ଥିବା କାରଣରୁ ଇଣ୍ଟରନେଟ ସୁବିଧା ପାଉନାହାନ୍ତି । ଏହା ଦ୍ୱାରା ସମ୍ବିଧାନର ଧାରା ୨୧ – ଏ ଅନୁସାରେ 'ସମସ୍ତଙ୍କୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା' ବ୍ୟବସ୍ଥାଗତ ଅଧିକାରର ଘୋର ଉଲ୍ଲଂଘନ ହେଉଛି । ଉକ୍ତ ରିପୋର୍ଟ ଅନୁସାରେ, ଗ୍ରାମାଞ୍ଚଳରେ ୯୭ ଭାଗ ଓ ସହରାଞ୍ଚଳରେ ୯୦ ଭାଗ ପିତାମାତା ଶ୍ରେଣୀ ଗୃହରେ ଶିକ୍ଷା ପ୍ରଦାନ ନିମନ୍ତେ ମତ ପ୍ରକାଶ କରିଛନ୍ତି । ଅନଲାଇନ ଶିକ୍ଷା ଲାଗି ଆବଶ୍ୟକୀୟ ଭିତ୍ତିଭୂମି ସହିତ ପରିବାର ଆୟ ବୃଦ୍ଧି ଭଳି ସାମାଜିକ ଭିତ୍ତିଭୂମିର ଆବଶ୍ୟକତା ମଧ୍ୟ ରହିଛି । ପୁଣି ଅନଲାଇନ ଶିକ୍ଷା ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ, ନୂଆ ବିଷୟ ପ୍ରତି ଆଗ୍ରହ, ଅନ୍ୟପ୍ରତି ବ୍ୟବହାରରେ ଘୋର ଅବନତି ଆଣୁଥିବା ଖବର ଗଣମାଧ୍ୟମରେ ପ୍ରକାଶିତ ହେଉଛି । କୋଭିଡ ଲକଡାଉନ୍ ପୂର୍ବରୁ ଓଡିଶା, ମଧ୍ୟପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗର ଗ୍ରାମାଞ୍ଚଳରେ ମାତ୍ର ୫ରୁ ୧୦ ପ୍ରତିଶତ ଲୋକ ଇଣ୍ଟେରନେଟ ବ୍ୟବହାର କରିଥିବା ବିଭିନ୍ନ ରିପୋର୍ଟରେ ପ୍ରକାଶିତ ହୋଇଛି କୁହେ । କରୋନା ମହାମାରୀ ସମୟରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଅନେକ ଛାତ୍ରଛାତ୍ରୀ ଦେଢବର୍ଷର ମୂଲ୍ୟବାନ ସମୟ ହରାଇଲେ ।

## ତାଳଚେର ମେଡିକାଲ୍ କଲେଜ ଶୀଘ୍ର କର୍ମକ୍ଷମ କରାଇବାକୁ ମୁଖ୍ୟ ଶାସନ ସଚିବଙ୍କ ଅନୁରୋଧ

ଭୁବନେଶ୍ୱର,୧୫/୯ (ନି.ପ୍ର): ତାଳଚେରଠାରେ ମହାନଦୀ ଭେଷଜ ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ ଏବଂ ହସ୍ପିଟାଲ୍ କୁ ଶିଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ଏମ୍ ନାଗାରାଜୁ ଏବଂ ମହାନଦୀ କୋଲ୍ଡଫିଲଡର ବରିଷ୍ଠ ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି । ଆଜି ରାଜ୍ୟ ସଚିବାଳୟଠାରେ କୋଇଲା ଉତ୍ତୋଳନ ଓ ପରିବହନ ସମ୍ବନ୍ଧିତ ସଦ୍ୟତନ ସ୍ଥିତି ଆଲୋଚନା କଲାବେଳେ ଶ୍ରୀ ମହାପାତ୍ର ଏହି ଅନୁରୋଧ କରିଥିଲେ । କେନ୍ଦ୍ରୀୟ ଅତିରିକ୍ତ ଶାସନ ସଚିବ ଜଣାଇଥିଲେ ଯେ ଇତିମଧ୍ୟରେ ତାଳଚେରଠାରେ ଏହି ପ୍ରତିଷ୍ଠାନର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଛି। ୫୦୦ ବେଡ୍ ବିଶିଷ୍ଟ ଏହି ଭେଷଜ ମହାବିଦ୍ୟାଳୟ ନିର୍ମାଣ, ଆନୁସଙ୍ଗିକ ଆସବାବପତ୍ର, ଯନ୍ତ୍ରପାତି ଏବଂ ଚିକିତ୍ସା ଉପକରଣ ଆଦି ପାଇଁ ଏମ୍.ସି.ଏଲ୍. ତରଫରୁ ୫୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି । ଭେଷଜ ମହାବିଦ୍ୟାଳୟର ଦୈନନ୍ଦିନ ପରିଚାଳନା ଏ କ୍ଷେତ୍ରରେ ଅଭିଜ୍ଞତା ଥିବା ବୃତିଗତ ସଂସ୍ଥାଙ୍କ ଦ୍ୱାରା କରାଯିବ ବୋଲି ଶ୍ରୀ ନାଗାରାଜୁ କହିଥିଲେ। ଏହି ସଂସ୍ଥା ଚୟନ ପାଇଁ ବିଭିନ୍ନ ସଂସ୍ଥାମାନଙ୍କ ଠାରୁ ଆଗ୍ରହ ପତ୍ର ଆହ୍ୱାନ କରାଯାଇଛି। ଖୁବ୍ ଶିଘ୍ର ଏ ବିଷୟରେ ନିଷ୍ପତି ହେବ। ତାଳଚେର ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ କାର୍ଯ୍ୟକାରୀ ହେଲେ ଅନୁଗୁଳ, କେନ୍ଦୁଝର, ଢେଙ୍କାନାଳ ଏବଂ ଆଖପାଖ ଜିଲ୍ଲାର ଜନସାଧାରଣ ସୁବିଧାରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ପାଇବେ।

## ମୂର୍ତ୍ତିର ଉଚ୍ଚତା ପରୋକ୍ଷରେ ସଂକ୍ରମଣ ବଢାଇବ

ଭୁବନେଶ୍ୱର,୧୫/୯ (ନି.ପ୍ର): ମୂର୍ତିର ଉଚ୍ଚତା ପରୋକ୍ଷରେ ସଂକ୍ରମଣ ବଢାଇବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ପାର୍ବଣରେ ସଂକ୍ରମଣ ଓ ମୂର୍ତି ଉଚ୍ଚତା ବିବାଦକୁ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ସମ୍ମିଳନୀରେ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ଯଦିଓ ସଂକ୍ରମଣ କମିଛି ତଥାପି ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିନାହିଁ। କିଛି ରାଜ୍ୟରେ ସଂକ୍ରମଣ ଏବେ ବି ଅଧିକ ରହିଛି। ପୂର୍ବ ଥର ମଧ୍ୟ କିଛି ରାଜ୍ୟରେ ସଂକ୍ରମଣ ବଢି ଚାରି ଆଡକୁ ବ୍ୟାପି ଯାଇଥିଲା। ଆଗକୁ ପାର୍ବଣ ଋତୁ ରହିଛି। ତେଣୁ ଆମେ ଏମିତି ଭୁଲ୍ କରିବା ନାହିଁ ଯାହାଦ୍ୱାରା ସଂକ୍ରମଣ ପୁଣି ବଢ଼ିବ। ତେଣୁ କଟକଣା ମାନନ୍ତୁ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ମୂର୍ତି ଉଚ୍ଚତା ସହ ସଂକ୍ରମଣର ଯଦିଓ ସିଧାସଳଖ ସମ୍ପର୍କ ନାହିଁ। ମାତ୍ର ଏହାଦ୍ୱାରା ଲୋକଙ୍କ ଭିଡ଼ ବଢିବାର ସମ୍ଭାବନା ରହିବ। ଅନ୍ୟ ରାଜ୍ୟ ସରକାରମାନେ ମଧ୍ୟ ମୂର୍ତି ଉଚ୍ଚତାରେ କିଛି କଟକଣା କରିଛନ୍ତି। ମୂର୍ତି ବଡ଼ ହେଲେ ଲୋକେ ଆକର୍ଷିତ ହୋଇ ଭିଡ଼ କରିବେ। ଭିଡ ହେଲେ ସାମାଜିକ ଦୂରତା ରକ୍ଷା କରିବା କଷ୍ଟ ହେବ। ତେଣୁ ଆମେ ମଧ୍ୟ ସଂକ୍ରମଣ ଦୃଷ୍ଟିରୁ ଏପରି ନିଷ୍ପତି ନେଇଛୁ। ସେହିପରି ଡିଏମଇଟି ଡାକ୍ତର ସିବିକେ ମହାନ୍ତି କହିଛନ୍ତି, ମୂର୍ତି ଉଚ୍ଚତା ପରୋକ୍ଷରେ ସଂକ୍ରମଣ ବଢାଇବ। ମୂର୍ତି ଉଚ୍ଚ ହେଲେ ଅନ୍ୟାନ୍ୟ ଜିନିଷ ବି ବଢ଼ିବ। ମହାରାଷ୍ଟ୍ରରେ ମଧ୍ୟ ଗଣେଶ ପୂଜାରେ ଗଣେଶଙ୍କ ମୂର୍ତିର ଉଚ୍ଚତା କମାଯାଇଛି। ଓନମ ପର୍ବ ଦ୍ୱାରା କେରଳରେ ସ୍ଥିତି କଣ ହେଲା ସମସ୍ତେ ଜାଣନ୍ତି। ମୂର୍ତିର ଉଚ୍ଚତା ୨ କି ୪ ଫୁଟ ହେଉ ପଛେ ଆମର ଭକ୍ତି ରହୁ। ଜଣେ ସଂକ୍ରମିତ ହେଲେ ଅନେକ ଲୋକ ସଂକ୍ରମିତ ହେବେ।

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୩୮ତମ ପ୍ରତିଷ୍ଠା ଦିବସ

## ଅଧିକ କ୍ରିୟାଶୀଳ ଓ ଦକ୍ଷ ହେବାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୧୫/୯ (ନି.ପ୍ର): ମାନବ ସମାଜର ସ୍ୱାସ୍ଥ୍ୟରକ୍ଷା ଓ ସାମଗ୍ରିକ ବିକାଶ ପାଇଁ ଆଜି ସମଗ୍ର ବିଶ୍ୱରେ ପ୍ରଦୂଷଣ ନିୟନ୍ତ୍ରଣ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି । ପ୍ରଦୂଷଣ କମାଇବା ପାଇଁ ପ୍ରତିକାର ଏବଂ ହ୍ରାସ ସମ୍ବନ୍ଧୀୟ ବ୍ୟବସ୍ଥା ହେଉଛି ପ୍ରମୁଖ ଅସ୍ତ୍ର । ରାଜ୍ୟ ସରକାର ଏଥି ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଅଧିକ କ୍ଷମତାପନ୍ନ ଓ କ୍ରିୟାଶୀଳ କରିଛନ୍ତି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି। ଆଜି ପୂର୍ବାହ୍ନରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ମିଳନୀ କକ୍ଷରେ ବୋର୍ଡର ୩୮ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଆରୁଖ କହିଲେ ଯେ ୧୯୮୩ ମସିହାରେ ଗଠିତ ହୋଇଥିବା ଏହି ବୋର୍ଡ ଦୀର୍ଘ ୩୭ ବର୍ଷ ଧରି ଜଳ, ବାୟୁ ଓ ପରିବେଶଜନିତ ପ୍ରଦୂଷଣକୁ ଯଥାସମ୍ଭବ ହ୍ରାସ କରାଇବା ପାଇଁ ସାରା ରାଜ୍ୟରେ ତା'ର କାର୍ଯ୍ୟ ଜାରି ରଖିଛି । ବୋର୍ଡ ଦ୍ୱାରା ବିଭିନ୍ନ ବର୍ଜ୍ୟ ପରିଚାଳନା ସହିତ ରାଜ୍ୟର ବିଭିନ୍ନ ଶିଳ୍ପାଂଚଳ ଓ ଗୁରୁତ୍ୱପୂର୍ଣ୍ଣ ସହରାଂଚଳରେ ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ କାର୍ଯ୍ୟ କରାଯାଉଛି । ପାରାଦୀପଠାରୁ ଧାମରା ପର୍ଯ୍ୟନ୍ତ ସମୁଦ୍ର ଜଳ, କେତେକ ପ୍ରମୁଖ ନଦୀ ଜଳର ଗୁଣାତ୍ମକ ମାନକୁ ବୋର୍ଡ ଦ୍ୱାରା ଯାଂଚ କରାଯାଉଛି । ମହାନଦୀର ଉଭୟ ପାର୍ଶ୍ୱର ସୁରକ୍ଷା ଏବଂ ସବୁଜ ବଳୟ ସୃଷ୍ଟି ପାଇଁ ସବୁଜ ମହାନଦୀ ମିଶନ କାର୍ଯ୍ୟକାରୀ ହୋଇଛି ।

ମନ୍ତ୍ରୀ ଶ୍ରୀ ଆରୁଖ ଆହୁରି ମଧ୍ୟ କହିଲେ ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକ ତଥା ଇଂଜିନିୟରମାନେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରି ଆମ ପାଇଁ ଗୌରବ ଆଣି ଦେଇଛନ୍ତି । ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସ୍ୱଚ୍ଛତା ମାନକ କ୍ଷେତ୍ରରେ ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ବୋର୍ଡର ଅଧକ୍ଷ ଏବଂ ସମସ୍ତ କର୍ମକର୍ତ୍ତାଙ୍କୁ ମନ୍ତ୍ରୀ ଶ୍ରୀ ଆରୁଖ ଅଭିନନ୍ଦନ ଜଣାଇଥିଲେ । ବୋର୍ଡକୁ ଅଧିକ କ୍ରିୟାଶୀଳ କରିବା ପାଇଁ କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି ଓ ସେମାନଙ୍କ ଦ୍ୱାରା ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ବୋର୍ଡର ସମସ୍ତ ବୈଜ୍ଞାନିକ, ଇଂଜିନିୟର ଏବଂ କର୍ମଚାରୀଙ୍କ ନିଷ୍ଠା ଓ ଆନ୍ତରିକତା ବଳରେ ରାଜ୍ୟରେ ପ୍ରଦୂଷଣର ପ୍ରତିକୂଳ ପ୍ରଭାବ ନିଶ୍ଚିତ ରୂପେ ହ୍ରାସ ପାଇବ ଏବଂ ଆଗାମୀ ବଂଶଧରମାନେ ଏକ ସୁସ୍ଥ ବାତାବରଣ ମଧ୍ୟରେ ଜୀବନଧାରଣ କରିବେ ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଅଧକ୍ଷତା କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଜଳ ଏବଂ ବାୟୁ ପ୍ରଦୂଷଣ ନିୟନ୍ତ୍ରଣରୁ କାର୍ଯ୍ୟ ଆରମ୍ଭ କରିଥିବା ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଇତି ମଧ୍ୟରେ ନିଜର କାର୍ଯ୍ୟ ପରିସରକୁ ପରିବ୍ୟାପ୍ତ କରିଛି । କଠିନ ବର୍ଜ୍ୟବସ୍ତୁ ପରିଚାଳନା, ମେଡିକାଲ ବର୍ଜ୍ୟ ପରିଚାଳନା, ଜଳ ଓ ବାୟୁ ପ୍ରଦୁଷଣ ବିଷୟରେ ବାସ୍ତବ ତଥ୍ୟ ସଂଗ୍ରହ, ଜନସାଧାରଣଙ୍କୁ ପ୍ରଦୂଷଣ ସମ୍ବନ୍ଧିତ ବାସ୍ତବ ସୂଚନା ପ୍ରଦାନ ଆଦି କ୍ଷେତ୍ରରେ ବୋର୍ଡ ନିଜର ଦକ୍ଷତା ପ୍ରମାଣ କରିଛି । ବିଭିନ୍ନ ସେବା ପ୍ରଦାନ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଏବଂ ଢାଂଚାଗତ ପରିବର୍ତ୍ତନରେ ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବେଶ୍ ଆଗୁଆ ରହିଛି । ଆଗାମୀ ଦିନରେ ଏହି ସମସ୍ତ ପ୍ରଚେଷ୍ଟାକୁ ଅଧିକ ଲକ୍ଷ୍ୟଭେଦୀ ଓ ଫଳପ୍ରସୂ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବକୁ ଯଥାସମ୍ଭବ କମ୍ କରିବା ଦିଗରେ ବୋର୍ଡର ନିଷ୍ପାପର ଉଦ୍ୟମ ରହିଆସିଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା ମତବ୍ୟକ୍ତ କରିଥିଲେ । ପୁରୀ ବେଳାଭୂମିକୁ ପରିଷ୍କାର-ପରିଚ୍ଛନ୍ନ କରି ବ୍ଲୁଫ୍ଲାଗ୍ ବେଳାଭୂମିରେ ପରିଣତ କରିବା ବୋର୍ଡ ପାଇଁ ଏକ ଗୌରବର ବିଷୟ ବୋଲି ଉଲ୍ଲେଖ କରି ସମଗ୍ର ଦେଶରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଜି ଶ୍ରେଷ୍ଠ ସ୍ଥାନରେ ଅଛି ଏବଂ ଆଗାମୀ ଦିନରେ ବୋର୍ଡର କାର୍ଯ୍ୟ ପରିସର ଅଧିକ ବ୍ୟାପକ ହେବ ବୋଲି ସେ କହିଥିଲେ ।

ସମାରୋହ ପ୍ରାରମ୍ଭରେ ବୋର୍ଡର ସଦସ୍ୟ ସଚିବ ଡ. କେ. ମୁରୁଗାସନ୍ ବୋର୍ଡର କାର୍ଯ୍ୟାବଳୀ ସଂପର୍କରେ ଆଲୋକପାତ କରିଥିଲେ । ପରିବେଶ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ ନନ୍ଦ ବୋର୍ଡର ସଫଳତା ଏବଂ କାର୍ଯ୍ୟବଳୀ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ପରିବେଶ ସମାଚାର ନିୟୁଜ ଲେଟର ସମେତ ଅନ୍ୟାନ୍ୟ ପ୍ରକାଶନର ଉନ୍ମୋଚନ କରାଯାଇଥିଲା । ମୁଖ୍ୟ ଅତିଥିଙ୍କ ଦ୍ୱାରା ମନୋନିତ ଶିଳ୍ପ, ଖଣି ଏବଂ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନକୁ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ପରିବେଶ ଇଂଜିନିୟର ଡ. ଏନ୍.ଆର. ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଶେଷରେ ବୋର୍ଡର ଅତିରିକ୍ତ ପ୍ରଶାସନିକ ଅଧିକାରୀ ଦେବଦତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## କୌଣସି ନଦୀରେ ବନ୍ୟା ଆଶଙ୍କା ନାହିଁ

ଭୁବନେଶ୍ୱର,୧୫/୯ (ନି.ପ୍ର): ବର୍ତମାନ ରାଜ୍ୟର କୌଣସି ନଦୀରେ ବନ୍ୟା ଆଶଙ୍କା ନାହିଁ। ଉପର ମହାନଦୀର ଚମ୍ପା ଓ ଘୋରାରୀ ଦୁଇଟି ସ୍ଥାନକୁ ଛାଡ଼ିଦେଲେ ଅନ୍ୟ କୌଣସି ନଦୀରେ ଅଧିକ ବର୍ଷା ହୋଇନାହିଁ। ଉପର ବ୍ରାହ୍ମଣୀରେ ବର୍ଷା ଅଧିକ ହୋଇନାହିଁ। ତଳ ବ୍ରହ୍ମଣୀରେ ୧୦୦ ମିଲିମିଟରରୁ ୨୯୩ ମିଲିମିଟର ବର୍ଷା ହୋଇଛି। ବୈତରଣୀରେ ପ୍ରବଳ ବର୍ଷା ହୋଇଛି। ବଂଶଧାରାରେ ବର୍ଷା ନାହିଁ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଧୀରେନ କୁମାର ସାମଲ କହିଛନ୍ତି। ସେ କହିଛନ୍ତି ଯେ ମହାନଦୀର ନରାଜରେ ୨୬.୪ ମିଟର ବିପଦ ସଂକେତ ଥିବା ବେଳେ ଜଳସ୍ତର ୨୩.୩ ମିଟର ରହିଛି। ପାନପୋଷ ୫ ମିଟର ତଳେ ରହିଛି ଜଳସ୍ତର। ଜେନାପୁରରେ ବିପଦ ସଂକେତ ତଳେ ରହିଛି। ବୈତରଣୀ ଆଖୁଆପଦାଠାରେ ବିପଦ ସଙ୍କେତ ଉପରେ ରହିଛି। ଅଧିକ ବର୍ଷା ଉପର ମୁଣ୍ଡରେ ନଥିବାରୁ କମିଛି। ଜଳକାରେ ବିପଦ ସଂକେତର ୧ ମିଟର ଉପରେ ରହିଛି ଜଳସ୍ତର। ଅଫିସର ସଜାଗ ଅଛନ୍ତି। ମହାନଦୀରେ ଦିନ ୧୨ ସୁଦ୍ଧା ବରମୂଳ ଠାରେ ୪ ଲକ୍ଷ ୩୬ କ୍ୟୁସେକ, ମୁଣ୍ଡଳୀରେ ୩ ଲକ୍ଷ ୨୨ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଖଇରାମାଳରେ ୨ ଲକ୍ଷ ୪୬ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ମୋଟ ୪୪ଟି ମାଧ୍ୟମ ଜଳଭଣ୍ଡାରରୁ ୧୧ଟିରେ ଜଳଧାରଣ କ୍ଷମତାର ୫୦-୭୫ ପ୍ରତିଶତ ଭିତରେ ଜଳ ରହିଛି । ୧୧ ଟିରେ ୧୦୦ ପ୍ରତିଶତ ଅଛି ରହିଛି ସେ ସବୁଥିରେ ଗେଟ ଖୋଲା ରହିଛି।

# ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ ପାଳିତ

ଭୁବନେଶ୍ୱର,୧୫/୯ (ନି.ପ୍ର): ଭାରତୀୟ ସାହିତ୍ୟରେ ରାମାୟଣ, ମହାଭାରତ ପରେ ପରେ ଭାଗବତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଅତିଥିମାନେ ମତପ୍ରଦାନ କରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଜି ସନ୍ଧ୍ୟାରେ ଆୟୋଜିତ ଅତିବଡ଼ୀ ଜଗନ୍ନାଥ ଦାସ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଶାସ୍ତ୍ରୀୟ ଭାଷା ଉତ୍କର୍ଷ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଛନ୍ତି ଯେ ଭାଗବତରେ ଜୀବନ ଓ ମୃତ୍ୟୁ ମଧ୍ୟରେ ରହିଥିବା ଆଧାତ୍ମିକ ଭାବ ଅନ୍ତର୍ନିହିତ । ଓଡ଼ିଆ ଜାତିର ଶ୍ରଦ୍ଧା ଓ ଭକ୍ତିଭାବ ଭାଗବତରେ ବର୍ଣ୍ଣିତ ହୋଇଛି । ଓଡ଼ିଆଙ୍କ ଜାତୀୟ ଚରିତ୍ର, ଉଦାରତା, ସହନଶୀଳତା, ତ୍ୟାଗ ଓ ବିନମ୍ରତାର ଚିତ୍ର ଏହି ଗ୍ରନ୍ଥରେ ଉତୋଳିତ ହୋଇଛି । ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଂଜୟ କୁମାର ଦାସବର୍ମା କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ବକ୍ତବ୍ୟ ରଖି ଅତିବଡ଼ୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଓଡ଼ିଆ ସଂସ୍କୃତି ସହିତ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଦର୍ଶନକୁ ଯୋଡ଼ିବାରେ ଅତିବଡ଼ୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ବୋଲି ଉଲ୍ଲେଖ କରି ଶ୍ରୀମଦ୍ ଭାଗବତ ଓଡ଼ିଆ ଜାତିକୁ ଏକତ୍ରିତ କରିବାର ମାଧ୍ୟମ ହୋଇପାରିଛି ବୋଲି ପ୍ରକାଶ କରିଥିଲେ । ଉତରପିଢ଼ିଙ୍କୁ ଓଡ଼ିଆ ଅସ୍ମିତା ସହ ପରିଚିତ କରାଇବାରେ ଅତିବଡ଼ୀଙ୍କ କୃତିତ୍ୱ ଅନୁପ୍ରେରିତ କରୁଥିବ ବୋଲି ଶ୍ରୀ ଦାସବର୍ମା କହିଥିଲେ । ବିଭାଗୀୟ ସଚିବ ଡ. ସୁରେଶ କୁମାର ଦଳାଇ ବକ୍ତବ୍ୟ ରଖି ଭାଗବତକାର ଜଗନ୍ନାଥ ଦାସଙ୍କୁ ସିଦ୍ଧ ସାଧକ ଓ ଆମ ଜାତିର ସାଂସ୍କୃତିକ ଇତିହାସରେ ଅନନ୍ୟ ପୁରୁଷ ଭାବରେ ବର୍ଣ୍ଣନା କରିଥିଲେ । ଏବେ ମଧ୍ୟ ଓଡ଼ିଶା ପୁରପଲ୍ଲୀରେ ଭାଗବତ ବଞ୍ଚି ରହିଛି ବୋଲି ସେ ପ୍ରକାଶ କରିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଅତିବଡ଼ୀଙ୍କୁ ଓଡ଼ିଶାରେ ଭକ୍ତି ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ତଥା ପଞ୍ଚସଖା ଗୋଷ୍ଠୀର ଅଗ୍ରଗଣ୍ୟ ମନୀଷୀ ଭାବରେ ଅଭିହିତ କରିଥିଲେ । ଏକାଡେମୀର ସଭାପତି ପ୍ରତିଷ୍ଠିତ କବି ତଥା ଆଲୋଚକ ଡ. ହୃଷୀକେଶ ମଲ୍ଲିକ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ଏକାଡେମୀର ସହସଂପାଦକ ପ୍ରଦୀପ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଓ ଏକାଡେମୀର ଉପସଭାପତି କବି ତଥା ଅନୁବାଦକ ଡ. ସଂଗ୍ରାମ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ଉତରୀୟ ତଥା ଭାଗବତ ସେଟ୍ ଉପହାର ଭାବେ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ଭାଗବତ ପାଠ ହୋଇଥିବାବେଳେ କାର୍ଯ୍ୟକ୍ରମ ମଧ୍ୟରେ ଶାଶ୍ୱତୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନର ପ୍ରତିଭା ଦାସ, ପ୍ରଦୀପ ପଲାଇ, ନବୀନ ରଥ, ସୁନୀଲ ବାରିକ ଏବଂ ମାନସ ଦାସ ଭାଗବତର କିଛି ପଂକ୍ତି ପରିବେଷଣ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପୂର୍ବାହ୍ନରେ ସଂସ୍କୃତି ଭବନ ପରିସରସ୍ଥ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପ୍ରତିମୂର୍ତିରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା । ଅତିବଡ଼ୀଙ୍କ ଜନ୍ମସ୍ଥାନ ବ୍ରହ୍ମଗିରିସ୍ଥିତ କପିଳେଶ୍ୱରପୁରରେ ଅତିବଡ଼ୀ ଜଗନ୍ନାଥ ଦାସ ମେମୋରିଆଲ୍ ଟ୍ରଷ୍ଟ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ସିଦ୍ଧେଶ୍ୱର ମହାପାତ୍ର, ବଦ୍ରୀ ମିଶ୍ର ଓ ଜ୍ଞାନାନନ୍ଦ ସାଗର କୁମାର ବେହେରା ଯୋଗଦେଇ ଅତିବଡ଼ୀଙ୍କ ପ୍ରତି ଶ୍ରଦ୍ଧାନିବେଦନ କରିଥିଲେ ।

# ବିସ୍ରାରେ ସ୍ମାର୍ଟ ହେଲଥ୍ କାର୍ଡ ବଂଟନ କଲେ କ୍ରୀଡା ମନ୍ତ୍ରୀ

ଭୁବନେଶ୍ୱର,୧୫/୯ (ନି.ପ୍ର): ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀତୁଷାରକାନ୍ତି ବେହେରା ମଙ୍ଗଳବାର ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ବିସ୍ରା ବ୍ଲକ୍ ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ନୂଆ ସ୍ମାର୍ଟ କାର୍ଡ ବଂଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଉରକେଲାଠାରେ ସୁନ୍ଦରଗଡ଼ ଜିଲ୍ଲାବାସୀଙ୍କ ପାଇଁ ସ୍ମାର୍ଟ ହେଲଥ୍ କାର୍ଡ ବଂଟନର ଶୁଭାରମ୍ଭ କରିବା ପରେ ବିଭିନ୍ନ ବ୍ଲକ୍ ରେ ମନ୍ତ୍ରୀଗଣ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଏହି କାର୍ଡ ବଂଟନ କରିଥିଲେ । ଏହି ଯୋଜନାରେ ରାଜ୍ୟର ୯୬ ଲକ୍ଷ ପରିବାରର ସାଢ଼େ ତିନିକୋଟି ଲୋକ ଉପକୃତ ହେବାକୁ ଥିବାବେଳେ ଗତ ଅଗଷ୍ଟ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଏହାକୁ ମାଲକାନଗିରି ଜିଲ୍ଲାରେ ଶୁଭାରମ୍ଭ କରିଥିଲେ । ଏହି କ୍ରମରେ ଆଜି ମନ୍ତ୍ରୀ ଶ୍ରୀ ବେହେରା ସୁନ୍ଦରଗଡ଼ ଜିଲ୍ଲାର ବିସ୍ରା ବ୍ଲକ୍‌ରେ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ କାର୍ଡ ବଂଟନ କରିବା ସହ ଏହାର ଉପକାରିତା ବିଷୟରେ ବୁଝାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏହି କଲ୍ୟାଣକାରୀ ଯୋଜନା ଫଳରେ ସାଧାରଣ ଗରିବ ଲୋକଟିକୁ ଆଉ ଚିକିତ୍ସା ପାଇଁ ଜମିବାଡ଼ି ବିକ୍ରି କରିବାକୁ ପଡ଼ିବ ନାହିଁ । ବିନା କୌଣସି ଅସୁବିଧାରେ ଏହି କାର୍ଡ ଜରିଆରେ ଦେଶର ୨୦୦ ବଡ଼ ବଡ଼ ହସ୍‌ପିଟାଲ୍‌ରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ବେହେରା ହିତାଧିକାରୀଙ୍କୁ ବୁଝାଇଥିଲେ। ମନ୍ତ୍ରୀ ଶ୍ରୀ ବେହେରା ଆସନ୍ତାକାଲି ମଧ୍ୟ ବିସ୍ରା ବ୍ଲକ୍ ର ବିଭିନ୍ନ ଗ୍ରାମପଂଚାୟତ ଗସ୍ତ କରି ହିତାଧିକାରୀଙ୍କୁ ଏହି କାର୍ଡ ବଂଟନ କରିବେ ।

# ସେପଟେମ୍ବରରେ ସ୍ୱାଭାବିକ ଠାରୁ ୯୮% ଅଧିକ ବର୍ଷା

ଭୁବନେଶ୍ୱର,୧୫/୯ (ନି.ପ୍ର): ସେପଟେମ୍ବର ବର୍ଷା ଚଳିତ ବର୍ଷ ରେକର୍ଡ କରିଛି। କେବଳ ସେପଟେମ୍ବରର ପ୍ରଥମ ୧୪ ଦିନରେ ରାଜ୍ୟରେ ସ୍ୱାଭାବିକଠାରୁ ୯୮% ଅଧିକ ବର୍ଷା ରେକର୍ଡ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ମୁତାବକ ସେପଟେମ୍ବର ୧ରୁ ୧୪ ତାରିଖ ମଧ୍ୟରେ ରାଜ୍ୟରେ ସର୍ବମୋଟ୍ ୨୫୦.୪ ମିମି ବର୍ଷା ହୋଇଯାଇଛି। ସ୍ୱାଭାବିକ ଭାବେ ସେପଟେମ୍ବର ୧ରୁ ୩୦ ତାରିଖ ମଧ୍ୟରେ ରାଜ୍ୟରେ ୨୨୬ ମିମି ବର୍ଷା ହୋଇଥାଏ। ଅର୍ଥାତ ଏବେ ସୁଦ୍ଧା ରାଜ୍ୟରେ ସେପଟେମ୍ବର ବର୍ଷା ୯୮% ଅଧିକ ରହିଛି। ଏପରିକି ସେପଟେମ୍ବରରେ ସମୁଦାୟ ବର୍ଷାର ମଧ୍ୟ ୧୦% ଅଧିକ ବର୍ଷା ବର୍ତ୍ତମାନ ସୁଦ୍ଧା ହୋଇସାରିଛି। ୧୩ ଓ ୧୪ ତାରିଖରେ ଅର୍ଥାତ ଗତ ୪୮ ଘଣ୍ଟାରେ ରାଜ୍ୟରେ ହାରାହାରି ୧୩୫.୬ ମିମି ବର୍ଷା ହୋଇଛି। ଅର୍ଥାତ ସେପଟେମ୍ବର ବର୍ଷାର ୬୦% ବର୍ଷା କେବଳ ଏହି ଦୁଇ ଦିନରେ ହୋଇଯାଇଛି। ରାଜ୍ୟରେ ଗତ ୩ ମାସ ହେଲା ଲଗାତାର ନିଅଣ୍ଟିଆ ବର୍ଷା ଜାରି ରହିଥିବା ବେଳେ ଗତ ଦୁଇ ଦିନର ଲଘୁଚାପଜନିତ ବର୍ଷା ଏହାକୁ ଭରଣା କରିବାରେ ଲାଗିଛି। ଏପରିକି ଅଗଷ୍ଟ ୩୧ ସୁଦ୍ଧା ରାଜ୍ୟରେ ୨୯% ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଥିବା ବେଳେ ମାତ୍ର ୧୪ ଦିନରେ ୧୫% ନିଅଣ୍ଟିଆ ବର୍ଷା ଭରଣା ହୋଇଯାଇଛି। ରାଜ୍ୟରେ ଏବେ ମାତ୍ର ୧୪% ଅଭାବୀ ବର୍ଷା ସ୍ଥିତି ରହିଥିବା ବେଳେ ୧୦ ଜିଲ୍ଲାରେ ଅଭାବୀ ବର୍ଷା ରେକର୍ଡ ହୋଇଛି।

# ପଶ୍ଚିମବଂଗର ଉଦ୍‌ବୃତ୍ତ ବର୍ଷାପାଣି : ଜଳେଶ୍ୱର-ଭୋଗରାଇ ବେହାଲ

ଜଳେଶ୍ୱର, ୧୫/୯(ନି.ପ୍ର) : ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଜନୀତ ବର୍ଷା ଓ ପଶ୍ଚିମବଂଗର ଉଦ୍‌ବୃତ୍ତ ବର୍ଷାପାଣି ଯୋଗୁଁ ଜଳେଶ୍ୱର ଭୋଗରାଇର ବିସ୍ତିର୍ଣ୍ଣ ଅଂଚଳ ଜଳମଗ୍ନ ହେବାରୁ ଯାତାୟାତ ଏକପ୍ରକାର ଠପ୍ ହୋଇ ଯାଇଛି । ହଜାର ହଜାର ଜମି ଚାଷ ଜମି ଉପରେ ୪/୫ଫୁଟ ଉଚ୍ଚର ବର୍ଷାପାଣି ଲହଡି ଭାଂଗୁଛି । ଏହି ଉଦ୍‌ବର୍ଷାପାଣି ନିଷ୍କାସନ ହେବା ପଥ ସଂକୁଚିତ ହେବାରୁ ଏବଂ ନଦୀରେ ବନ୍ୟା ଥିବାରୁ ଦୀର୍ଘଦିନ ଜଳନିଷ୍କାସନ ହୋଇପାରେ ନାହିଁ ଫଳରେ ଏହି ବିସ୍ତିର୍ଣ୍ଣ ଅଂଚଳରେ ଧାନ ଧ ପରିବାଚାଷ ନଷ୍ଟ ହେବାର ଆଶଙ୍କା ଦେଖା ଦେଇଛି । ଲଘୁଚାପ ଜନୀତ ବର୍ଷାଯୋଗୁଁ ଗତ ୩ ଦିନରେ ୨୦୩ ମିମି. ବର୍ଷା ହୋଇଥିବା ବେଳେ ଗତ ସୋମବାର ଠାରୁ ଆଜି ସକା ୮ଟା ଯାଏ ୧୬୦ ମିମି ବର୍ଷା ହୋଇଥିବାର ରେକଡ କରାଯାଇଛି । ପୁଣି ଦିନ ତମାମ ଟୁହାକୁଟୁଆ ବର୍ଷା ଲାଗି ରହିଛି । ଆଜି ବର୍ଷା ଲାଗି ରହିଥିବାଯୋଗୁଁ ପଶ୍ଚିମବଂଗର ପୂର୍ବ ଓ ପଶ୍ଚିମମେଦିନପୁର ଜିଲାର ଝଲଝଲି-ନାମ୍ପୋ ଖାଳ, ନହରା ଖାଳ, ରେଳ ଲାଇନ୍‌ର ନୟନଯୋରି, ଗୋପ ନାଳ, ଗହିରାଖାଳ, ରଜାବନ୍ଧ, ମିନାରଖା, କପାସିଆ ନାଳ, ଟୋପି ନାଳ, ଚିତେଇ ନାଳ ଓ ଭୁଆବନ୍ଧ କଡେକଡେ ଥିବା ନାଳ ଦ୍ୱାରା ବର୍ଷାପାଣି ଉପାନ୍ତ ଜଳେଶ୍ୱର ଭୋଗରାଇକୁ ମାଡିଆସୁଛି । ସେ ଅଂଚଳର ବର୍ଷାପାଣି ସହିତ ଜଳେଶ୍ୱର ଭୋଗରାଇର ବର୍ଷାପାଣି ଯୋଗୁଁ ଜଳେଶ୍ୱରର ସୁଗୋ, ନେତୁଆ, ସମ୍ପଡିଆ, ନାମ୍ପୋ, ଖାଲିନା, ବାଇଗଣବାଡିଆ, ଆରୁହା, ଗୋପିମୋହନପୁର, ଗୋବରଘଟା, ନଛିମପୁର, ସର୍ଦ୍ଦାରବନ୍ଧ, ଜଳେଶ୍ୱର ପୌରପାଳିକା, ଭୋଗରାଇର ନହରା, ବାଲିମ, ଦାରୁହା, ବାଉଁଶଡିହା, ମହାଗବ, ଦହୁଣଦା, ଗବଗା, କୁଶୁଡା, ପୁଟିଣା, ନାଚିନ୍ଦା, ଆରୁହାବୃତ୍ତି, ବାରବାଟିଆ, ଅନଳିଆ, ଦେହୁର୍ଦ୍ଦା, ଜୟରାମପୁର, ଭୋଗରାଇ, ରସଲପୁର ଇତ୍ୟାଦି ପଂଚାୟତର ସମସ୍ତ ଚାଷଜମିକୁ ବୁଡାଇ ଦେଇଛି । ଏବେ ଧାନଜମିରେ ୪/୫ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି ଓ କ୍ରମଶ ବଢିବାରେ ଲାଗିଛି । ପ୍ରକାଶଯୋଗୁଁ ଏ ୨ଟି ବ୍ଲକର ବର୍ଷାପାଣି ୩୦ଟି ଖାଳ ଓ ନାଳ ଦ୍ୱାରା ସୁବର୍ଣ୍ଣରେଖା ନଦୀରେ ପଡିଥାଏ ଫଳରେ ଜଳନିଷ୍କାସନ ହୋଇଥାଏ । କିନ୍ତୁ ଏବେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଦେଖା ଦେଇଥିବାରୁ ଜଳନିଷ୍କାସନ ନାହିଁ କହିଲେ ଚଳେ । ସମୁଦ୍ରକୁ ସମାନ୍ତର କରି ବନ୍ୟାପ୍ରତିରୋଧକ ଭୁ ଆବନ୍ଧ ନିର୍ମାଣ ହୋଇଥିବାରୁ ବର୍ଷା ଓ ବନ୍ୟାପାଣି ଭୋଗରାଇର ନସ୍ରାବାଦ ଠାରୁ ଭୋଗରାଇ ଲକ୍ ଯାଏ ପ୍ରାୟ ୧୨ କି.ମି. ସ୍ଥାନ ଦେଇ ସବୁଦ୍ରକୁ ଗଡିଯାଇପାରେ ନାହିଁ । ତେଣୁ ଏ ସମସ୍ତ ବର୍ଷାପାଣି ଭୋଗରାଇର ଗୁଆଶୋଳ ଦେଇ ନଦୀକୁ ପ୍ରବାହିତ ହୋଇଥାଏ । ଏପରି ଆବାହମାନ କାଳରୁ ଚଳି ଆସୁଥିବାରୁ ଅଦ୍ୟାବଧି ସିଧାସଳଖ ଜଳନିଷ୍କାସନର କୌଣସି ପନ୍ଥା ହୋଇପାରିନାହିଁ । ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ହୋଇଥିଲେ ଅଲାଲବିନ୍ଧାରୁ ଏକ କଂକ୍ରିଟ ନିର୍ମିତ କେନାଲ ସମୁଦ୍ର ପର୍ଯ୍ୟନ୍ତ ହୋଇଥାନ୍ତି ଓ ବର୍ଷଜଳ ନିଷ୍କାସନର ବାଟ ଫିଟି ପାରନ୍ତା । ଏବେ ସମୁଦ୍ର ଜୁଆରୀ ରହୁଥିବାରୁ ଜଳ ନିଷ୍କାସନରେ ବଳମ୍ବ ହେବା ସ୍ୱାଭାବିକ । ଫଳରେ ଖରିଫ ଧାନ ଚାଷର ବ୍ୟାପକ କ୍ଷତି ହେବାର ସମ୍ଭାବନ ରହିଛି । ବିଶେଷକରି ଧୈୟା ଅଂଚଳର ୫୯ଟି ର ଅବସ୍ଥିତ ସୋରଚନୀୟ ହୋଇ ପଡିଛି । ଏହି ଉଦ୍‌ବୃତ୍ତ ବର୍ଷାପାଣି ଯୋଗୁଁ ସାହାପୁର-ଡେମୁରିଆ, ସୁଗୋ-କମାରଶାଳିଆ, ବାଲିମ-ନହରା, କମର୍ଦ୍ଦା-ଭୋଗରାଇଲକ୍, କମର୍ଦ୍ଦା-ବାଲିଆପାଳ, ଦୁବସାହି-ବେଣୁଦା, ଦୁବସାହି-ଭୁଆବନ୍ଧ, ଦାରୁହା-ଗବଗାଁ, ଜଳେଶ୍ୱର ପଶ୍ଚିମବାର୍ଡ, ପଶ୍ଚିମବାର୍ଡ-ଉଲୁଡା, ନାମ୍ପୋ-ଖୁଲୁଡା, ସରସୀଦା-ପାଇକସିଦା, ଜଳେଶ୍ୱର-ଜମାଲପୁର, ଆମ୍ବଳିଅଠା-ଦେଉଳା ପ୍ରଭୃତି ବହୁ କଂକ୍ରିଟ ରୋଡ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ପାଣିରେ ବୁଡି ରହିଛି । ଫଳରେ କୌଣସି ଯାନ ଯାତାୟାତ କରିବା ସମ୍ଭବ ହୋଇ ନାହିଁ । ଗ୍ରାମାଂଚଳରେ ବିଭିନ୍ନ ଗାଁରେ ବର୍ଷାପାଣି ପଶିବାରୁ ବହୁ ପରିବାର ରନ୍ଧାବଢା କରିନପାରି ହଇରାଣ, ହରକତ ହେଉଛନ୍ତି । ଅଦ୍ୟାବଧି କୌଣସି ସ୍ଥାନରେ ଶୁଖିଲା କିମ୍ବା ରନ୍ଧା ଖାଦ୍ୟ ଦିଆଯାଇନଥିବା କୁହାଯାଇଛି । ଅନ୍ୟପକ୍ଷରେ ଗତ ୟାସ୍ ବାତ୍ୟାବେଳେ ସରପଂଚମାନେ ସେମାନଙ୍କ ଅଂଚଳରେ ଦେଇଥିବା ଖାଦ୍ୟ ବାବଦ ଅନୁଦାନ ପାଇନଥିବାରୁ ଏବେ ଖାଦ୍ୟ ଦେବାକୁ ଅମଙ୍ଗ ହୋଇଛନ୍ତି । ବହୁ ଗାଁରେ ନଡାଛପର, ଟାଇଲ ଛପର, ଆଜବେଷ୍ଟ ଘର ଭୁଷୁଡି ପଡିଥିବା ଜଣାଯାଇଛି । ଏ ସବୁ ସମ୍ପର୍କରେ ସର୍ଭେ କରାଯାଇ କ୍ଷୟକ୍ଷତି ଆକଳନ କରିବାକୁ ଦାବି ହୋଇଛି ।

## ସୁବର୍ଣ୍ଣରେଖାରେ ମୂର୍ତ୍ତି ବିସର୍ଜନ ବେଳେ ନିଖୋଜ ଛାତ୍ରର ଶବ ଉଦ୍ଧାର

ଜଳେଶ୍ୱର, ୧୫/୯(ନି.ପ୍ର) : ଗତକିଛିଦିନ ତଳେ ସୁବର୍ଣ୍ଣରେଖା ନଦୀର ରାଜଘାଟ ବାରୁଣୀପଡିଆ ନିକଟରେ କେତେକ ଛାତ୍ର ଗଣେଶମୂର୍ତ୍ତି ବିସର୍ଜନ କରିବାକୁ ଆସିଥିବା ବେଳେ ଜଣେ ଛାତ୍ର ନିଖୋଜ ଥିଲେ । ଜଳେଶ୍ୱର ଓ ବସ୍ତା ଦମକାଳବାହିନୀ ଖୋଜାଖୋଜି କରି କିଛି ପାଇନଥିଲେ । ନିଖୋଜ ଛାତ୍ର ଗୁରୁପ୍ରସାଦ ସାମଲ ସନ୍ତୋଷପୁର ପଂଚାୟତର ରାମଚନ୍ଦ୍ରପୁର ଗାଁ ରାମହରି ସାମଲଙ୍କ ପୁଅ ଥିଲେ । ଆଜି ସୁବର୍ଣ୍ଣରେଖା ନଦୀର କୁଦମାନ ସିଂ (ପାଲିଆ) ଠାରେ ଗୁରୁପ୍ରସାଦର ଶବ ଭାସୁଥିବାର ଲୋକେ ଦେଖି ଖବର ଦେଇଥିଲେ । ବାଳକକୁ ଖୋଜିବାଲାଗି ଏନ୍‌ଡିଆର୍‌ଏଫର ଏକ ଦଳ ସୁବର୍ଣ୍ଣରେଖା ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ : ୧୬ ଗିରଫ

ଭୁବନେଶ୍ୱର,୧୫/୦୯ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୬ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୭୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୦,୯୧,୭୫୦ଟଙ୍କା । ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## 'ସ୍ୱାଧୀନତାର ଅମୃତ ମହୋତ୍ସବ'ଉପଲକ୍ଷେ ଦେଶାତ୍ମବୋଧକ କବିତା ପାଠ



ବାଲେଶ୍ୱର,୧୫/୦୯ (ନି.ପ୍ର): 'ସ୍ୱାଧୀନତାର ଅମୃତ ମହୋତ୍ସବ' ଉପଲକ୍ଷେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବାଲେଶ୍ୱରରେ ଦେଶାତ୍ମବୋଧକ କବିତା ପାଠ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସଦଭାବଦା ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମକୁ ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ.ସୁରେଶ ଚନ୍ଦ୍ର ଦଳେଇ ଉଦଘାଟନ କରିଥିଲେ। ଭାଷା ସାହିତ୍ୟର ଅନ୍ୟତମ ଅଙ୍ଗ ଭାବେ କବିତା ସବୁବେଳେ ପାଠକଙ୍କ ଆଦୃତ ଲାଭ କରିଆସିଛି ବୋଲି ସେ କହିଥିଲେ। ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଂଜନ କୁମାର ଦାସ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଷା ସାହିତ୍ୟ ସମୃଦ୍ଧିରେ କବିତାର ବୈଶିଷ୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାରସ୍ୱତ ସାଧନା କ୍ଷେତ୍ରରେ ବାଲେଶ୍ୱର ମାଟିର ମହାନତା ସମ୍ପର୍କରେ ଆଲୋକପାତ କରିଥିଲେ। ଉଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ଶୁଭଶ୍ରୀ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ କବିତାପାଠ ଉତ୍ସବରେ ସହର ସମେତ ଜିଲାର ବହୁ ବିଶିଷ୍ଟ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

## ନବୋଦୟ ବିଦ୍ୟାଳୟରେ ଯୋଗଦେଲେ ନୂତନ ଅଧ୍ୟକ୍ଷ

କେନ୍ଦ୍ରାପଡ଼ା,୧୫/୦୯ (ନି.ପ୍ର): କେନ୍ଦ୍ରାପଡାର ବାରୋ ନିକଟରେ ଥିବା ଜବାହାର ନବୋଦୟ ବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଡ଼ଃ ପ୍ରତିମା ମିଶ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପୂର୍ବରୁ ଶ୍ରୀମତୀ ମିଶ୍ର ଢେଙ୍କାନାଳ ନବୋଦୟ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ କେନ୍ଦ୍ରାପଡାକୁ ବଦଳି କରାଯାଇଛି । କର୍ମଚାରୀ ମାନଙ୍କ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇ ଥିଲା ।

## ମଧୁବାବୁ ଭତ୍ତା ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ବିଧାୟକ



ଭଦ୍ରକ,୧୫/୦୯(ନି.ପ୍ର): ଭଦ୍ରକ ବ୍ଲକ ଆନୁକୂଲ୍ୟରେ ମଧୁବାବୁ ଭତ୍ତା ଯୋଜନାରେ ଆଜି ଟାଉନ୍‌ହଲ ଠାରେ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସଂଜୀବ କମାର ମଲ୍ଲିକ ଯୋଗଦେଇ ଓଡ଼ିଶା ସରକାରଙ୍କର ଏହା ଏକ ଜନକଲ୍ୟାଣକାରୀ ଯୋଜନା ବୋଲି ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିବା ସହ ଭତ୍ତା ବଣ୍ଟନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ, ବ୍ଲକ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନା ମଞ୍ଜରୀ ରାଉତ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ମଳୟ କୁମାର ଜେନା ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଭତ୍ତା ବାଣ୍ଟିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଗୀତାରାଣୀ ମହାପାତ୍ର ଏହି କାର୍ଯ୍ୟକ୍ରମ ସଂଯୋଜନାରେ ଆନୁଷଙ୍ଗିକ ସହଯୋଗ କରିଥିଲେ। ପ୍ରକାଶ ଯୋଗ୍ୟ କି ଆଜି ଏହି ଯୋଜନାରେ ସମୁଦାୟ ୧୦୪ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ସେଥି ମଧ୍ୟରେ ୧୦୧ ଜଣଙ୍କୁ ବିଧବା ଭତ୍ତା, ୧ ଜଣ ତୃତୀୟ ଲିଙ୍ଗ, ୧ ଜଣ ଦିବ୍ୟାଙ୍ଗ ଓ ୧ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା । ୪ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ୟୁନିକ ଡ଼ିଜାବିଲିଟି ସ୍ମାର୍ଟକାର୍ଡ଼ ମଧ୍ୟ ବଣ୍ଟନ କରାଯାଇଥିଲା । ଯାହା ଏଟିଏମ୍ କାର୍ଡ଼ ଭଳି ସବୁଦିନ ପାଇଁ ସ୍ଥାୟୀ ଦିବ୍ୟାଙ୍ଗ ପ୍ରମାଣପତ୍ର ଭାବେ କାର୍ଯ୍ୟ କରିବ । ଉଲ୍ଲେଖଯୋଗ୍ୟ କି ଏହି ଭତ୍ତା ବାବଦ ଅର୍ଥରାଶି ସମସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ହିତାଧିକାରୀମାନଙ୍କୁ ପ୍ରାପ୍ତ ହେବ ।

# ଜିଲ୍ଲାରେ ଟୁହାକୁ ଟୁହା ଲଘୁଚାପଜନିତ ବର୍ଷା ଜାରି

## ମଧୁବନ ଅଞ୍ଚଳରେ ଘରେ ପଶିଲା ପାଣି



ବାରିପଦା,୧୫/୦୯ (ନି.ପ୍ର): ଲଘୁଚାପଜନିତ ଲଗାଣ ବର୍ଷାରେ ସମଗ୍ର ମୟୁରଭଞ୍ଜ ଜିଲ୍ଲା ବେହାଲ ହୋଇଛି । ଲଘୁଚାପ ଜନିତ ବର୍ଷା କାରଣରୁ ଜିଲ୍ଲାର ସମସ୍ତ ଜଳଭଣ୍ଡାର ଗୁଡ଼ିକରେ ଉଚ୍ଛୁଳା ପରିସ୍ଥିତି ସୃଷ୍ଟି କରିଛି । ଆଜି ପୁରା ଦିନ ପ୍ରମୁଖ ନଦୀ ବୁଢ଼ାବଳଙ୍ଗ ଜଳସ୍ତର ଧୀରେ ଧୀରେ ଫୁଲିବାରେ ଲାଗିଥିଲା । ନଦୀ ଗୁଡ଼ିକରେ ମଧ ସମାନ ସ୍ଥିତି ଲାଗିରହିଛି । ଜିଲ୍ଲାର ସବୁ ନଦୀର ଜଳସ୍ତର ଧୀରେ ଧୀରେ ବଢୁଥିବା ଜଣାପଡ଼ିଛି । ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷାର ପରିମାଣ ମଧ ବୃଦ୍ଧି ଘଟିଛି । ତେବେ ଏହା ଫଳରେ ବାରିପଦା ସହରର ମଧୁବନ ଅଞ୍ଚଳରେ ଘର ମଧ୍ୟରେ ବର୍ଷା ପାଣି ପ୍ରବେଶ କରିଛି ।ମଧୁବନ ୭ ନମ୍ବର ୱାର୍ଡ ତଳ ଅଞ୍ଚଳରେ ପାଖାପାଖି ୫୦ଗୋଟି ଘରେ ବନ୍ୟା ଜଳ ପଶିଥିବା ଦେଖାଯାଇଛି । ଦୁଇ ଦିନ ଧରି ଶିମିଳିପାଳରେ ବର୍ଷା ଯୋଗୁ ବାରିପଦା ସହର ଦେଇ ଯାଇଥିବା ବୁଢାବଳଙ୍ଗ ନଦୀର ଜଳସ୍ତର କ୍ରମଶଃ ବୃଦ୍ଧି ପାଇବା ସହିତ ଲୋକଙ୍କ ଘରେ ପାଣି ପ୍ରବେଶ କରିଛି । ଏଣୁ ଏହି ତଳିଆ ଅଞ୍ଚଳର ବାସିନ୍ଦା ମାନେ ଭୟଭୀତ ଅବସ୍ଥାରେ ରହିଥିବା ବେଳେ ସେମାନଙ୍କ ଘରର ଆସବାବପତ୍ର ଆଦିକୁ ଅନ୍ୟତ୍ର ସ୍ଥାନାନ୍ତର କରି ସୁରକ୍ଷିତ ସ୍ଥାନରେ ରଖୁଥିବା ଜଣାଯାଇଛି । ଏହି ନଦୀକୂଳିଆ ଅଞ୍ଚଳରେ ଏକ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନେଇ ଲୋକଙ୍କ ଚିନ୍ତା ବୃଦ୍ଧି ପାଇଥିବା ସହ ଜଗି ରହିଛନ୍ତି । ଅନ୍ୟପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସାରାରେ କିଛି ସ୍ଥାନ ମାନଙ୍କରେ ଲୋକମାନଙ୍କୁ ସ୍ଥାନାନ୍ତରିତ ପ୍ରକ୍ରିୟା ହୋଇଥିବା ବେଳେ ବାରିପଦାର ମଧୁବନ ଅଞ୍ଚଳରେ ପାଖାପାଖି ୨୦୦ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଛି । ଏଥି ସହିତ ସେମାନଙ୍କୁ ଶୁଖିଲା ଖାଦ୍ୟ ସହିତ ରନ୍ଧା ଖାଦ୍ୟ ମଧ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି । ବହୁ ସ୍ୱେଚ୍ଛାସେବୀ ସଂଗଠନ ରାଜନୈତିକ ଦଳରର କର୍ମକର୍ତ୍ତା ମାନେ ପ୍ରପିଡିତ ଲୋକଙ୍କୁ ସାଜାର୍ଯ୍ୟର ହାର ବଢାଉ ଥିବା ବେଳେ, ବାରିପଦାର ପୁର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ନିଜ ଟିମ ସହିତ ଦିନ ତମାମ ଲୋକଙ୍କ ସେବାରେ ଲାଗିଥିବାର ଦେଖା ଯାଇଛି । ବାରିପଦା ସହର ନିକଟରେ ବୁଢାବଳଙ୍ଗ ନଦୀ ଜଳସ୍ତର ବର୍ଷା ଯୋଗୁଁ ବୃଦ୍ଧି ପାଇବାର ଆଶଙ୍କା ଥିବା ବେଳେ କିନ୍ତୁ ରିପୋର୍ଟ ଲେଖିଲା ବେଳକୁ ନଦୀର ଜଳସ୍ତର କମୁଥିବାର ସୂଚନା ହସ୍ତଗତ ହୋଇଛି । ଅନ୍ୟପଟେ ଉପର ମୁଣ୍ଡ ତଥା ଶିମିଳିପାଳ ଅଭୟାରଣ୍ୟରେ ବର୍ଷାର ପରିମାଣ ବୃଦ୍ଧି ହେଲେ ଜିଲ୍ଲାର ନଦୀ ମାନଙ୍କର ଜଳସ୍ତର ବୃଦ୍ଧି ପାଇବ । ଏଣୁକରି ବାରିପଦା ସହର ସମେତ ସଦର ବଡସାହି ଓ ବେତନଟୀ ବ୍ଲକର ନଦୀକୂଳିଆ ଓ ତଳି ଅଞ୍ଚଳ ଗୁଡିକରେ ବନ୍ୟା ଆଶଙ୍କା ଅନୁମାନ ମଧ କରାଯାଉଛି । ଏଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ସ୍ଥିତି ଉପରେ ଦୃଷ୍ଟି ରଖାଯାଇଥିବା ବେଳେ ଓଡ୍ରାଫ ଟିମ, ଅଗ୍ନିଶମ ବିଭାଗ, ବ୍ଲକ ଅଧିକାରୀଙ୍କୁ ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ଜଳଭଣ୍ଡାର ଗୁଡ଼ିକରେ ବର୍ଷା ଜଳ ଅଧିକ ଗଚ୍ଛିତ ହେଉଥିବାରୁ ପାଣି ଛଡ଼ାଯିବା ସହ ଜଳସ୍ଥିତି ମଧ କ୍ରମଶଃ ଅନୁଧ୍ୟାନ କରାଯାଉଛି । ଉଦଳା, କପ୍ତିପଦା ଭଳି କିଛି ବ୍ଲକ୍‌ରେ ଲଗାଣ ବର୍ଷା ଏବଂ ଜଳଭଣ୍ଡାରରୁ ଛଡ଼ାଯାଇଥିବା ପାଣି ଗାଁରେ ପଶିଥିବା ଖବର ମଧ ଆସିଛି । ଜିଲ୍ଲାରେ ଏବେବି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ତେଣୁକରି ଜିଲ୍ଲା ପ୍ରଶାସନ ମଧ କୋଣସି ପ୍ରକାର ଆପଦ କାଳୀନ ସ୍ଥିତି ପ୍ରତି ନଜର ଦୃଷ୍ଟି ରଖାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଫିକି ଇଣ୍ଡିଆର 'ଲିଡ୍ସ ୨୦୨୧'ରେ....

ଦିଗରେ ଏକ ଲକ୍ଷ୍ୟଭିତିକ ଆଭିମୁଖ୍ୟ ସହିତ ଏବଂ ଏହି ସବୁ ପଦକ୍ଷେପ ଗୁଡ଼ିକୁ ଆଫ୍ରୀକୀୟ ଦେଶ ମାନଙ୍କରେ କାର୍ଯ୍ୟକାରୀ କରିପାରିବେ। ଭାରତରୁ ଆଇସିଟି ସମାଧାନ ଅଫ୍ରିକୀୟ ଦେଶ ମାନଙ୍କ ପାଇଁ କାର୍ଯ୍ୟକାରୀ କରିବା ସହଜ ଏବଂ ସୁଲଭ ମୂଲ୍ୟ ହୋଇପାରିବ। ଭାରତ ଆଫ୍ରିକୀୟ ଦେଶ ମାନଙ୍କୁ ଏହି ପୃଷ୍ଠଭୂମିରେ ନିରନ୍ତର ସାହାଯ୍ୟ କରିଆସୁଛି। ଆଫ୍ରିକୀୟ ଦେଶ ଗୁଡ଼ିକ ପାଇଁ ସାଟେଲାଇଟ୍ ସଂଯୋଗ ସ୍ଥାପନ, ଟେଲି ମେଡ଼ିସିନ୍, ଟେଲି ଶିକ୍ଷା ଭଳି କ୍ଷେତ୍ରରେ ସାହାଯ୍ୟ ଯୋଗାଇବା ପାଇଁ ପ୍ୟାନ ଆଫ୍ରିକା ଇ-ନେଟୱାର୍କ ଫାଇବର ଅପଟିକ୍ ନେଟୱାକ୍ ସ୍ଥାପନ କରିଛି। ୨୦୧୮ ସେପ୍ଟେମ୍ବର ମାସରେ ଭାରତ ସରକାର ଇ-ବିଦ୍ୟା ଭାରତୀ ଏବଂ ଇ-ଆରୋଗ୍ୟ ଭାରତୀ ନାମକ ନୂତନ ନେଟୱାର୍କ ପ୍ରକଳ୍ପ ଆରମ୍ଭ କରିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଆଫ୍ରିକା ଦେଶକୁ ଗୁରୁତ୍ୱ ଦେଉଛନ୍ତି। ଆଫ୍ରିକା ସହିତ ଭାରତ ସରକାରଙ୍କ ସମ୍ପର୍କକୁ ଏଥିରୁ ଆକଳନ କରାଯାଇପାରିବ ଯେ ଭାରତରୁ ବିଭିନ୍ନ ସ୍ତରରେ ମନ୍ତ୍ରୀ ଏବଂ ନେତୃତ୍ୱମାନେ ଗତ ୭ ବର୍ଷ ମଧ୍ୟରେ ୫୪ଟି ଦେଶ ଗସ୍ତ କରିଛନ୍ତି ଏବଂ ଆଫ୍ରିକାରେ ୧୮ଟି ନୂତନ ଦୂତାବାସ ପ୍ରତିଷ୍ଠା କରାଯାଇଛି। ଭାରତରେ ଆଫ୍ରିକୀୟ ଦେଶରୁ ୨୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୫୦୦ ସରକାରୀ ଏବଂ ବେସରକାରୀ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ୨୦୧୮ରେ ଆରମ୍ଭ ହୋଇଥିବା ଷ୍ଟଡ଼ି ଇନ୍ ଇଣ୍ଡିଆ ଯୋଜନା ମାଧ୍ୟମରେ ୨ ହଜାର ଛାତ୍ରଛାତ୍ରୀଙ୍କୁ ଛାତ୍ର ବୃତି ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି ଏବଂ ଏହାର ଅଧିକ ଲାଭ ଆଫ୍ରିକୀୟ ଦେଶର ଛାତ୍ରଛାତ୍ରୀମାନେ ଲାଭ ପାଇପାରୁଛନ୍ତି। ଭାରତ ସରକାରଙ୍କ ଦ୍ୱାରା ଆଇଟିଇସି ଅଧୀନରେ ବାର୍ଷିକ ୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରବୃତି ଏବଂ ବାର୍ଷିକ ୯୦୦ରୁ ଉର୍ଦ୍ଧ୍ୱ ଆଇସିସିଆର ଛାତ୍ରବୃତି ଆଫ୍ରିକୀୟ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଛି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଭିସି ଜରିଆରେ ଫିକିର ସଭାପତି ଉଦୟ ଶଙ୍କର, ଫିକିର ନ୍ୟାସନାଲ କମିଟି ଅନ୍ ଷ୍ଟାଟଅପ୍ସର ଅଧ୍ୟକ୍ଷ ଅଜୟ ଚୌଧୁରୀ, ଟୋଗୋର ଇକୋବ୍ୟାଙ୍କ୍ ଆଫ୍ରିକାର ଅଧ୍ୟକ୍ଷ ଆଦେ ଆୟେମି, ଟ୍ରାଇଜିନ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ତଥା ଫିକି ଆଫ୍ରିକା ପରିଷଦର ସଦସ୍ୟ ଆର୍ ଗଣପତି, ଏୟାରଟେଲ୍ ଆଫ୍ରିକାର ସିଇଓ ରଘୁନାଥ୍ ମାଣ୍ଡଭ୍, ଏସଡ଼ିଏଲର ସିଇଓ ସୁରେଶ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

## ଆଇଟିଆରରୁ ଗୁପ୍ତ ତଥ୍ୟ....

ଦେଶର ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ପ୍ରଦାନ କରୁଥିବା ଆଇବି ସନ୍ଦେହ କରିଥିଲା । ଏ ସମ୍ପର୍କରେ ପୋଲିସକୁ ଅବଗତ କରାଯିବା ସହ ଆଇବି ପକ୍ଷରୁ ଦୁଇ ଜଣିଆ ଟିମ ଆସି ବାଲେଶ୍ୱରରେ ପହଞ୍ଚିଥିଲା । ପୂର୍ବାଞ୍ଚଳ ଜୋନ ପୋଲିସ ଆଇଜିଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପୁଲିସର ୬ ଜଣ ଡିଏସପି ଓ ୬ ଥାନାର ପୁଲିସଙ୍କୁନେଇ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ ସହ ସେମାନଙ୍କୁ ଗିରଫ କରାଯାଇଥିଲା। ସୋମବାର ବିଳମ୍ବିତ ରାତିରେ ୪ଜଣଙ୍କୁ ପୁଲିସ ଉଠାଇ ଆଣିଥିଲା। ଦେଶର ସୁରକ୍ଷା, ସାର୍ବଭୌମତ୍ୱ ଓ ଆଖଣ୍ଡତା ଉପରେ ଗୁରୁତର କ୍ଷତି ପହଞ୍ଚାଇବା ଅଭିଯୋଗରେ ଚାରି ଜଣ ଅଭିଯୁକ୍ତ ଗିରଫ ହୋଇଥିବା ପୂର୍ବାଞ୍ଚଳ ଆଇଜି ସ୍ପଷ୍ଟ କରିଛନ୍ତି । ବିଦେଶୀ ଗୁପ୍ତଚର ସଂସ୍ଥା ମହିଳା ଏଜେଣ୍ଟମାନେ ଅଭିଯୁକ୍ତମାନଙ୍କୁ ହନିଟ୍ରାପରେ ଫସାଇ ଗୁପ୍ତତଥ୍ୟ ହାସ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଏନେଇ ବିଦେଶୀ ରାଷ୍ଟ୍ରରୁ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ବେଶ ମୋଟ ଅଙ୍କର ଅର୍ଥ ନିୟମିତ ଆସୁଥିଲା ବୋଲି କୁହାଯାଉଛି।

## ବଙ୍ଗୋପସାଗରରେ ଆଉ ଏକ....

ଅଧିକ ଗେଟ୍ ମଧ ଖୋଲାଯାଇପାରେ । ତେବେ ମହାନଦୀରେ ବଡ ଧରଣର ବନ୍ୟା ଆସିବ ନାହିଁ, ନିମ୍ନ-ମଧ୍ୟମ ଧରଣର ବନ୍ୟା ଆସିପାରେ ବୋଲି କହିଛନ୍ତି ଏସଆରସି ପ୍ରଦୀପ ଜେନା । ଅନ୍ୟପଟେ ମହାନଦୀରେ ଜଳସ୍ତର ବଢ଼ିବା ପରେ ବିଭିନ୍ନ ଶାଖା ନଦୀର ଜଳସ୍ତର ବୃଦ୍ଧି ପାଉଛି । ଜଳସ୍ତର ବଢୁଥିବାରୁ ସଜାଗ ହୋଇଛି ଜଳସମ୍ପଦ ବିଭାଗ । ଏପଟେ ଆଗାମୀ ୧୭ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଚିନ୍ତାର କାରଣ ହୋଇଛି । କିନ୍ତୁ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଆଗାମୀ ଲଘୁଚାପ ପ୍ରଭାବରେ ଉତ୍ତର ଓଡିଶାରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ଅର୍ଥାତ ମହାନଦୀ ଅବବାହିକାରେ ବର୍ଷାର ପରିମାଣ କମ୍ ରହିବ ଏବଂ ବନ୍ୟା ଆଶଙ୍କା କମ୍ ରହିବ ।ସୂଚନାଯୋଗ୍ୟ ଯେ, ହୀରାକୁଦ ଜଳଭଣ୍ଡାରର ଗେଟ୍ ଖୋଲିବାର ୩୬ ଘଣ୍ଟା ପରେ ମୁଣ୍ଡୁଳିରେ ସେହି ବନ୍ୟା ଜଳ ପ୍ରବାହିତ ହୁଏ । ଏବେ ହୀରାକୁଦର ୧୮ଟି ଗେଟ୍ ଖୋଲାଅଛି ଏବଂ ଆବଶ୍ୟକ ପଡିଲେ ଅଧିକ ଗେଟ୍ ମଧ ଖୋଲିପାରେ ।

## ଋଷର ସ୍ପୁଟନିକ୍ ଲାଇଟ୍‌ର ....

ଲାବୋରାଟୋରିଜ୍ ଋଷ ଡାଇରେକ୍ଟ ଇନଭେଷ୍ଟମେଣ୍ଟ ଫଣ୍ଡ ସହ ଚୁକ୍ତି କରିଥିଲା । କିନ୍ତୁ ଋଷରେ ସିଙ୍ଗଲ ଡୋଜର ପରୀକ୍ଷଣ ଓ ବ୍ୟବହାର କେତେ ସଫଳ ହୋଇଛି ସେନେଇ ଏକ ରିପୋର୍ଟ ମଗାଇବାକୁ ଏସଇସି ଡକ୍ଟର ରେଡ୍ଡି ଲାବୋରାଟୋରୀଜ୍ ମୁଖ୍ୟଙ୍କୁ କହିଥିଲା । ଏହା ଆଧାରରେ ଭାରତରେ ଏହାର ପରୀକ୍ଷଣ ଓ ବ୍ୟବହାର ଉପରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଥିଲା । ନିକଟରେ ଲ୍ୟାନସେଟର ଏକ ସର୍ଭେ ରିପୋର୍ଟ ମୁତାବକ, ଋଷର ସିଙ୍ଗଲ ଡୋଜ୍ ଟିକାରେ କରୋନା ବିରୋଧରେ ୭୮ରୁ ୮୪ ପ୍ରତିଶତ ପ୍ରତିଶେଧକ ଶକ୍ତି ରହିଛି, ଯାହା ଡବଲ ଡୋଜ୍ ଟିକାଠାରୁ ଯଥେଷ୍ଟ ଅଧିକ ବୋଲି ଜଣାପଡିଛି ।

## ଏବର୍ଷ ଦୀପାବଳିରେ ବି ଫୁଟିବନି....

ପକ୍ଷରୁ କୁହାଯାଇଥିଲା । ଏନଜିଟି ପକ୍ଷରୁ କୁହାଯାଇଛି ଯେ, ଯେଉଁଠି ବାୟୁର ଗୁଣବତ୍ତା ଅତ୍ୟନ୍ତ ଖରାପ ରହିଛି ସେଠାରେ ବାଣ ଫୁଟାଇବା ଓ ବିକ୍ରି ଉପରେ ବ୍ୟାନ୍ ରହିବ ।ସେହିଭଳି ଯେଉଁ ଅଞ୍ଚଳରେ ବାୟୁର ଗୁଣବତ୍ତା ଭଲ ରହିଛି ସେଠାରେ ବାଣ ଫୁଟାଇବାକୁ ଅନୁମତି ଦିଆଯାଇପାରିବ । ତେଣୁ ଏନଜିଟି ପକ୍ଷରୁ ଯେଉଁ କଟକଣା ଲଗାଯାଇଛି ତାହା ବିରୋଧରେ ଦାଖଲ ହୋଇଥିବା ପିଟିସନକୁ ଖାରଜ କରିଛନ୍ତି ସୁପ୍ରିମକୋର୍ଟ ।

# ଡେଲିଭରିବୟ ନିକଟରୁ ପାର୍ସଲ ଛଡାଇ ନେଇଥିବା ନେଇ ଥାନାରେ ଅଭିଯୋଗ

ବାଲିଆପାଳ,୧୫/୦୯ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ବାସୁଦେବ ଗ୍ରାମର ଜନୈକ ଯୁବକ ଜଣେ ଡେଲିଭରି ବୟ ପାଖରୁ ପାର୍ସଲନେଇ ଟଙ୍କା ନଦେଇ ପଳାଇଯାଇଥିବା ନେଇ ବାଲିଆପାଳ ଥାନାରେ ଅଭିଯୋଗ ହୋଇଛି ।ଅଭିଯୋଗ ମୂତାବକ ବସ୍ତା ଏକ୍ସେପ୍ରେସ କୋରିୟରରେ ଡେଲିଭରିବୟ ଭାବରେ କାର୍ଯ୍ୟକରୁଥିବା ବିଜୟ କୁମାର ବେହେରା ବାଲିଆପାଳ ଥାନା ବାସୁଦେବପୁର ଗ୍ରାମର ପ୍ରିୟରଞ୍ଜନ ଦାସଙ୍କ ନାମରେ ୧୪୧୯୯ ଟଙ୍କାର ଏକ ପାର୍ସଲ ଦେବାକୁ ଆସିଥିଲେ । ତେବେ ପାର୍ସଲ ଦେବା ସମୟରେ ପ୍ରିୟରଞ୍ଜନ ପାର୍ସଲଟିକୁ ଛଡାଇ ନେଇ ପାର୍ସଲ ମୂଲ୍ୟ ନଦେଇ ପଳାଇଯାଇଥିଲେ ।ପାର୍ସଲ ମୂଲ୍ୟ ମାଗିବାରୁ ସାଙ୍ଗରେ କିଛି ଯୁବକଙ୍କୁ ଆଣି ଧମକଚମକ ଦେଇଥିଲେ । ଶେଷରେ ବାଧ୍ୟହୋଇ ପାର୍ସଲବୟ ବିଜୟ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇ ଆଇ ପର୍ଶୁରାମ ସାହୁ କହିଛନ୍ତି ।

# ଚୋରା ବେପାରୀଙ୍କୁ ଗିରଫ ଓ ତାଙ୍କଠାରୁ ମାଲ ଜବତ

ବସ୍ତା,୧୫/୦୯ (ନି.ପ୍ର): ଆଜି ବସ୍ତା ଓ ସିଂଲା ପୋଲିସ କୁ ବଡ଼ ସଫଳତା ମିଳିଛି। ସିଂଲା ଓ ବସ୍ତା ପୋଲିସ ଉଭୟ ମିଶି ଦୁଇ ଜଣ ବ୍ରାଉନ ସୁଗାର ଓ ଗଞ୍ଜେଇବେପାରୀ ଙ୍କୁ ଗିରଫ କରିଛି ପୋଲିସ। ଗତ କାଲି ଗିଲାଯୋଡ଼ି ଠାରେ ଚନ୍ଦ୍ରମୋହନ ଜେନା ଙ୍କ ଘରେ ଅଚାନକ ସିଂଲା ପୋଲିସ ଚଢ଼ାଉ କରିଥିଲା । ପୋଲିସ କୁ ଦେଖି ଚନ୍ଦ୍ରମୋହନ ହାତରେ ଏକ ବ୍ୟାଗ୍ ଧରି ଖସିଯାଉଥିଲା ଚାଷ ବିଲ ଭିତରେ ଦୌଡ଼ି ଥିଲା । ମାତ୍ର ପୋଲିସ ମଧ ଗୋଡ଼ାଇ ଗୋଡ଼ାଇ ତାକୁ କାବୁ କରିଥିଲା । ପରେ ଚନ୍ଦ୍ରଙ୍କ ନିକଟରୁ ଗଞ୍ଜେଇ ଓ ବ୍ରାଉନ ସୁଗାର ଜବତ କରିଥିଲା ସିଂଲା ପୋଲିସ। ଚନ୍ଦ୍ର ଙ୍କ ଘର ବସ୍ତା ଥାନା କୁଡିଆ ଗ୍ରାମରେ ହୋଇଥିବା ବେଳେ ସେ ସିଂଲା ଥାନ ଗିଲାଯୋଡି ରେ ରହିଆଶୁଥିଲେ। ସେଠାରେ ସେ ଦୀର୍ଘଦିନ ଧରି ଦେଶୀ , ବିଦେଶୀ ମଦ ସହିତ, ଗଞ୍ଜେଇ ବେପାର କରୁଥିବା ନେଇ ପୂର୍ବରୁ ବହୁବାର ଅଭିଯୋଗ ହୋଇଆସୁଥିଲା। ଗିଲାଯୁଡ଼ି ଗ୍ରାମଟି ଉପାନ୍ତ ଅଞ୍ଚଳରେ ହୋଇଥିବା ଓ ଗ୍ରାମକୁ ଗୋଟାଏ ରାସ୍ତା ଥିବା ବେଳେ ବିଭିନ୍ନ ସମୟ ର ଚଢ଼ାଉ ବେଳେ ପୋଲିକ କୁ ଚକମା ଦେଖାଇ ଖସିଯିବାକୁ ସକ୍ଷମ ହେଉଥିଲା ଚନ୍ଦ୍ର । ମାତ୍ର ଗତକାଲି ର ଚଢ଼ାଉ ବେଳେ ପୋଲିସ ଚନ୍ଦ୍ର ନିକଟରୁ ଦୁଇ କିଲ ପାଞ୍ଚ ଶହ ଗଞ୍ଜେଇ ସହିତ ୮୩ ଗ୍ରାମ ବ୍ରାଉନ ସୁଗର ଜବତ କରିଛି ପୋଲିସ। ଆଜି ସିଂଲା ଥାନା କେସ ନ ୧୭୦/୨୧ ରେ ମାମଲା ରୁଜୁ କରି ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଅନୁରୂପ ଭାବେ ବସ୍ତା ଥାନା ଛାନୁଆ ଗ୍ରାମରେ ପୋଲିସ ଗତକାଲି ରାତିରେ ଛାପ ମାରିଥିଲା। ଏହି ଗ୍ରାମର ଜଣେ ମହିଳା ଙ୍କ ଘରେ ବ୍ରାଉନ ସୁଗର ବେପାର ର ଆସର ଚାଲିଥିବା ପୋଲିସ କୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ବସ୍ତା ପୋଲିସ ଗତ କାଲି ରାତିରେ ସଂପୃକ୍ତ ମହିଳାଙ୍କ ଘରେ ଛାପ ମାରିଥିଲା । ବିଜୟ ଲକ୍ଷ୍ମୀ ପାତ୍ର ନାମକ ମହିଳା ଙ୍କ ଘରୁ ୫୦ ଗ୍ରାମ ବ୍ରାଉନ ସୁଗର ଜବତ କହିବା ସହିତ ତାଙ୍କୁ ଉଠାଇ ଥାନାକୁ ଆଣିଥିଲା ପୋଲିସ। ଆଜି ଏହି ଘଟଣାରେ ଉଭୟ ସିଂଲା ଓ ବସ୍ତା ଥାନାକୁ ଏସ ପି ଶୁଭ୍ରାଂଶୁ ଶେଖର ମିଶ୍ର ଆସି ଘଟଣାର ତଦନ୍ତ କରି ଆଉ କେଉଁ ମାନେ ଏଥିରେ ସଂପୃକ୍ତ ଅଛନ୍ତି ତାହାର ଖିଅ ଖୋଜିବାକୁ କହିଥିଲେ। ଆଜି ଅଟକ ମହିଳା ଶ୍ରୀମତୀ ପତ୍ର ଙ୍କୁ କେଶ ନ ୨୭୩/୨୧ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଛି ପୋଲିସ।

# ବଜେପିର ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଭଦ୍ରକ,୧୫/୦୯(ନି.ପ୍ର): ଭଦ୍ରକ ଜିଲ୍ଲା ବିଜେପିକୁ ଅଧିକରୁ ଅଧିକ ସକ୍ରିୟ କରି ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଭାଗବତ କଲ୍ୟାଣ ମଣ୍ଡପଠାରେ ଭଦ୍ରକ ଜିଲ୍ଲା ସ୍ତରୀୟ ବିଜେପିର ପରିବର୍ଦ୍ଧିତ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ସମ୍ମିଳନୀ ଭଦ୍ରକ ଜିଲ୍ଲା ବିଜେପି ସଭାପତି ହେମନ୍ତ କୁମାର ପାଢୀଙ୍କ ସଭାପତିତ୍ୱରେ ହୋଇଥିଲା। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ଭଦ୍ରକ ଜିଲ୍ଲା ପ୍ରଭାରୀ କାଳନ୍ଦୀ ସାମଲ, ରାଜ୍ୟ ବିରୋଧୀ ଦଳ ନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ, ପୂର୍ବତନ ମନ୍ତ୍ରୀ ତଥା ଚାନ୍ଦବାଲି ନେତା ମନମୋହନ ସାମଲ, ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା ଡା. ପ୍ରଦିପ କୁମାର ନାୟକ, ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା ବଦ୍ରିନାରାୟଣ ଧଳ, ବାସୁଦେବପୁର ନିର୍ବାଚନ ମଣ୍ଡଳୀ ନେତା ମାଧବାନନ୍ଦ ମଲ୍ଲିକ, ଲୋକସଭା ପ୍ରାର୍ଥୀ ତଥା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଜିଲ୍ଲା ସାଧାରଣ ମନୋରଞ୍ଜନ ମଲ୍ଲିକ, ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସଦସ୍ୟା, ଜିଲ୍ଲାର ଉପସଭାପତିଗଣ, ସାଧାରଣ ସମ୍ପାଦକ, ଜିଲ୍ଲା ଯୁବ ସଭାପତି, ସଭାନେତ୍ରୀ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ସମସ୍ତେ ତାଙ୍କର ବକ୍ତବ୍ୟରେ ବିଜେଡି ସରକାରଙ୍କ ଦୁର୍ନୀତି ଚରମ ସୀମାରେ ପହଞ୍ଚି ଯାଇଛି। ଯାହା ବରଦାସ୍ତ କରାଯାଇ ପାରିବ ନାହିଁ। ବିଜେଡି ସରକାରର ମହା ଦୁର୍ନୀତି (ରେସନ କାର୍ଡ, ପାଇଖାନା, ପ୍ରଧାନମନ୍ତ୍ରୀ ଆବସ ଯୋଜନା, ଧାନ କିଣା) ବିରୋଧରେ ବିଜେପି ଗ୍ରାମକୁ ଯିବ ଏବଂ ସେମାନଙ୍କର ମୁଖା ଖୋଲାଯିବ, ସମସ୍ତ ବିଷୟରେ ଆର.ଟି.ଆଇ. ମଗାଯିବ ବୋଲି କହିଥିଲେ। ବିଜେପିକୁ ତୃଣମୂଳ ସ୍ତରରୁ ସୁଦୃଢ କରି କିପରି ଗ୍ରାମ ପଞ୍ଚାୟତ ଦଖଲ କରିବ ସେ ବିଷୟରେ ସୂଚୀ ପ୍ରସ୍ତୁତ କରାଯାଇଥିଲା। ପ୍ରତ୍ୟେକ ବୁଥ୍‌ରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଏବଂ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମଦିନ ପାଳନ କରାଯିବାର ନିଷ୍ପତି ଗ୍ରହଣ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନା ଗୁଡ଼ିକ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ କର୍ମୀଙ୍କୁ ପରାମର୍ଶ ଦିଆ ଯାଇଥିଲା।

# ବାଲେଶ୍ୱରରେ ଇଂଜିନିୟର୍ସ ଦିବସ




ବାଲେଶ୍ୱର,୧୫/୦୯ (ନି.ପ୍ର): ବାଲେଶ୍ୱର ଇଂଜିନିୟର୍ସ ଫୋରମ ପକ୍ଷରୁ ୫୪ତମ ଇଂଜିନିୟର୍ସ ଦିବସ ତଥା ଫୋରମର ୧୯ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଓଡ଼େଶା ଭବନରେ ପାଳିତ ହୋଇଯାଇଛି। ଫୋରମର ସଭାପତି ଇଂ. ସୁରେନ୍ଦ୍ର ନାଥ ଦାସ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ନିକଟ ଅତୀତରେ ଇହଧାମ ପରିତ୍ୟାଗ କରିଥିବା ସଂଗଠନର ବରିଷ୍ଠ ଉପଦେଷ୍ଟା ସ୍ୱର୍ଗତ ଇଂ. ଧନଞ୍ଜୟ ବେହେରା ଓ ଇଂ. ଲକ୍ଷ୍ମୀକାନ୍ତ ସରକାରଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଏଥି ସହିତ ରାଷ୍ଟ୍ରର ମହାନ ବ୍ୟକ୍ତିତ୍ୱ ଭାରତରତ୍ନ ସାର ଏମ ବିଶେଶ୍ୱରାୟାଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସଂଗଠନର ଉପ-ସଭାପତି ଇଂ.ଶଶାଙ୍କ ଶେଖର ଦେ ବିଶେଶ୍ୱରାୟାଙ୍କ ଜୀବନାଦର୍ଶ ସମ୍ପର୍କରେ ସୂଚନା ଦେଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଇଂ ହେମନ୍ତ କୁମାର ଜେନା ଚଳିତ ଇଂଜିନିୟର୍ସ ଦିବସର ଜାତୀୟ ବାର୍ତ୍ତା ପାଠ କରିଥିଲେ। ଉପ-ସଭାପତି ଇଂ. ଗୌରାଙ୍ଗ ଚରଣ ସାହୁ, ବରିଷ୍ଠ ଉପଦେଷ୍ଟା ଇଂ.ବନମାଳି ନାୟକ ଓ ଇଂ.ଧରଣୀଧର ମିଶ୍ର ଏଥିରେ ଯୋଗଦେଇ ରାଷ୍ଟ୍ରର ଭିତ୍ତିଭୂମି ବିକାଶରେ ଇଂଜିନିୟରଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଗଠନର ସମ୍ପାଦକ ଇଂ.ହୃଷୀକେଶ ସାହୁ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିବା ବେଳେ ଇଂ ଶ୍ୟାମସୁନ୍ଦର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଇଂ ବିଜୟ କୁମାର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଇଂଜିନିୟର୍ସ ଦିବସ ଅବସରରେ ଫୋରମ ପକ୍ଷରୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ, ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରରେ ରକ୍ତଦାନ ଶିବିର ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଂ ଅନୀଲ କୁମାର ପଣ୍ଡା, ଇଂ ସୁକୁମାର ନାୟକ, ଇଂ ଶ୍ରୀନିବାସ ଦେ, ଇଂ ନଟବର ପ୍ରଧାନ, ଇଂ କୁମାର କାଉକ, ଇଂ ଡମ୍ବରୁଧର ବିଶୋଇ, ଇଂ ସରୋଜ କୁମାର ଚାନ୍ଦ ପ୍ରମୁଖ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ରାଜ୍ୟରେ କରୋନାରେ ଆଉ ୬ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୫/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୧୧୪ ହୋଇ ଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ୩ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି। କଟକ ଜିଲ୍ଲାରୁ ୨ ଓ ଯାଜପୁର ଜିଲ୍ଲାରୁ ଜଣେ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି।

## କଂଗ୍ରେସର ପୂର୍ବତନ ନଗର ସଭାପତିଙ୍କ ଶ୍ରାଦ୍ଧ ବାର୍ଷିକ

ନୀଳଗିରି,୧୫/୦୯ (ନି.ପ୍ର): ନୀଳଗିରି ର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ ଏବଂ ନୀଳଗିରି ଏନ.ଏ.ସି.ର କାଉନସିଲର ଭାବେ ନିର୍ବାଚିତ ହୋଇଥିବା ୰ରଘୁନାଥ ସିଂହ ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ କାହାଳିଆ ସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରାଦ୍ଧ ବାର୍ଷିକ ଉତ୍ସବ ରେ କଂଗ୍ରେସର ବହୁ ବରିଷ୍ଠ ନେତା, ବିଭିନ୍ନ ରାଜନୈତିକ ଦଳର ବିଭିନ୍ନ ନେତୃମଣ୍ଡଳୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ବିପଦ ସଙ୍କେତ ଉପରେ ଜଳକା ନଦୀ

## ବନ୍ୟା ପାଣି ରେ ଶହ ଶହ ହେକ୍ଟର ଚାଷଜମି ବୁଡିରହିଛି



ବସ୍ତା,୧୫/୦୯ (ନି.ପ୍ର): ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ଜଳକା। ଏଣୁ ବନ୍ୟା ଘେରରେ ବସ୍ତା। ଜଳକା ନଦୀର ମଥାନୀ ଠାରେ ବିପଦ ସଂକେତ ୫,୫୦ ମିଟର ଥିବା ବେଳେ ଆଜି ସନ୍ଧ୍ୟାସୁଧା ଜଳସ୍ତର ଧୀରେଧୀରେ ବଢି ୬.୬୦ ଅତିକ୍ରମ କରିଥିଲା। ଏଣୁ ବସ୍ତାରେ ବନ୍ୟା ସୃଷ୍ଟି ହୋଇଛି। ,ସୁଚନା ଅନୁଯାୟୀ ଗତ ତିନିଦିନ ଧରି ଲଘୁଚାପ ଜନିତ ଲଗଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଦେଇ ପ୍ରବାହିତ ହେଉଥିବା ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଥିଲା। ଜଳସ୍ତର ଅଧିକ ବୃଦ୍ଧିପାଇବା ଫଳରେ ବନ୍ୟା ଘେରରେ ବସ୍ତା ବ୍ଲକର ମଥାନୀ,ବାହାର୍ଦ୍ଧା, କୁଡ଼ିଆ, ଦରଡ଼ା, ଦୁଧହଂସା, ରାଉତପଡା ଓ ସଦାନନ୍ଦପୁର ପଂଚାୟତ ସହିତ ସଦର ବ୍ଲକର ରସଲପୁର ଓ ଶ୍ରୀରାମପୁର ପଂଚାୟତ । ଏହି ପଞ୍ଚାୟତର ଅନେକ ସ୍ଥାନ ଜଳମଗ୍ନ ହେବା ସହ ଏକାଧିକ ସ୍ଥାନରେ ରାସ୍ତାଘାଟ ବାହାର୍ଦ୍ଧା ମଥାନୀ ଚଟାଣ ବୁଡିଯିବା ଫଳରେ ଯାତାଆୟତ ବାଧାସୃଷ୍ଟିହୋଇଛି ୧୭ଟିଘର ଭାଙ୍ଗି ଯିବା ଖବରମିଳୁଛି। ସେହିପରି ରାଜପଥ କଟିପୋଲ ରୁ ନୂଆଗାଁ ରେଳ ଷ୍ଟେସନକୁ ଯିବାରାସ୍ତା ସମ୍ପୁର୍ଣ୍ଣ ଯାତାୟତ ଠପ ହୋଇଯାଇଛି। ଶହ ଶହ ହେକ୍ଟର ଚାଷଜମି ରେ ମଧ ବନ୍ୟାଜଳ ମାଡିଯାଇଛି। ବର୍ଷା ଲାଗିରହିଥିବାରୁ ଏକ ବଡ଼ ବନ୍ୟାର ଆଶଙ୍କା କରାଯାଉଛି।

# ୩୨ ହଜାର ଟଙ୍କା ସହିତ ୧୦୫ ଗ୍ରାମ ଧଳାଜହର ଜବତ୍ : ବୁଲେଟ ସହ ୨ ଗିରଫ



ଜଳେଶ୍ୱର, ୧୫/୯(ନି.ପ୍ର) : ଆଜି ଜଳେଶ୍ୱର ପୁଲିସ୍‌କୁ ବ୍ରାଉନ୍‌ସୁଗର ଜବତ୍ କରିବାରେ ଅନ୍ୟଏକ ସଫଳତା ମିଳିଛି । ଭୁବନେଶ୍ୱରର ୨ ଯୁବକ ଏକ ବୁଲେଟ ଯୋଗେ ଜଳେଶ୍ୱରରେ ପହଞ୍ଚି ମହମ୍ମଦନଗରପାଟଣା ଠାରେ ୧୦୫ ଗ୍ରାମ ବ୍ରାଉନ୍ ସୁଗର କିଣି ଫେରିଯିବାକୁ ବସିଥିବା ବେଳେ ପୁଲସ୍ ସେମାନଙ୍କୁ କାବୁ କରିଛି । ସେମାନଙ୍କଠାରୁ ନଗଦ ୩୨ ହଜାରର ଟଙ୍କା ଜବତ୍ କରିବା ସହ ଭୁବନେଶ୍ୱରର ହିମାଂଶୁ ଜେନା (୩୨) ଓ ବିକାଶ ଓଝା (୩୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏକ ଗୁଇନ୍ଦା ସୂତ୍ରରୁ ଖବର ପାଇ ଜଳେଶ୍ୱର ଆଇଆଇସି ପ୍ରଜ୍ଞା ମହାନ୍ତି , ଏସ୍‌ଡିପିଓ ଅଂକିତା କୁମ୍ଭାର ୨ ପ୍ଲାଟୁନ୍ ପୁଲିସ୍ ସହ ଛକି ରହିଥିଲେ । ଏକ ବଡ ଡିଲ ହେଉଥିବାର ଖବର ପାଇ ପୁଲିସ୍ ତାର ଜାଲ ବିଛାଇଥିଲା । କିନ୍ତୁ ମୂଳବେପାରୀ ଘଟଣାାସ୍ଥଳରୁ ଖସିଯାଇଥିବା ବେଳେ ଭୁବନେଶ୍ୱରର ୨ ଯୁବକ ପୁଲସ୍ ହାତରେ ଧରାପଡିଛନ୍ତି । ଜଳେଶ୍ୱରରରୁ ବ୍ରାଉନ୍‌ସୁଗର ଚୋରାକାରବାରର ପର୍ଦ୍ଦାଫାସ୍ କରିବାପାଇଁ ପୁଲିସ୍ ଦୃଢ ପ୍ରତିଜ୍ଞବୋଲି ପ୍ରକାଶ ।

# ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦେଶାତ୍ମକବୋଧ କବିତା ପାଠ ଉତ୍ସବ



ବାଲିଆପାଳ,୧୫/୯(ନିପ୍ର)ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଓ ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଆଜି ବାଲିଆପାଳର ଘଂଟୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଦେଶାତ୍ମକବୋଧ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ଏକାଡେମୀର ରାଜ୍ୟ ସଦସ୍ୟ କାଳୀପଦ ପଣ୍ଡା ଏହି ଉତ୍ସବକୁ ଉଦଘାଟନ କରିଥିବା ବେଳେ ବରିଷ୍ଠ ରାଜନେତା ତଥା ପ୍ରାକ୍ତନ ପଂଚାୟତ ସମିତି ଅଧକ୍ଷ ଶଶଧର ପ୍ରଧାନ,ସ୍ୱାସ୍ଥ୍ୟ କେନ୍ଦ୍ର ଫାର୍ମାସିଷ୍ଟ ରତୀନ୍ଦ୍ର ପରିଡା ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ । ଉତ୍ସବର ସଂଯୋଜକ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବେଦପାଠ କରିଥିବା ବେଳେ ଗାୟକ ରମାନାଥ କର ଓ କବିୟତ୍ରୀ ଡ.କୃଷ୍ଣାକୁମାରୀ ନାୟକ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। କବିତା ପାଠ ଉତ୍ସବକୁ ତାନଶ୍ରୀ ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ ଡ.ଶ୍ରୀକାନ୍ତ ଚରଣ ପାତ୍ର, ବ୍ରଜେନ୍ଦ୍ର ନାଥ ଗିରି, ସୁକୁମାର ଦାସ,ଗଙ୍ଗାଧର ଦାସ, ଡ.ସିନ୍ଧୁ ସେନ, ଅଧ୍ୟାପକ ସୁକାନ୍ତ ଗିରି, ଡ.ରଶ୍ମିତା ପାଣିଗ୍ରାହୀ, ସେହ୍ନାଲତା ନାୟକ, ଅଞ୍ଜଳି ଶତପଥୀ, ସୁଜାତା ରଣା, ସରୋଜ କୁମାର ଦାସ, ବିଦ୍ୟାଧର ସେଠୀ, ଅଧ୍ୟାପକ ବିକାଶ ରଞ୍ଜନ ପ୍ରଧାନ, ସୁଧାକର ସେଠୀ, ଅଧ୍ୟାପକ ଦୟାନିଧି ସାହୁ, ନିରଞ୍ଜନ ବେହେରା, ସନ୍ୟାସୀ ବେହେରା, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ନିରଞ୍ଜନ ପ୍ରଧାନ, ଚନ୍ଦନ ପ୍ରଧାନ, ଶୁଭେନ୍ଦ୍ର ପ୍ରଧାନ, ନୟନ ପ୍ରଧାନ, ସୂର୍ଯ୍ୟକାନ୍ତି ବଡୋ, ଗୋପାଳ ଦଳାଇ, ଶ୍ରୀମନ୍ତ ନାୟକ, ଶମ୍ଭୁନାଥ ବଡୋ, ଭାନୁମତୀ ବେହେରା, ରାକେଶ ଦାସ, ବୀରେନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସମ୍ବାଦିକଙ୍କ ପରିବାରକୁ ମିଳିଲା ସକରାରୀ ସହାୟତା

ନୀଳଗିରି,୧୫/୦୯(ନି.ପ୍ର): ବାଲେଶ୍ୱର ଜିଲ୍ଲାର ନୀଳଗିରି ଉପଖଣ୍ଡର ଜଣେ ସରକାରୀ ସ୍ୱୀକୃତିପ୍ରାପ୍ତ ଭାବେ ସାମ୍ବାଦିକ ରତ୍ନାକର ବେହେରା କାର୍ଯ୍ୟ କରିଆସୁଥିଲେ । ସେ ଦୀର୍ଘଦିନ ଆଣ୍ଠୁ ଯନ୍ତ୍ରଣାରେ ପିଡ଼ୀତ ହୋଇଥିଲେ । ଗତବର୍ଷ କୋଭିଡ ୧୯ ସମୟରେ ଆଣ୍ଠୁ ଓ ପେଟ ଯନ୍ତ୍ରଣା ରେ ପିଡ଼ୀତା ହୋଇ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ଜିଲ୍ଲା ପ୍ରଶାସନର ସୁପାରିଶ କ୍ରମେ ଓଡ଼ିଶା ସରକାରଙ୍କର ସାମ୍ବାଦିକ କଲ୍ୟାଣ ପାଣ୍ଠି ରୁ ୪ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ଙ୍କ ତରଫରୁ ସହାୟତା ରାଶି ଯୋଗାଇ ଦିଆଯାଇଛି। ଏଥିପାଇଁ ୰ବେହେରା ଙ୍କ ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ଜିଲ୍ଲାପାଳ କେ.ଏସ.ସୁଦର୍ଶନ ଚକ୍ରବର୍ତ୍ତୀ ଓ ରାଜ୍ୟ ସୂଚନା ଲୋକସଂପର୍କ ବିଭାଗକୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ଡେଙ୍ଗୁ ରୋଗରେ ନାବାଳିକାର ମୃତ୍ୟୁ

ନୀଳଗିରି,୧୫/୦୯ (ନି.ପ୍ର): ଡେଙ୍ଗୁ ଜ୍ୱରରେ ୭ବର୍ଷର ନାବାଳିକାର ମୃତ୍ୟୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁଯାୟୀ ନୀଳଗିରି ଏନ.ଏ.ସି. ଅର୍ନ୍ତଗତ ୬ନଂ. ଓ୍ୱାର୍ଡର ମଙ୍ଗଳା ସାହି ର ବସନ୍ତ ନାୟକ ଙ୍କ ୭ବର୍ଷର ନାବାଳିକା କନ୍ୟା ଡେଙ୍ଗୁ ରୋଗରେ ପିଡ଼ୀତ ହୋଇ ହ୍ରାଇଦ୍ରାବାଦ ସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସା ହେଉଥିଲେ। ଗତକାଲି ରାତି ୮ଟା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ପ୍ରକାଶ । ମୃତ୍ୟୁ ପରେ ତାଙ୍କର ଶବକୁ ନୀଳଗିରିସ୍ଥିତ ବାସଭବନକୁ ଅଣାଯାଇ ଅନ୍ତିମ ସତ୍କାର କରାଯାଇଛି ।

# କେଶରୀୟା ହିନ୍ଦୁ ବାହିନୀର ସ୍ୱାଗତ ସମ୍ବର୍ଦ୍ଧନା



ବାରିପଦା,୧୫/୦୯ (ନି.ପ୍ର): ମୟୁରଭଞ୍ଜ କେଶରୀୟା ହିନ୍ଦୁ ବାହିନୀର ପ୍ରଥମଥର ଭାବେ ସଂସ୍ଥାପକ ପଦବୀରେ ଶ୍ରୀ ଦିଲ୍ଲୀପ କୁମାର ଦାସ ଙ୍କୁ ଦିଲ୍ଲୀ ମହାସମ୍ମିଳନି କାର୍ଯ୍ୟକ୍ରମରେ ମନୋନୀତ ହୋଇଥିବାରୁ ବାରିପଦା ଜିଲ୍ଲା କାର୍ଯ୍ୟାଳୟଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜିଲ୍ଲା ସଭାପତି ସୁବ୍ରତ ମୁଖୀ ଓ ରାଜ୍ୟ ଉପସଭାପତି ଦେବାନନ୍ଦ ଗୋସ୍ୱାମୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବା ସହ ଜିଲ୍ଲା ମହିଳା ଉପସଭାପତି ଶ୍ରୀମତୀ ଇନ୍ଦୁମତି ମହାନ୍ତି ଓ କେତେକ ବ୍ଲକ ଗୁଡିକରେ ନୂତନ ମହିଳା ସଭାପତି ଭାବେ ସୁଶୀଳା ସାମନ୍ତ ରାୟ, ତପସ୍ୱିନୀ ପଣ୍ଡା, ଅହଲ୍ୟା ପ୍ରଧାନ, ରାଜକୁମାରୀ ଜେନା, ସଂଯୁକ୍ତା ବାରିକ,ରାଜଶ୍ରୀ ସାହୁ ଏବଂ ସମ୍ପାଦକ ଭାବେ ସୁଲେଖା ଦିଆବାଗ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଅଛି। ଏଥିରେ ଉପସ୍ଥିତ ଥିବା ସେବତୀ ସେଠି, କଳ୍ପତରୁ ରାୟବାବୁ, ସୌମିତ୍ର ଘୋଷ, ମିଥୁନ ରାମ ପ୍ରମୁଖ ଥିଲେ ।

# ସାମ୍ବାଦିକ ମାନଙ୍କର ସୁରକ୍ଷା ଓ କଲ୍ୟାଣ ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ ଜରୁରୀ

## ଓଡିଶା ସାମ୍ବାଦିକ ସଂଘ (ଓଜେୟୁ)ର ଜିଲ୍ଲା ଅଧିବେଶନ ଓ ନୂତନ କମକର୍ତ୍ତା ଚୟନ



ବାରିପଦା,୧୫/୦୯ (ନି.ପ୍ର): ସାମ୍ବାଦିକ ମାନେ ଦେଶ ତଥା ସମାଜ ବ୍ୟବସ୍ଥାର ଜାଗ୍ରତ ପ୍ରହରୀ। ସେଥିପାଇଁ ଗଣ ମାଧମକୁ ସମ୍ବିଧାନର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଏ। ତେବେ ସାମ୍ପ୍ରତିକ ସମୟେର ସାମ୍ବାଦିକ ମାନଙ୍କର ସୁରକ୍ଷା ବ୍ୟବସ୍ଥା ବିପର୍ଣ୍ଣ ହେଉଥିବା ବେଳେ ସାମ୍ବାଦିକ ମାନଙ୍କର ସୁରକ୍ଷା ଓ କଲ୍ୟାଣ ପାଇଁ ସ୍ୱତନ୍ତ୍ର ନିତି ପ୍ରଣୟନର ଆବଶ୍ୟତା ରହିଛି ବୋଲି ଆଜି ପୂର୍ବାହ୍ନେର ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ)ର ମୟୂରଭଞ୍ଜ ଜିଲ୍ଲା ଅଧିବେସନ ଅବସରେର ମତ ପ୍ରକାଶ ପାଇଛି। ଅଧିବେସନେର ମୁଖ୍ୟ ଅତିଥି ଭାବେର ବାରିପଦା ଉପଖଣ୍ଡ ପୋଲିସ ଅଧିକାରୀ କେ.କେ. ହରିପ୍ରସାଦ ଯୋଗେଦଇ ସାମ୍ବାଦିକ ମାନେ ହିଁ ଲୋକଙ୍କର ଅସଲ ସମସ୍ୟାକୁ ଲୋକ ଲୋଚନକୁ ଆଣିବା ସହିତ ପ୍ରସାଶନକୁ ଲୋକଙ୍କର ସମସ୍ୟାର ସମାଧାନ ପାଇଁ ବାଟ ଦେଖାଇଥାନ୍ତି ବୋଲି କହିଥିେଲ। ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଶଶି ଭୂଷଣ ପ୍ରହରାଜ ଏହି ଅବସରେର ସାମ୍ବାଦିକ ମାନଙ୍କର ବୃତିଗତ ଓ ସାମାଜିକ ସୁରକ୍ଷା ପାଇଁ ସବୁ ସାମ୍ବାଦିକ ସଂଘ ମାନେ ସାମଗ୍ରୀକ ଭାବେର ଦାବୀ ଉପସ୍ଥାପନ କରିବା ଦରକାର ବୋଲି କହିବା ସହିତ ପ୍ରେସ କାଉଁନସିଲ ଅଫ ଇଣ୍ଡିଆ କେନ୍ଦ୍ର ସରକାରଙ୍କୁ କୋଭିଡ ସମୟେର ସାମ୍ବାଦିକ ମାନଙ୍କୁ କୋଭିଡ ଯୋଦ୍ଧା ଘୋଷଣା କରିବାକୁ ଦେଇ ଥିବା ପ୍ରସ୍ତାବକୁ ଓଡିଶା ସରକାର ସର୍ବ ପ୍ରଥେମ ପାଳନ କରି ସାମ୍ବାଦିକ ମାନଙ୍କୁ କୋଭିଡ ମୃତ୍ୟୁକାଳୀନ ସହାୟତା ୧୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରୁଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିେଲ। ଅନ୍ୟ ମାନଙ୍କ ମଧ୍ୟେର ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ସଂେଯାଜକ ବିଶ୍ୱ ରଞ୍ଜନ ପାଣିଗ୍ରାହୀ, ମୟୂରଭଞ୍ଜ ଜିଲ୍ଲା ଶାଖା ସଭାପତି ସୁବାସ ଚନ୍ଦ୍ର ମହାନ୍ତି , ପୂର୍ବତନ ସଭାପତି ମଧୁ ସୁଦନ ନନ୍ଦ ପ୍ରମୁଖ ଯୋଗେଦଇ ନିଜନିଜର ବକ୍ତବ୍ୟ ରଖିଥିେଲ। ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ ବୈଠକ ପରିଚାଳନା କରିଥିବା େବେଳ, ଜିଲ୍ଲା କାର୍ଯ୍ୟକାରଣୀ କମିଟିର କାର୍ଯ୍ୟକାଳ ସରି ଯାଇଥିବାରୁ ଏହି ଅବସରେର ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ମୟୂରଭଞ୍ଜ ଜିଲ୍ଲା ଶାଖାର ନୂତନ କମର୍କର୍ତା ଚୟନ ହୋଇଯାଇଛି। ନୂତନ କମର୍କର୍ତା ମାନଙ୍କ ମଧ୍ୟେର ଅଭ୍ୟଥର୍ନା କମିଟି ଅଧକ୍ଷ ଭାବେର ସୁବାସ ଚନ୍ଦ୍ର ମହାନ୍ତି, ସଦଶ୍ୟ ଭାବେର ଆର୍ଯ୍ୟଭ... ମହାନ୍ତି, ସୁକାନ୍ତ ଜୀଉ, ବିଦ୍ୟାଧର ପଣ୍ଡିତ, ଜିଲ୍ଲା ସଭାପତି ଭାବେର ରଞ୍ଜନ କୁମାର ଦାଶ, ଉପସଭାପତି ଭାବେର ବିଷ୍ଣୁଚରଣ ପୁଥାଳ, ବିନ୍ଦୁସାର ଦାଶ, ଦୋଳେଗାବିନ୍ଦ ବାରିକ, ଜିଲ୍ଲା ସମ୍ପାଦକ ଅଭିଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ଚିତ ରଞ୍ଜନ ଜେନା, ମାଣିକ ହେମ୍ବ୍ରମ, ରଞ୍ଜନ କୁମାର ମହାନ୍ତି, ପ୍ରିୟ ବ୍ରତ ମିଶ୍ର, କୋଷାଧକ୍ଷ ଭାବେର ଶ୍ରୀକାନ୍ତ ରାଉତ ଏବଂ କାର୍ଯ୍ୟକାରୀ କମିଟି ସଦଶ୍ୟ ଭାବେର ସୁବ୍ରତ ପ୍ରଧାନ, ଲକ୍ଷ୍ମଣ କୁମାର ଜେନା, ସେନ୍ତାଷ ବରଜ, ଦେବେନ୍ଦ୍ର ଦାସ, ଅକ୍ଷୟ କୁମାର ମହାନ୍ତି, ବିମଳ କୁମାର ସେନାପତି ପ୍ରମୁଖ ଚୟନ ହୋଇଛନ୍ତି। ଶେଷେର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ପ୍ରହରାଜ ନବ ନିଯୁକ୍ତ ଜିଲ୍ଲା କମର୍କର୍ତା ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂବର୍କ ସ୍ୱାଗତ ଜଣାଇଛନ୍ତି। ଆଗକୁ ଜିଲ୍ଲାେର କାର୍ଯ୍ୟକାରିଣୀ ବୈଠକ ଡକାଯାଇ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜଣା ଯାଇଛି।

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
***RURAL WORKS DIVISION-II, BALASORE.***
eerw2_balasore@yahoo.co.in
*"e" Procurement Notice for Road Signage Works*
*Identification Online Tender 07/RWD-II / 2021-22 Dtd.08.09.2021*

1. Name of the Work :- Road Signage Work as per Annexure
2. Total Number of Works :- 07 Nos
3. Approximate Estimated Cost :- 8.44 to 11.69 lakhs
4. Class of Contractor :- 'D' & 'C" Class
5. Period of Completion :- As Per Annexure
6. Other details : - The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Bid (Single cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Balasore | 07 | 18.09.2021 at 5.00 P.M. | 22.09.2021 up to 5.00 P.M | 21.09.2021 up to 5.00 P.M | 23.09.2021 at 11.00 AM |

7. **Further details can be seen from the e-procurement portal "https:// www.tendersorissa.gov.in"**
8. Any other changes / Corrigendum may be seen only in website www.tendersorissa.gov.in

**Executive Engineer**
**R.W. Division-II,Balasore.**

OIPR : 25052/11/0007/2122

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo